ମଥୁରାମଙ୍ଗଳ

ଭକ୍ତଚରଣ ଦାସ

ଗ୍ରନ୍ଥମନ୍ଦିର

Digitized by srujan ka@gmail.com

ମଥୁରାମଙ୍ଗଳ

ଭକ୍ତଚରଣ ଦାସ

ସମ୍ପାଦନା:

ଅଧ୍ୟାପକ ଶ୍ରୀଧର ଦାସ, ଏମ୍. ଏ., ଡି. ଲିଟ୍.

ଗ୍ରନ୍ଥ ମନ୍ଦିର

କଟକ ୨ : ବ୍ରହ୍ମପୁର

Digitized by srujan ka@gmail.com

ପ୍ରକାଶକ:
ଅଭିରାମ ମହାପାତ୍ର
ଗ୍ରନ୍ଥ ମନ୍ଦିର
କଟକ ୨ : ବ୍ରହ୍ମପୁର

ମୁଦ୍ରକ :
ପଣ୍ଡିତ ଭୁବନେଶ୍ୱର ମିଶ୍ର
ପ୍ରଜ୍ଞା ପ୍ରେସ
କଟକ—୧

ପ୍ରଥମ ସଂସ୍କରଣ
ଜୁନ୍ ୧୯୬୭

ମୂଲ୍ୟ—ଦୁଇଟଙ୍କା ମାତ୍ର

Digitized by srujan ka@gmail.com

ସୂଚୀ

ବିଷୟ		ପୃଷ୍ଠା
୧ ।	ଭକ୍ତଚରଣଙ୍କ ପରିଚୟ	୧
୨ ।	ଭକ୍ତଚରଣଙ୍କ ଶିକ୍ଷା	୨
୩ ।	ଭକ୍ତଚରଣଙ୍କ ରଚନାବଳୀ	୩
୪ ।	ମଥୁରାମଙ୍ଗଳ ନାମକରଣର ଯାଥାର୍ଥ୍ୟ	୪
୫ ।	କବିଙ୍କର ଭକ୍ତିମତ	୭
୬ ।	ମଥୁରାମଙ୍ଗଳରେ ରସସମାବେଶ	୧୧
୭ ।	କବିଙ୍କର ଧର୍ମମତ ଓ ଜୀବନଦର୍ଶନ	୧୪
୮ ।	ମଥୁରାମଙ୍ଗଳର ରଚନାଶୈଳୀ	୧୯
୯ ।	କବିଙ୍କର ବହୁଶାସ୍ତ୍ରଦର୍ଶିତା	୨୪
୧୦ ।	ମଥୁରାମଙ୍ଗଳରେ ଉତ୍କଳର ସମାଜଚିତ୍ର	୨୯
୧୧ ।	ଚରିତ୍ର ଚିତ୍ରଣ—(କ) ଶ୍ରୀକୃଷ୍ଣ	୩୨
	(ଖ) କଂସ	୩୭
	(ଗ) ଯଶୋଦା	୪୦
୧୨ ।	ମଥୁରାମଙ୍ଗଳର ବିଷୟ ସୂଚୀ	୪୩
୧୩ ।	ପ୍ରଥମ ଛାନ୍ଦ	୧
୧୪ ।	ଦ୍ୱିତୀୟ ଛାନ୍ଦ	୧୮
୧୫ ।	ତୃତୀୟ ଛାନ୍ଦ	୨୭
୧୬ ।	ଦଶମ ଛାନ୍ଦ	୩୩
୧୭ ।	ଏକାଦଶ ଛାନ୍ଦ	୩୮
୧୮ ।	ପଞ୍ଚଦଶ ଛାନ୍ଦ	୪୨
୧୯ ।	ଏକବିଂଶ ଛାନ୍ଦ	୪୯
୨୦ ।	ଦ୍ୱାବିଂଶ ଛାନ୍ଦ	୬୨
୨୧ ।	ତ୍ରୟୋବିଂଶ ଛାନ୍ଦ	୬୩

Digitized by srujan ka@gmail.com

ଭକ୍ତଚରଣଙ୍କ ପରିଚୟ

ଓଡ଼ିଶାର ଅଧିକାଂଶ କବିଙ୍କ ଭଳି ଭକ୍ତଚରଣ ନିଜର କୃତିମାନଙ୍କରେ ଆତ୍ମପରିଚୟ ଦେଇନାହାନ୍ତି । ପ୍ରଚଳିତ କିମ୍ବଦନ୍ତୀ ଓ ଆଭ୍ୟନ୍ତରୀଣ ପ୍ରମାଣବଳରେ ତାଙ୍କ ସମ୍ବନ୍ଧରେ ଯାହା ଜଣାଯାଏ ତାହା ଅତି ସାମାନ୍ୟ । ବହୁକାଳ ଧରି ମନବୋଧ ଚଉତିଶା ଓ ମଥୁରାମଙ୍ଗଳ ଓଡ଼ିଶାର ଘରେ ଘରେ ପଠିତ ହେଉଥିଲେହେଁ ତାଙ୍କର ଜୀବନୀ ସଂଗ୍ରହ କରିବା ଦିଗରେ ବିଶେଷ ଉଦ୍ୟମ ହୋଇନାହିଁ । ହଣ୍ଟର ସାହେବଙ୍କ ମତରେ ଭକ୍ତଚରଣ ପ୍ରାୟ ୧୭୨୨ ଖ୍ରୀଷ୍ଟାବ୍ଦ ବେଳକୁ ବିଦ୍ୟମାନ ଥିଲେ । ସ୍ୱର୍ଗତ ଅଧ୍ୟାପକ ଆର୍ତ୍ତବଲ୍ଲଭ ବିଭିନ୍ନ ଦିଗରୁ ଆଲୋଚନା କରି କହିଅଛନ୍ତି ଯେ "ଭକ୍ତଚରଣ ୧୭୫୦ ରୁ ୧୭୭୦ ସାଲରେ ଜୀବିତ ଥିବା ସମ୍ଭବପର ।" ତାଙ୍କର ଗଣନା ଅନୁସାରେ ଭକ୍ତଚରଣ ୧୭୨୯ ସାଲରେ ଜନ୍ମଗ୍ରହଣ କରିଥିଲେ ଓ ୧୮୦୦ ସାଲ ପରେ ମଧ୍ୟ କିଛିକାଳ ଜୀବିତ ଥିଲେ । ମଥୁରାମଙ୍ଗଳ ରଚନାର ସମୟ "୧୭୭୪-୧୭୭୫ ସାଲର ପାଖାପାଖି ।"

ଗାର୍ହସ୍ଥ୍ୟ ଜୀବନରେ ତାଙ୍କର ନାମ ଥିଲା ବୈରାଗୀଚରଣ ପଟ୍ଟନାୟକ । ସନ୍ନ୍ୟାସ ଗ୍ରହଣ କରିବା ପରେ ସେ ଭକ୍ତଚରଣ ନାମ ଓ ଚରଣଙ୍କ ଦାସ ଉପାଧି ଗ୍ରହଣ କରିଥିଲେ । ଖୋର୍ଦ୍ଧାର ସାନପଦର, ବାଣପୁର, ରଣପୁରର ସୁନାଖଳା ଓ ଦଶପଲ୍ଲାରେ ସେ ମଠ ସ୍ଥାପନ କରିଥିଲେ । ଦଶପଲ୍ଲାର ରାଜା କୌଣସି କାରଣରୁ ଭକ୍ତଚରଣଙ୍କ ପ୍ରତି କ୍ରୁଦ୍ଧ ହୋଇ ତାଙ୍କ ଇଷ୍ଟଦେବତା ବୃନ୍ଦାବନ-ଚନ୍ଦ୍ରଙ୍କୁ ନଦୀଗର୍ଭରେ ଫିଙ୍ଗି ଦେଇଥିଲେ । ସୁନାଖଳାରେ ମଠ ସ୍ଥାପନ

Digitized by srujan ka@gmail.com

କରିବା ପରେ ସେ କପା ଗର୍ଭରୁ ଇଷ୍ଟଦେବଙ୍କୁ ଉଦ୍ଧାର କରି ସୁନା-ଖଳା ମଠରେ ପ୍ରତିଷ୍ଠା କରିଥିଲେ । ଏହି ସୁନାଖଳାରେ ହିଁ ତାଙ୍କର ଜୀବନର ଅଧିକାଂଶ ଅତିବାହିତ ହୋଇଥିଲା । ମୃତ୍ୟୁକାଳ ନିକଟବର୍ତ୍ତୀ ହେବାର ଜାଣିପାରି ସେ ପୁରୁଷୋତ୍ତମ କ୍ଷେତ୍ରକୁ ଚାଲି ଯାଇଥିଲେ ଏବଂ ସେହିଠାରେ ପ୍ରାୟ ୮୫ ବର୍ଷ ବୟସରେ ଦେହ ତ୍ୟାଗ କରିଥିଲେ । ଶ୍ରୀଯୁକ୍ତ ଗୌରିକୁମାର ବ୍ରହ୍ମା ଆର୍ଯ୍ୟବାବୁଙ୍କ ସେହି ପ୍ରମାଣ ଉପରେ ନିର୍ଭର କରି ସ୍ଥିର କରିଛନ୍ତି ଯେ ଭକ୍ତଚରଣ "୧୭୪୩ରେ ଭୂମିଷ୍ଠ ହୋଇ ୧୮୨୮ରେ ଇହଲୀଳା ସମ୍ବରଣ କରିଥିଲେ ।"

କବିଙ୍କର ଜନ୍ମ ଓ ମୃତ୍ୟୁର ସାଲ ଠିକ୍ ସ୍ଥିର ହୋଇ ପାରି ନ ଥିଲେହେଁ ସେ ଯେ ଦୀନକୃଷ୍ଣଙ୍କ ରସକଲ୍ଲୋଳ ରଚନା ପରେ ପରେ ମଥୁରାମଙ୍ଗଳ ରଚନା କରିଥିଲେ ଏହା ନିଃସନ୍ଦେହ । ମଥୁରା-ମଙ୍ଗଳରେ କେତେକ ସ୍ଥଳରେ ରସକଲ୍ଲୋଳର ପ୍ରଭାବ ସୁସ୍ପଷ୍ଟ ।

କବିଙ୍କର ଶିକ୍ଷା

ପ୍ରାଚୀନ ଓଡ଼ିଶାରେ ଆଧୁନିକ ଯୁଗ ପରି ସ୍କୁଲ କଲେଜ ଅବଶ୍ୟ ନ ଥିଲା; କିନ୍ତୁ ଶିକ୍ଷାଦୀକ୍ଷାରେ ଏହାର ସ୍ଥାନ ଉଚ୍ଚ ଥିଲା । ପ୍ରାୟ ପ୍ରତ୍ୟେକ ଗ୍ରାମରେ ପାଠଶାଳା ଥିଲା ଓ ତହିଁରେ ପ୍ରାଥମିକ ଶିକ୍ଷା ଦିଆଯାଉଥିଲା । ଏହି ଶିକ୍ଷା ପ୍ରଧାନତଃ ଧର୍ମ ଓ ନୀତିମୂଳକ ଥିଲା । ଏହାଛଡ଼ା ବଡ଼ ବଡ଼ ଗ୍ରାମମାନଙ୍କରେ ସଂସ୍କୃତ ଶିକ୍ଷାର ବ୍ୟବସ୍ଥା ଥିଲା । କାବ୍ୟ, ବ୍ୟାକରଣ, ଦର୍ଶନ ପ୍ରଭୃତି ଶିକ୍ଷା ଦିଆଯାଉଥିଲା । ଓଡ଼ିଶାର ଅଧିକାଂଶ ପ୍ରାଚୀନ କବି ସଂସ୍କୃତରେ ସୁପଣ୍ଡିତ ଥିବାର ପରିଚୟ ମିଳେ । ଭକ୍ତଚରଣଙ୍କର ପୂର୍ବବର୍ତ୍ତୀ କବି ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ, କାର୍ତ୍ତିକ ଦାସ, ଶିଶୁଶଙ୍କର ପ୍ରଭୃତିଙ୍କ କୃତି ପାଠକଲେ

Digitized by srujan ka@gmail.com

ସେମାନଙ୍କର ସଂସ୍କୃତରେ ଗଭୀର ପାଣ୍ଡିତ୍ୟ ଥିବାର ଜଣାଯାଏ । ସଂସ୍କୃତ କାବ୍ୟମାନଙ୍କରେ ତଥା ପୁରାଣମାନଙ୍କରେ ସେମାନଙ୍କର ଗଭୀର ପ୍ରବେଶ ଥିଲା । ଆମ୍ଭମାନଙ୍କର ଆଲୋଚ୍ୟ କବି ଭକ୍ତଚରଣ ମଧ୍ୟ ସଂସ୍କୃତ କାବ୍ୟ, ନାଟକ, ଅଳଙ୍କାର ପ୍ରଭୃତି ଅଧ୍ୟୟନ କରିଥିବାର ଜଣାଯାଏ । ମାତ୍ର ସେ କେବେ କାହାଠାରୁ ଶିକ୍ଷା ଲାଭ କରିଥିଲେ ତାହା ଜାଣିବାର ଉପାୟ ନାହିଁ । ତାହାଙ୍କର ରଚନାମାନଙ୍କରୁ ଜଣାଯାଏ ଯେ ସେ ସଂସ୍କୃତ କାବ୍ୟାଳଙ୍କାରାଦି ବ୍ୟତୀତ ତାଙ୍କ ସମୟର ସୁପ୍ରଚଳିତ ଓଡ଼ିଆ କାବ୍ୟମାନ ବିଶେଷତଃ ଉପେନ୍ଦ୍ରଭଞ୍ଜ ଓ ଦୀନକୃଷ୍ଣଦାସଙ୍କ ରଚନାମାନ ଉତ୍ତମରୂପେ ପାଠ କରିଥିଲେ । ଦୀନକୃଷ୍ଣଙ୍କ ରସକଲ୍ଲୋଳର ପ୍ରଭାବ ଭକ୍ତଚରଣଙ୍କର ମଥୁରାମଙ୍ଗଳରେ ସୁସ୍ପଷ୍ଟ । ସଂସ୍କୃତ ଭାଗବତ ତଥା ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଓ ଅଚ୍ୟୁତାନନ୍ଦଙ୍କ ହରିବଂଶ ସେ ଉତ୍ତମ ରୂପେ ଅଧ୍ୟୟନ କରିଥିଲେ ବୋଲି ଅନୁମାନ କରିବାର ଯଥେଷ୍ଟ କାରଣ ଅଛି । ଅଳଙ୍କାର ଶାସ୍ତ୍ରରେ ମଧ୍ୟ ସେ କୃତିତ୍ୱ ଅର୍ଜନ କରିଥିଲେ । ଅବଶ୍ୟ ତାହାଙ୍କ ରଚନାମାନଙ୍କରେ ଉପେନ୍ଦ୍ରଭଞ୍ଜଙ୍କର ଶବ୍ଦାଡ଼ମ୍ବର ଓ ଅଳଙ୍କାରବାହୁଲ୍ୟ ଦେଖାଯାଏ ନାହିଁ । କିନ୍ତୁ ସେ ଯେପରି ଅନୁପ୍ରାସ, ଉପମା, ରୂପକ, ଉତ୍ପ୍ରେକ୍ଷା ପ୍ରଭୃତି ଅଳଙ୍କାରର ସୃଷ୍ଟି ଓ ସଂଯତ ବ୍ୟବହାର କରିଅଛନ୍ତି, ତାହା ତାଙ୍କର ଅଳଙ୍କାର ଜ୍ଞାନର ସୁସ୍ପଷ୍ଟ ପରିଚୟ ଦିଏ ।

ଭକ୍ତଚରଣଙ୍କ ରଚନାବଳୀ

ଓଡ଼ିଶାର ଅନେକ ପ୍ରାଚୀନ କବିଙ୍କର ରଚନାବଳୀ ଲୋକଲୋଚନକୁ ଆସି ପାରିନାହିଁ । ସେଥିମଧ୍ୟରୁ କେତେକ ଚିରକାଳ ପାଇଁ ବିଲୁପ୍ତ ହେଲେଣି । ଭକ୍ତଚରଣ ଓଡ଼ିଶାର ଜଣେ

Digitized by srujan ka@gmail.com

ଲୋକପ୍ରିୟ କବି । ତାଙ୍କର କଳାକଳେବର ଚଉତିଶା, ମନବୋଧ ଚଉତିଶା ଓ ମଥୁରାମଙ୍ଗଳ ସୁଦୀର୍ଘ କାଳ ପର୍ଯ୍ୟନ୍ତ ଗ୍ରାମ୍ୟ ପାଠଶାଳାମାନଙ୍କରେ ପ୍ରଧାନ ପାଠ୍ୟରୂପେ ପ୍ରଚଳିତ ଥିଲା । ଏତଦ୍‌ବ୍ୟତୀତ ସେ ଗୋପମଙ୍ଗଳ, ମନଃଶିକ୍ଷା ଓ ଦୁଇଟି ବୈଦ୍ୟଶାସ୍ତ୍ର ରଚନା କରିଥିଲେ । ବୈଦ୍ୟଶାସ୍ତ୍ର ଦୁଇଟି ଅଦ୍ୟାବଧି ଅପ୍ରକାଶିତ, ଗୋପମଙ୍ଗଳ କାବ୍ୟଟି ମଧ୍ୟ ଲୁପ୍ତପ୍ରାୟ ବୋଲି ଅନୁମାନ ହୁଏ । ତାଙ୍କର ଏହି ରଚନାମାନଙ୍କରୁ ଜଣାଯାଏ ଯେ ସେ ଜଣେ ଭକ୍ତିପରାୟଣ ଲେଖକ ଥିଲେ ଏବଂ କବିରାଜ ବିଦ୍ୟାରେ ମଧ୍ୟ ତାଙ୍କର ଦକ୍ଷତା ଥିଲା । ଉକ୍ତ ଚଉତିଶା ଦ୍ୱୟ ଓ ମଥୁରାମଙ୍ଗଳ ତାଙ୍କ ଭକ୍ତିମତ୍ତା ଓ ଧର୍ମଭାବର ପରିଚୟ ଦିଏ ।

'ମଥୁରାମଙ୍ଗଳ' ନାମକରଣର ଯାଥାର୍ଥ୍ୟ

'ମଥୁରାମଙ୍ଗଳ' ନାନା ରସରେ ବିମଣ୍ଡିତ ହେଲେହେଁ ଏହା ମୁଖ୍ୟତଃ ବିପ୍ରଲମ୍ଭ ଶୃଙ୍ଗାର ରସାଶ୍ରିତ କାବ୍ୟ, ସେ ପୁଣି କରୁଣ ରସ ମୂର୍ଚ୍ଛିତ । ଏଥିରେ ଶ୍ରୀକୃଷ୍ଣଙ୍କର ଜନ୍ମଠାରୁ କଂସ ବଧ ପର୍ଯ୍ୟନ୍ତ ବିଷୟ ବର୍ଣ୍ଣିତ ହୋଇଥିଲେହେଁ ଶ୍ରୀକୃଷ୍ଣଙ୍କ ମଥୁରାଗମନରେ ଗୋପୀମାନଙ୍କର ବିରହ ବେଦନା ବିଶେଷ ଭାବରେ ବର୍ଣ୍ଣିତ ହୋଇଅଛି । ତେଣୁ ପାଠକ ମନରେ ସ୍ୱତଃ ଗୋଟିଏ ପ୍ରଶ୍ନ ଉଦିତ ହୁଏ—କବି ଗ୍ରନ୍ଥଟିର ମଥୁରାମଙ୍ଗଳ ନାମକରଣ କଲେ କାହିଁକି ?

ଓଡ଼ିଆ ସାହିତ୍ୟରେ 'ମଙ୍ଗଳ' କାବ୍ୟ ଏକାନ୍ତ ବିରଳ ନୁହେଁ । ବଙ୍ଗଳାରେ ମନସାମଙ୍ଗଳ ପରି ଓଡ଼ିଆରେ ଘନକୃଷ୍ଣ ଦାସ 'ମଧୁମଙ୍ଗଳ' ବୋଲି ଏକ କାବ୍ୟ ଲେଖିଥିଲେ । ଏହା ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇ ପ୍ରସିଦ୍ଧ ରସକଲ୍ଲୋଳ କାବ୍ୟର ଆକାର ଧାରଣ କରିଥିଲା । କବି ଦୁଃଖୀଶ୍ୟାମ ଦାସ ମଧ୍ୟ 'ମଧୁମଙ୍ଗଳ'

Digitized by srujan ka@gmail.com

ନାମକ ଏକ କାବ୍ୟ ଲେଖିଥିଲେ । ସ୍ୱୟଂ ଭକ୍ତଚରଣ 'ଗୋପମଙ୍ଗଳ' ନାମରେ ଅନ୍ୟ ଗୋଟିଏ କାବ୍ୟ ଲେଖିଥିବାର ଶୁଣାଯାଏ । କଂସର ବଧଦ୍ୱାରା ମଥୁରାର ମଙ୍ଗଳ ବିଧାନ ଏହି ଗ୍ରନ୍ଥରେ ପ୍ରତିପାଦିତ ହୋଇ ଥିବାରୁ କବି ଏହାର ନାମ 'ମଥୁରାମଙ୍ଗଳ' ଦେଇଥିବା ସମୀଚୀନ ବୋଧହୁଏ । ଗୋପ, ମଥୁରା ଓ ଦ୍ୱାରକା ଏହି ତିନୋଟି ଶ୍ରୀକୃଷ୍ଣଙ୍କର ପ୍ରଧାନ ଲୀଳାକ୍ଷେତ୍ର । ସେଥିମଧ୍ୟରୁ ଗୋପରେ ଶ୍ରୀକୃଷ୍ଣଙ୍କର ମାଧୁର୍ଯ୍ୟ ଲୀଳା ଓ ଦ୍ୱାରକାରେ ଐଶ୍ୱର୍ଯ୍ୟଲୀଳା ପ୍ରକଟିତ । କିନ୍ତୁ ମଥୁରାରେ ଏହି ଉଭୟର ସମନ୍ୱୟ ଘଟିଥିବାରୁ ମଥୁରାର ଗୁରୁତ୍ୱ ଅଧିକ । ତେଣୁ ମଥୁରାମଙ୍ଗଳ ନାମକରଣ ଯଥାର୍ଥ ହୋଇଛି ବୋଲି କୁହାଯାଇ ପାରେ ।

ଯେ କୌଣସି କାବ୍ୟ ବା ନାଟକର ନାମକରଣ କଲାବେଳେ କବି ନାୟକ ନାୟିକାଙ୍କର କାର୍ଯ୍ୟାବଳୀ ବା ଗ୍ରନ୍ଥର ବିଷୟବସ୍ତୁ ପ୍ରତି ଲକ୍ଷ୍ୟ ରଖିଥାଆନ୍ତି । ଏହି ହେତୁରୁ ଅନେକ କାବ୍ୟ ଓ ନାଟକ ନାୟକ ବା ନାୟିକାଙ୍କର ନାମ ଅନୁସାରେ ନାମିତ ହୋଇଥିବାର ଦେଖାଯାଏ । ସ୍ଥଳ ବିଶେଷରେ କାବ୍ୟର ସମଗ୍ର ବିଷୟ ବା କୌଣସି ବିଶିଷ୍ଟ ଅଂଶ ଉପରେ ଲକ୍ଷ୍ୟ ରଖି ନାମକରଣ ହୋଇଥାଏ । ମଥୁରାମଙ୍ଗଳ କାବ୍ୟର ପ୍ରଥମ ଛାନ୍ଦରେ କଂସ ରାମ କୃଷ୍ଣଙ୍କୁ ମଥୁରାକୁ ଆଣାଇବାର କଳ୍ପନା କରି ନନ୍ଦଙ୍କ ନିକଟକୁ ପତ୍ରଲେଖିବା ବର୍ଣ୍ଣିତ । ପରବର୍ତ୍ତୀ ଛାନ୍ଦମାନଙ୍କରେ ଅକ୍ରୂରର ଗୋପପୁର ଗମନ, ନନ୍ଦଙ୍କୁ ପତ୍ର ପ୍ରଦାନ, ରାମ କୃଷ୍ଣଙ୍କ ମଥୁରା ଯାତ୍ରା ସମ୍ବାଦରେ ଗୋପୀମାନଙ୍କର ବିଳାପ, ମାତା ଯଶୋଦାଙ୍କର ବିଳାପ, ଗମନୋଦ୍ୟତ କୃଷ୍ଣଙ୍କ ଦର୍ଶନରେ ଗୋପୀମାନଙ୍କର କାତର ବିଳାପ, ଶ୍ରୀକୃଷ୍ଣଙ୍କ ମଥୁରା ପ୍ରସ୍ଥାନରେ ଗୋପୀମାନଙ୍କର ଦୁର୍ଦ୍ଦଶା, ପଥ ମଧ୍ୟରେ ଶ୍ରୀକୃଷ୍ଣଙ୍କର ଅକ୍ରୂରଙ୍କୁ ମାୟା ପ୍ରଦର୍ଶନ, ମଥୁରା ରମଣୀମାନଙ୍କର ଶ୍ରୀକୃଷ୍ଣ ଦର୍ଶନ

Digitized by srujan ka@gmail.com

ଲାଗି ବ୍ୟାକୁଳତା, ଶ୍ରୀକୃଷ୍ଣଙ୍କ ଦ୍ୱାରା ରଜକବଧ, ଧନୁର୍ଭଙ୍ଗ, କୁବଳୟା ବଧ, ଚାଣୂର ବଧ, କଂସ ବଧ ବର୍ଣ୍ଣିତ ହୋଇଅଛି । ଶେଷ କେତୋଟି ଛାନ୍ଦରେ ଶ୍ରୀକୃଷ୍ଣଙ୍କର ଉଦ୍ଧବଙ୍କୁ ଗୋପୀମାନଙ୍କ ନିକଟକୁ ପ୍ରେରଣ ଓ ଗୋପୀ ଉଦ୍ଧବଙ୍କର କଥୋପକଥନ ବର୍ଣ୍ଣିତ ହୋଇଅଛି । ଏଥିରୁ ଜଣାପିବ ଯେ ଗ୍ରନ୍ଥଟି ଆମୂଳଚୂଳ ଶ୍ରୀକୃଷ୍ଣଙ୍କ ମଥୁରାଲୀଳାରେ ପରିପୂର୍ଣ୍ଣ । ତେଣୁ ପୁସ୍ତକଟିର 'ମଥୁରାମଙ୍ଗଳ' ନାମକରଣ ଯେ ଯଥାର୍ଥ ହୋଇଅଛି, ଏହା କହିବା ବାହୁଲ୍ୟ ମାତ୍ର ।

ଯେତେବେଳେ ପୃଥିବୀରେ ପାପଭାରର ବୃଦ୍ଧିପାଏ, ଧର୍ମର ଗ୍ଲାନି ଉପସ୍ଥିତ ହୁଏ, ସେତେବେଳେ ଭଗବାନ୍ ଅବତାର ଗ୍ରହଣ କରି ପୃଥିବୀରେ ଧର୍ମର ପୁନଃ ପ୍ରତିଷ୍ଠା କରିଥାନ୍ତି ।

ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାଂ
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।

ମଥୁରା ନଗରୀ କଂସର ଅତ୍ୟାଚାରରେ ନିପୀଡ଼ିତ ହେଉଥିଲା ତାହାର ସୂଚନା ଦେଇ ଭକ୍ତଚରଣ ଲେଖିଅଛନ୍ତି ଯେ, ସେ—

"ବାହୁବଳେ ପୃଥିବୀ ଆହେ ଜିଣିଲା
ନୃପବରମାନଙ୍କୁ ବିନାଶିଲା ।
ଗୋରୁ ବ୍ରାହ୍ମଣଙ୍କୁ ଦେଲା କଷଣ
ଡରେ ଦେବତା ପଶିଲେ ଶରଣ
ଧର୍ମ ନାଶି ଅଧର୍ମ କର୍ମ କଲା
ଭିନ୍ନ ଭିନ୍ନ ଜୀବଙ୍କୁ ଦୁଃଖ ଦେଲା ।

ଅତଏବ କଂସର ନିଧନ ସାଧନ କରି ଧର୍ମର ପୁନଃ ପ୍ରତିଷ୍ଠା ହେଲା କୃଷ୍ଣ ଅବତାରର ମୁଖ୍ୟ ଉଦ୍ଦେଶ୍ୟ । କଂସର ବିନାଶରେ ମଥୁରାର ମଙ୍ଗଳ ସାଧନ ନିଶ୍ଚିତ । ଗ୍ରନ୍ଥଟିରେ ଏହି କଂସ ନିଧନ ବର୍ଣ୍ଣିତ ହୋଇଥିବାରୁ ମଥୁରାମଙ୍ଗଳ ନାମକରଣ ସାର୍ଥକ ହୋଇଅଛି

———

Digitized by srujan ka@gmail.com

ଭକ୍ତଚରଣଙ୍କ ଭକ୍ତିମତ୍ତା

ଭକ୍ତଚରଣଙ୍କ ପୂର୍ବରୁ କାଳ୍ପନିକ କାବ୍ୟର ବହୁଳ ପ୍ରଚାର ଘଟିଥିଲେହେଁ ସେ କାଳ୍ପନିକ କାବ୍ୟ ଲେଖିବାର ପ୍ରୟାସ ନ କରି ପୁରାଣର ବିଷୟ ଅବଲମ୍ବନରେ କାବ୍ୟ ଲେଖିଅଛନ୍ତି । ତାଙ୍କର ମନବୋଧ ଚଉତିଶା ପାଠ କଲେ ଜଣାଯାଏ ଯେ ସେ ସଂସାରର ନଶ୍ୱରତା ମର୍ମେ ମର୍ମେ ଅନୁଭବ କରିଥିଲେ ଏବଂ କୃଷ୍ଣନାମ କୀର୍ତ୍ତନ କରି ଜୀବନକୁ ସାର୍ଥକ କରିବାରେ ପ୍ରୟାସୀ ଥିଲେ । ଶ୍ରୀକୃଷ୍ଣଙ୍କ ଠାରେ ସେ ଆତ୍ମସମର୍ପଣ କରିଥିଲେ ଏବଂ ତାଙ୍କର ଲୀଳାକଳାପର ବର୍ଣ୍ଣନାରେ ମୁଖର ହୋଇ ଉଠିଥିଲେ । କଳାକଳେବର ଚଉତିଶା ତଥା ମଥୁରାମଙ୍ଗଳରେ ସେ ଶ୍ରୀକୃଷ୍ଣଙ୍କ କ୍ରୀଡ଼ାକଳାପ ବର୍ଣ୍ଣନାରେ ଏକବାରେ ତନ୍ମୟ ହୋଇ ଯାଇଥିବାର ଦେଖାଯାଏ । ବିଷୟ ବର୍ଣ୍ଣନା ବେଳେ କବି କଳ୍ପନାନେତ୍ରରେ ବିଷୟ ଅନୁଭବ କଲାପରି ଲେଖିଅଛନ୍ତି । ଗୋପୀମାନେ ଶ୍ରୀକୃଷ୍ଣଙ୍କ ମଥୁରାଗମନ କାଳରେ କାନ୍ଦୁଥିବାବେଳେ—

ଚରଣ ଧରି ଭକ୍ତ ଦାସ କାନ୍ଦଇ
ବେଢ଼ି କାନ୍ଦନ୍ତି ସକଳ ଜନ ହେ ମୋହନ । (୫।୨୭)

ଉଦ୍ଧବ ନନ୍ଦଙ୍କ ଗୃହରେ ପ୍ରବେଶ କରି ସ୍ନାନ ଭୋଜନ ସମାପନାନ୍ତେ ଶୟନ କରିବାକୁ ଗଲେ । ଏହା ବର୍ଣ୍ଣନା କଲାବେଳେ କବି ଲେଖିଅଛନ୍ତି—

ହେମ ଜଡ଼ିତ ପଲଙ୍କରେ ଶୋଇଲେ ସୁମରି ନନ୍ଦନନ୍ଦନ ସେକାଳେ
ଭକ୍ତ ଚରଣ ବସିଲା ତଳେ
ପାଦ ଚିପଇ ଆନନ୍ଦ ଭୋଳେ ସେ
ସାଧୁ ସେବଇ କି ଭାଗ୍ୟବଳେ ସେ । (୨୮।୨୯)

ଏଥିରୁ କବିଙ୍କର ଭକ୍ତିମତ୍ତାର ଆଭାସ ମିଳେ ।

Digitized by srujan ka@gmail.com

କାବ୍ୟରେ କବି ଜୀବନର ଅଭିବ୍ୟକ୍ତି ହୋଇଥାଏ । ମଥୁରା-ମଙ୍ଗଳର ନାନାସ୍ଥଳରେ କବିଙ୍କ ଜୀବନର ଅଭିଳାଷ ସୂଚିତ ହୋଇ-ଅଛି । ବିଷୟାସକ୍ତିଠାରୁ ସେ ବହୁଦୂରରେ ଥିଲେ । କେବଳ ଶ୍ରୀକୃଷ୍ଣଙ୍କଠାରେ ଭକ୍ତିକରି ତାଙ୍କ ଚରିତ ବର୍ଣ୍ଣନା କରିବାରେ ଓ ତାଙ୍କୁ ଭଜିବାରେ ସେ ଆନନ୍ଦ ଅନୁଭବ କରୁଥିଲେ । ମଥୁରାମଙ୍ଗଳର ପ୍ରଥମ ଛାନ୍ଦରେ ସେ ଲେଖିଅଛନ୍ତି—

ଆଉ ସମ୍ପଦେ ନାହିଁ ପ୍ରୟୋଜନ
ଭକ୍ତି ଧନେ ମୋ ଦାରିଦ୍ର ଜୀବନ ॥
ସୁଜ୍ଞ ଜନଙ୍କ ମୁଖରୁ ଶୁଣିଲି
କୃଷ୍ଣ ଭଜିଲେ ତରନ୍ତି ଜାଣିଲି

× × ×

କୃଷ୍ଣ ଚରିତ ଅମୃତ ବାରିଧି
କଳିକଳୁଷ ରୋଗକୁ ଔଷଧି ।
ତହୁଁ କିଛି ପ୍ରସଙ୍ଗରେ କହିବି
ଦୁଷ୍ଟ ପାତକ ସବୁକୁ ଦହିବି ।

ଭକ୍ତଚରଣ ଗୌଡ଼ୀୟ ବୈଷ୍ଣବ ଧର୍ମ ଗ୍ରହଣ କରିଥିବାରୁ ପ୍ରେମଭକ୍ତି ବା ଶୁଦ୍ଧାଭକ୍ତିର ଉପାସକ ଥିଲେ । ତେଣୁ ଜ୍ଞାନ ଭକ୍ତିଠାରୁ ପ୍ରେମଭକ୍ତିକୁ ସେ ଉଚ୍ଚସ୍ଥାନ ଦେଇଅଛନ୍ତି । ଉଦ୍ଧବ ଓ ଗୋପୀଙ୍କ କଥୋପକଥନ ଛଳରେ କବି ଉଦ୍ଧବଙ୍କ ମୁଖରେ ଜ୍ଞାନର ମାହାତ୍ମ୍ୟ ଓ ଗୋପୀଙ୍କ ମୁଖରେ ପ୍ରେମର ମାହାତ୍ମ୍ୟ ବର୍ଣ୍ଣନା କରି ପରିଶେଷରେ ପ୍ରେମ ଭକ୍ତିର ଉତ୍କର୍ଷ ପ୍ରତିପାଦନ କରିଅଛନ୍ତି । ଜ୍ଞାନଭକ୍ତିର

Digitized by srujan ka@gmail.com

ଅପାରତା ପ୍ରଦର୍ଶନ କରିବାକୁ ଯାଇ ଭକ୍ତଚରଣ ଗୋପୀମାନଙ୍କ ମୁଖରେ କହୁଅଛନ୍ତି—

ତଥାପି ମଧୁର ରସେ ଜ୍ଞାନ ଯେବେ ଅଳ୍ପ ମିଶେ
ତାକୁ ସେ କରଇ ବେଗେ ନାଶ ।

× × × ×

ସେହିମତ ଭକ୍ତିରସେ ଜ୍ଞାନ ।
ଆମ୍ଭେମାନେ ନ ଜାଣୁ ସେମାନ । (୨୭।୧୨)

ଭକ୍ତିର ମାହାତ୍ମ୍ୟ ବର୍ଣ୍ଣନାରେ ଭକ୍ତ ମୁଖର ହୋଇଅଛନ୍ତି । ଭକ୍ତି ନିକଟରେ ଜ୍ଞାନ ବା ମୁକ୍ତି ହେୟ, ଏହା ସେ ବାରମ୍ବାର ଉଲ୍ଲେଖ କରିଅଛନ୍ତି । ସେ କହୁଅଛନ୍ତି—

ଭୂମିପ୍ରାପ୍ତ ଭକ୍ତି ପୂର୍ଣ୍ଣ ହୁଏ ନାନା ରସମାନ
ସେ ଭାବଇ ଏକାନ୍ତ ଭାବେଣ ହେ ହରିଦୂତ
କେବଳ ସେ ରସର ଭଣ୍ଡାର
ବ୍ରହ୍ମଜ୍ଞାନ ତାଙ୍କର କଙ୍କର ହେ । (୨୭।୧୦)

ତୃଣାଦପି ସୁନୀଚେନ ତରୋରପି ସହିଷ୍ଣୁନା
ଅମାନିନା ମାନଦେନ କୀର୍ତ୍ତନୀୟଃ ସଦା ହରିଃ ।

ବୈଷ୍ଣବ ସୁଲଭ ଏହି ନମ୍ରତା ଓ ସହିଷ୍ଣୁତା ଭକ୍ତଚରଣଙ୍କର ଚରିତ୍ରଗତ ଥିଲା । ସେ ସାଧୁମାନଙ୍କ ନିକଟରେ ନିଜର ଦୈନ୍ୟ ପ୍ରକାଶ କରି ଲେଖିଅଛନ୍ତି—

ହେ ସାଧୁମାନେ,
ଅଧମକୁ ଦେଖି ଦୟାକର
ତୁମ୍ଭ ପାଦ ହୁଅ ମୋର ଶିର । (୩୦।୨୪)

Digitized by srujan ka@gmail.com

ପୁଣି—

ଭକ୍ତଚରଣ ବସିଲ୍ଲ ଛଳେ ସେ
ପାଦ ସ୍ପୃଶଇ ଆନନ୍ଦ-ଭୋଳେ ସେ
ସାଧୁ ସେବଇ କ ଭାଗ୍ୟବଳେ ସେ । (୨୮।୨୯)

ଶ୍ରୀକୃଷ୍ଣ ଭଜନ, ଶ୍ରୀକୃଷ୍ଣ ଚିନ୍ତନ ଭକ୍ତଚରଣଙ୍କ ଜୀବନର ଚରମ ଲକ୍ଷ୍ୟ ଥିଲା । ତାଙ୍କର ଚରଣ ସେବାହିଁ କବିଙ୍କର ଏକାନ୍ତ କାମ୍ୟ । ତେଣୁ ସେ ନିମ୍ନ ପଙ୍କ୍ତିମାନଙ୍କରେ ତାଙ୍କ କୃଷ୍ଣୈକ-ପ୍ରାଣତାର ପରିଚୟ ଦେଇ ଲେଖିଅଛନ୍ତି—

ସେହି ଗୋବିନ୍ଦ ଚରଣପଙ୍କଜେ
ବଇରାଗୀ ଭକ୍ତଚରଣ ଭଜେ ।
ଅନ୍ୟ ପ୍ରସଙ୍ଗ ଅନ୍ୟ ଦେବ ପୂଜା
ସକଳ ଦୂରେ କଲି ମୁହିଁ ତେଜ୍ୟା ।
କେବଳ ନନ୍ଦନନ୍ଦନ ଭଜେ
ଆନ ନ ରସଇ ମୋହର ମନେ । (୧୫।୨୧)।

ଗୌଡ଼ୀୟ ବୈଷ୍ଣବମାନଙ୍କ ମତରେ ମୁକ୍ତି କାମ୍ୟ ନୁହେଁ । ମୁକ୍ତିଠାରୁ ଭକ୍ତିର ସ୍ଥାନ ଉଚ୍ଚରେ । କବିଙ୍କ ହୃଦୟର ଏହି ଭାବ ସେ ଗୋପୀମାନଙ୍କ ମୁଖରେ ବ୍ୟକ୍ତକରି କହିଅଛନ୍ତି—

ତେମନ୍ତ ମୁକତି ସ୍ପର   ପ୍ରେମ ଭାବେ ଭିନ ଦର
ଭଗତି ପଛରେ ବୁଲୁଥାଇ
ଦାସରୁ ଅଧିକ ହୀନ   ସେଗୁଡ଼ାକ କେତେ ଯେଣ
ଆମ୍ଭଙ୍କୁ ସେମାନ ନ ରୁଚଇ ହେ ।(୨୭।୮)

Digitized by srujan ka@gmail.com

ମଥୁରାମଙ୍ଗଳରେ ରସ ସମାବେଶ

ସାହିତ୍ୟଦର୍ପଣକାର ବିଶ୍ୱନାଥଙ୍କ ମତରେ ରସ ହିଁ କାବ୍ୟର ଆତ୍ମା ସ୍ୱରୂପ । (ବାକ୍ୟଂ ରସାତ୍ମକଂ କାବ୍ୟଂ ।)

ତେଣୁ ରସହୀନ କାବ୍ୟର କଳ୍ପନା କରାଯାଇ ନପାରେ । ଯେଉଁ କାବ୍ୟ ପାଠରେ ପାଠକର ହୃଦୟ ଯେତିକ ରସାପ୍ଳୁତ ହୁଏ, ତାହା ସେତିକ ଲୋକ ସମାଜରେ ଆଦୃତ ହୁଏ। କବି ରସ ସୃଷ୍ଟିକରି ପାଠକ ସମାଜରେ ତାହାର ପରିବେଷଣ କରିଥାନ୍ତି । ମଥୁରାମଙ୍ଗଳ କାବ୍ୟ ମୁଖ୍ୟତଃ ଶୃଙ୍ଗାରରସାଶ୍ରିତ ହେଲେହେଁ ଏଥିରେ କରୁଣ, ବାତ୍ସଲ୍ୟ, ବୀର ଓ ଶାନ୍ତ ରସର ମଧ୍ୟ ଅବତାରଣା କରାଯାଇଅଛି । ହିନ୍ଦୁ ଜଗତର ଆରାଧ୍ୟ ଶ୍ରୀକୃଷ୍ଣ ଓ ଗୋପୀମାନଙ୍କର, ବିଶେଷତଃ ରାଧିକାଙ୍କର ପ୍ରେମ ଅବଲମ୍ବନରେ ଶୃଙ୍ଗାରରସ ପରିପୁଷ୍ଟ ହୋଇ-ଥିବାରୁ ଏହାକୁ ଉଜ୍ଜ୍ୱଳ ବା ମଧୁର ରସ କହିବା ଅଧିକ ଯୁକ୍ତିଯୁକ୍ତ । ଶ୍ରୀକୃଷ୍ଣଙ୍କର ମଥୁରା ପ୍ରସ୍ଥାନ କାଳରେ ଗୋପୀମାନଙ୍କର ଆବେଗପୂର୍ଣ୍ଣ ଖେଦ ପ୍ରକାଶ ଓ ଶ୍ରୀକୃଷ୍ଣଙ୍କର ସହିତ ସେମାନଙ୍କର ରାସକ୍ରୀଡ଼ା ଆଦି ଆମୋଦ ପ୍ରମୋଦର ସ୍ମୃତି ବର୍ଣ୍ଣନା (୫ମ ଛାନ୍ଦ) ପାଠକ ଅନ୍ତରରେ କରୁଣରସ ମୂର୍ଚ୍ଛିତ ଶୃଙ୍ଗାର ରସର ଉଦ୍ରେକ କରିଥାଏ ।

କାହା ତଳରେ ଖଞ୍ଜିବୁ କଆ
କାହା ହିଆରେ ଭିଡ଼ିବୁ ହିଆ
କାହା ଗୁମୁରେ ଲଜ ଲଜ ହୋଇଣ
ମନ୍ଦ ଅନାଇ ହୋଇବୁ ଠିଆ । (୬।୧୫)

Digitized by srujan ka@gmail.com

କେତ୍ଥୁ ନେତ୍ରପ୍ରାନ୍ତେ ଠାରୁଥିବ
ନିଧୁବନ ଟେକ କଡ଼ାଇ ନେବ
ଶଶୀଖଣ୍ଡ ଗଣ୍ଡ ଦେଶରେ ଆମ୍ଭର
କେତ୍ଥୁ ପୁଣ ପୁଣ ତ ଚୁମ୍ବିବ ହେ । (୭।୧୭)

ସପ୍ତମ ଛାନ୍ଦରେ ଗୋପୀମାନଙ୍କର ବିଳାପ ବର୍ଣ୍ଣିତ ହୋଇ-ଅଛି । ଏହି ବିଳାପ ଯେପରି ମର୍ମସ୍ପର୍ଶୀ, ସେହିପରି ଗୋପୀମାନଙ୍କର ହୃଦୟ ନିହିତ ଗଭୀର ପ୍ରେମର ଦ୍ୟୋତକ । ବିପ୍ରଲମ୍ଭ ଶୃଙ୍ଗାର ରସର ପରିବେଷଣରେ କବିଙ୍କର କୃତିତ୍ୱ ଏହି ଛାନ୍ଦରେ ବିଶେଷ ଭାବରେ ପ୍ରକଟିତ ହୋଇଅଛି । ପୁନଶ୍ଚ ନବମ ଛାନ୍ଦରେ କୃଷ୍ଣଙ୍କ ମଥୁରା ପ୍ରସ୍ଥାନ କାଳରେ ଶ୍ରୀକୃଷ୍ଣଙ୍କ ବିଚ୍ଛେଦରେ ଗୋପୀମାନଙ୍କର ଦୀନଦଶା ବର୍ଣ୍ଣନା କରି କବି ପାଠକ-ସମାଜକୁ ଏକ ଅନିର୍ବଚନୀୟ କରୁଣ ରସରେ ଆପ୍ଳୁତ କରି ଅଛନ୍ତି । ବ୍ରଜରମଣୀମାନେ ଯେ କେବଳ ନିଜର ଦୁର୍ଭାଗ୍ୟକୁ ବାହୁନିଛନ୍ତି ତାନୁହେଁ, ତାହା ସଙ୍ଗେ କୃଷ୍ଣଙ୍କ ପ୍ରତି ଅଭିମାନପୂର୍ଣ୍ଣ ଉକ୍ତି ପ୍ରୟୋଗ କରିବାକୁ କୁଣ୍ଠିତ ହୋଇନାହାନ୍ତି ।

କେ ବୋଲେ ପୂତନା ପରାଣ ଖିଆ
କୁଳର ପରିଏ କରୁଛି କିଆ
ତିଳକୁ ଅର୍ଦ୍ଧେ ନକର କରୁଣା
କୃପାସିନ୍ଧୁ ନାମ ଯାଉଛି ଜଣା
ଶୁଷ୍କ ନଦୀ ମତ ।
ଏବେ ସେ ଜାଣିଲୁ ତୁମ୍ଭର ଚିତ୍ତ । (୯।୮)

ଶ୍ରୀକୃଷ୍ଣଙ୍କର ଗୋପୀମାନଙ୍କ ନିକଟକୁ ପତ୍ର ଓ ଗୋପୀମାନଙ୍କର ଶ୍ରୀକୃଷ୍ଣଙ୍କ ନିକଟକୁ ପତ୍ରରେ ଶୃଙ୍ଗାର ଓ କରୁଣରସର ଏବଂ ଯଶୋଦା

Digitized by srujan ka@gmail.com

ବିଳାପ (୬ଷ୍ଠ ଗୁଚ୍ଛ) ବାତ୍ସଲ୍ୟ ରସ ବର୍ଣ୍ଣନାର ଏକ ଅନୁପମ ନିଦର୍ଶନ । ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ୍ ହେଲେହେଁ ଯଶୋଦା ତାଙ୍କୁ ନିଜର ଅଳିଅଳ ସୁକୁମାର ପୁଅଛୁଆ ଅନ୍ୟ ରୂପରେ କଳ୍ପନା କରିପାରି ନାହାନ୍ତି । ତେଣୁ ସେ ମାତୃହୃଦୟର ଅମିୟ ସ୍ନେହଧାରା ତାଙ୍କ ଉପରେ ଅଜାଡ଼ି ଦେଇ ଅଛନ୍ତି । ପୁଅର କ୍ଷୁଦ୍ରାଦପି କ୍ଷୁଦ୍ର ଦୈନନ୍ଦିନ କାର୍ଯ୍ୟକଳାପ ସ୍ମରଣ କରି ସେ ବିଳାପ କରିଅଛନ୍ତି । ପୁଅର ଅମଙ୍ଗଳ ଆଶଙ୍କାରେ ତାଙ୍କର ହୃଦୟ କମ୍ପି ଉଠିଛି । ସେ କହିଛନ୍ତି—

ଛୁଇକି ଅନାଇ ଡରୁ   ଧାଇଁ ମୋତେ କୋଳକରୁ
ବସନେ ଘୋଡ଼ାଉ ମୁହଁଗୋଟି
ହୋଉଥାଉ ଥରହର   ଦେଖିଲେ ଅନ୍ଧାର ଘର
ଉଛ ପାଉଛ ନପାରୁ ଉଠିରେ ଜୀବଧନ ।(୬।୭)

ଶେଷରେ ବଡ଼ଭାଇ ବଳରାମଙ୍କ ନିକଟରେ ଶ୍ରୀକୃଷ୍ଣଙ୍କୁ ସମର୍ପଣ କରି କହିଛନ୍ତି—

ସଙ୍ଗେ ସଙ୍ଗେ ଘେନିଥିବୁ ହରି
ଉରିବଟି ଦେଖି କଂସପୁରୀରେ ॥

ତୁ ଯେ ବଡ଼େ ବଳିଆର   ନିର୍ବଳ ମୋର କୁମର
ନ ଜାଣଇ ଚତୁରାଇ ପଣ ।
ନ ପୁଣ ହୋଇବ ବଣା   ଜାଣି ନପାରିବ ଠଣା
ଏଣୁକରି କହୁଅଛି ଶୁଣରେ ବଳରାମ । (୬।୧୪)

କୁବଳୟା, ଚାଣୂର, କଂସ, ରଜକ ପ୍ରଭୃତିଙ୍କ ବଧ ବର୍ଣ୍ଣନାରେ ଭକ୍ତକବି ଭକ୍ତଚରଣ ବୀରରସର ସମାବେଶ କରିବାର ସୁଯୋଗ ଗ୍ରହଣ କରିଅଛନ୍ତି । ବୀରରସ ଏହି କାବ୍ୟରେ ଏକ ଗୌଣ ଆସନ

Digitized by srujan ka@gmail.com

ଅଧିକାର କରିଅଛନ୍ତି । ସୀମିତ ପରିସର ମଧ୍ୟରେ ସେ ଏହି ଉପର ଯେପରି ପ୍ରକଟ କରିଅଛନ୍ତି ତହିଁରୁ ତାଙ୍କର କୃତିତ୍ୱର ପରିଚୟ ମିଳେ ।

ଶ୍ରୀକୃଷ୍ଣ-ଚାଣୂର ଯୁଦ୍ଧ ପ୍ରସଙ୍ଗରେ କବି ଲେଖିଅଛନ୍ତି—

କୃଷ୍ଣ ଚାଣୂର ସମର ଗୁରୁତର ଥରଥର ଧରା ହୋଇଲା
କୃଷ୍ଣ ବଳ ବୀର୍ଯ୍ୟ ଜାଣି ନିଶାଚର ଚିତ୍ତରେ ମରଣ ହୋଇଲା ।
(୨୨।୧)

× × ×

ଏମନ୍ତ ଭଳି କରେ ଗାଢ଼ ସମର
ମୁଷ୍ଟିକ ମୁଷ୍ଟି ମଡ଼ାଳି କରନ୍ତେ ଶବଦେ କମ୍ପେ ତିନିପୁର ।
(୨୨।୨)

ବାହେ ବନ୍ଧାବନ୍ଧ ମୁଣ୍ଡେ କୋଡ଼ାକୋଡ଼ି ହୁଆକୁ ହୁଆ ପ୍ରହାରନ୍ତି
ଜାନୁକୁ ଜାନୁ ପାଦକୁ ପାଦ ଛନ୍ଦ ପଡ଼ି ଉଠି ପୁଣି ଗଡ଼ନ୍ତି
ନାସିକା, ପବନ ନିଅବା ବତାସ
ଅଙ୍ଗକୁ ଅଙ୍ଗ ଠେସାଠେସି ହୁଅନ୍ତେ ବାହାର ହୁଅଇ ହୁତାଶ ।
(୨୨।୩)

କବିଙ୍କର ଧର୍ମମତ ଓ ଜୀବନ-ଦର୍ଶନ

ଉତ୍କଳ ବିବିଧ ଧର୍ମମତର ଲୀଳା ଭୂମି । ଏହି ବିଭିନ୍ନ ଧର୍ମ ମତର ବ୍ୟାଖ୍ୟାନ ଓ ପରିପ୍ରଚାର ଓଡ଼ିଆ ସାହିତ୍ୟର କ୍ରମବିକାଶରେ ପ୍ରଭୂତ ସାହାଯ୍ୟ କରିଆସିଅଛି । ସାହିତ୍ୟ ଧର୍ମମତ ପ୍ରଚାରର

Digitized by srujan ka@gmail.com

ମାଧ୍ୟମରୂପେ ବ୍ୟବହୃତ ହୋଇଅଛି । ସାରଳାଦାସଙ୍କ ସମୟରୁ ଉନ୍ନତ ଓଡ଼ିଆ ସାହିତ୍ୟର ସୃଷ୍ଟି । ମହାଭାରତକୁ ସରଳ ଓଡ଼ିଆ ଭାଷାରେ ଲେଖି ସେ ଓଡ଼ିଶାବାସୀଙ୍କୁ ଧର୍ମଭାବାପନ୍ନ କରିବାକୁ ଇଚ୍ଛା କରିଥିଲେ । ତାଙ୍କ ପରେ ପଞ୍ଚସଖା (ଜଗନ୍ନାଥ, ବଳରାମ, ଅଚ୍ୟୁତାନନ୍ଦ, ଯଶୋବନ୍ତ ଓ ଅନନ୍ତ) ଠିକ୍ ସେହି ଉଦ୍ଦେଶ୍ୟ ରଖି ନିଜ ନିଜର ରଚନାରେ ଅଗ୍ରସର ହୋଇଥିଲେ । ଜଗନ୍ନାଥଙ୍କର ଭାଗବତ, ବଳରାମଙ୍କ ରାମାୟଣ, ଅଚ୍ୟୁତାନନ୍ଦଙ୍କ ହରିବଂଶ ପ୍ରଭୃତି ଯେ ଲୋକଙ୍କୁ ଧର୍ମପରାୟଣ କରିପାରି ଥିଲା, ଏଥିରେ ସନ୍ଦେହ ନାହିଁ । ଏହି ପଞ୍ଚସଖାଙ୍କ ଦ୍ୱାରା ଉତ୍କଳୀୟ ବୈଷ୍ଣବ ଧର୍ମ ପ୍ରସାରିତ ହୋଇ-ଥିଲା । କିନ୍ତୁ ଷୋଡ଼ଶ ଶତାବ୍ଦୀରେ (୧୫୦୯ ଖ୍ରୀଷ୍ଟାବ୍ଦରେ) ଶ୍ରୀଚୈତନ୍ୟ ଉତ୍କଳକୁ ଆଗମନ କରି ଗୌଡ଼ୀୟ ବୈଷ୍ଣବ ଧର୍ମର ମୂଳପତ୍ତନ କରିଥିଲେ ଏବଂ କ୍ରମଶଃ ତାହା ଉତ୍କଳୀୟ ସମାଜରେ ଶାଖା ପ୍ରଶାଖା ବିସ୍ତାର କରିଥିଲା । ୧୫୨୪ ଖ୍ରୀଷ୍ଟାବ୍ଦରେ ଶ୍ରୀ ଚୈତନ୍ୟ ଶ୍ରୀକ୍ଷେତ୍ରରେ ଦେହ ତ୍ୟାଗ କଲେ ହେଁ ତାଙ୍କର ପ୍ରବର୍ତ୍ତିତ ଗୌଡ଼ୀୟ ବୈଷ୍ଣବ ଧର୍ମ କ୍ରମଶଃ ବିସ୍ତୃତ ହେବାକୁ ଲାଗିଲା ଏବଂ ଓଡ଼ିଆ ସାହିତ୍ୟରେ ଏହାର ପ୍ରଭାବ ପ୍ରତିଫଳିତ ହେଲା । ଓଡ଼ିଆ ସାହିତ୍ୟରେ ରାଧାକୃଷ୍ଣ ପ୍ରେମମୂଳକ କାବ୍ୟ ଗୁଡ଼ିକ ହେଉଛି ଏହାର ସ୍ୱାଭାବିକ ପରିଣତି । ଏପରିକି ଯେତେବେଳେ ଉପେନ୍ଦ୍ର ଭଞ୍ଜ, ଲୋକନାଥ ବିଦ୍ୟାଧର ପ୍ରଭୃତି କବିପୁଙ୍ଗବ କାଳ୍ପନିକ କାବ୍ୟ ଲେଖି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନୂତନ ସରଣୀ ଫିଟାଇଥିଲେ ସେତେବେଳେ ଓ ତତ୍ପରେ ମଧ୍ୟ ଏ ପ୍ରକାର ଗୌଡ଼ୀୟ ବୈଷ୍ଣବ ଧର୍ମର ତତ୍ତ୍ୱସମ୍ବଳିତ ରାଧାକୃଷ୍ଣ ପ୍ରେମ ବିଷୟକ ଗ୍ରନ୍ଥ ରଚିତ ହୋଇଥିଲା ।

ଷୋଡ଼ଶ ଶତାବ୍ଦୀର ପଞ୍ଚସଖା ଉତ୍କଳୀୟ ବୈଷ୍ଣବ ଥିଲେ । ସେମାନେ ନୀଳାଚଳବିହାରୀ ଜଗନ୍ନାଥଙ୍କୁ ଅବତାରୀ ବୋଲି ଗ୍ରହଣ

Digitized by srujan ka@gmail.com

କରୁଥିଲେ । ସେମାନଙ୍କ ମତରେ ଶ୍ରୀକ୍ଷେତ୍ର ପୁରୀ ହିଁ ଶ୍ରେଷ୍ଠ କ୍ଷେତ୍ର ଓ 'ହରେରାମ' ହେଉଛି ସେମାନଙ୍କର ଶ୍ରେଷ୍ଠ ମନ୍ତ୍ର, ଜ୍ଞାନ ଓ ଯୋଗ-ସାଧନ ପରମ ପୁରୁଷାର୍ଥ । କିନ୍ତୁ ଗୌଡ଼ୀୟ ବୈଷ୍ଣବମାନଙ୍କ ମତରେ ନନ୍ଦନନ୍ଦନ ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ, ତାଙ୍କର ଲୀଳାସ୍ଥଳୀ ବୃନ୍ଦାବନ ଶ୍ରେଷ୍ଠ କ୍ଷେତ୍ର । 'ହରେକୃଷ୍ଣ' ହେଉଛି ସେମାନଙ୍କର ମନ୍ତ୍ର । ସେମାନଙ୍କ ମତରେ କୃଷ୍ଣଭକ୍ତି ହିଁ ହେଉଛି ପରମ ପୁରୁଷାର୍ଥ ।

ଭକ୍ତଚରଣ ଗୌଡ଼ୀୟ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇଥିଲେ ଏହା ନିଃସନ୍ଦେହ । ତାଙ୍କର 'ମନଃଶିକ୍ଷା' ପୁସ୍ତକରେ ସେ ଶ୍ରୀ ଚୈତନ୍ୟଙ୍କୁ 'ପୂର୍ଣ୍ଣତମ ଅବତାର' ଏବଂ ଅନ୍ୟ ଅବତାରମାନଙ୍କର ମୂଳ ରୂପେ ପ୍ରତିପାଦିତ କରିଅଛନ୍ତି । ମଥୁରାମଙ୍ଗଳର ପ୍ରାରମ୍ଭରେ ସେ ଗୋକୁଳସୁନ୍ଦର, ନିଜର ଇଷ୍ଟ ଦେବ ବ୍ରଜଚନ୍ଦ୍ରମା ରାମ ଅନୁଜ ଦାମୋଦରଙ୍କୁ ସ୍ମରଣ କରିଅଛନ୍ତି । ଉତ୍କଳୀୟ ବୈଷ୍ଣବମାନଙ୍କର ଜ୍ଞାନ ଓ ଯୋଗ ସମ୍ବଳିତ ଭକ୍ତିତତ୍ତ୍ୱ ଯେ ତାଙ୍କୁ ଅବିଦିତ ଥିଲା ତାହା ନୁହେଁ, କିନ୍ତୁ ସେ ସେଥିରେ ବିଶ୍ୱାସ ନ କରି ରାଗାନୁଗା ଶୁଦ୍ଧା ଭକ୍ତିର ସମର୍ଥକ ଥିଲେ । ସପ୍ତବିଂଶ ଛାନ୍ଦରେ ଉଦ୍ଧବ ଓ ଗୋପୀମାନଙ୍କ ମଧ୍ୟରେ ତର୍କ ବିତର୍କ ଛଳରେ କବି ଉଭୟ ଧର୍ମମତର ଏକ ତୁଳନାତ୍ମକ ଆଲୋଚନା କରିଅଛନ୍ତି । ଏଥିରେ କବି ଉଦ୍ଧବଙ୍କୁ ଉତ୍କଳୀୟ ବୈଷ୍ଣବ ଧର୍ମର ଓ ଗୋପୀମାନଙ୍କୁ ଗୌଡ଼ୀୟ ବୈଷ୍ଣବ ଧର୍ମ ମୁଖପାତ୍ରରୂପେ ଉପସ୍ଥାପିତ କରି ଉଭୟର ପାର୍ଥକ୍ୟ ପ୍ରଦର୍ଶନ କରିଅଛନ୍ତି ଓ ପରିଶେଷରେ ଉଦ୍ଧବଙ୍କୁ ଗୋପୀମାନଙ୍କ ବାକ୍ୟ ବାଣରେ ପରାଜିତ କରାଇ ଗୌଡ଼ୀୟ ବୈଷ୍ଣବ ଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଅଛନ୍ତି । ଉତ୍କଳୀୟ ବୈଷ୍ଣବ ଧର୍ମର ତତ୍ତ୍ୱ ଅର୍ଥାତ୍ ଜ୍ଞାନ ଓ ଯୋଗର ବିଷୟ ଅବତାରଣା କରି କବି ଉଦ୍ଧବଙ୍କ ମୁଖରେ କୁହାଇ ଅଛନ୍ତି—

Digitized by srujan ka@gmail.com

ରୂପରେଖ ନାହିଁ କିଛି   ଚନ୍ଦ୍ରମା ପ୍ରାୟେ ବ୍ୟାପିଛି
ସେ ଯେହ୍ନେ ଦିଶଇ ଜଳଘଟେ
ସେ ଘଟ ବିନାଶ ଗଲେ   ଶୂନ୍ୟ ହୋଏ ଶାସ୍ତ୍ର ବୋଲେ
ପୁଣି ଅନ୍ୟ ଘଟେ ଯାଇ ଯୋଟେ ଗୋ । ଗୋପୀମାନେ ।
ଏଣୁ ରୂପ ହୋଇ ରୂପ ନୋହି
ଭାବେ ପାଇ ଅଭାବେ ନ ପାଇ ଗୋ ।୨୭।

×   ×   ×   ×

ସେ ବ୍ରହ୍ମଙ୍କୁ କର ଧ୍ୟାନ   କାମନା ହେଉ ଦହନ
ହୃଦରେ ରଖିବ ନିରଞ୍ଜନ

×   ×   ×

ଷଡ଼ଚକ୍ର ଭେଦିଲେ ପାଇବ
ଚକ୍ଷୁ ବୁଜି ହୃଦରେ ଦର୍ଶିବ ଗୋ ।୨୭।୩
ମଣିମୟ ମଣ୍ଡପରେ   ରତ୍ନ ସିଂହାସନ ପରେ
ପଞ୍ଚାଶ ଦଳ ପାଖୁଡ଼ା ପଦ୍ମ
ତା କେଶର ମଧ୍ୟେ ହରି   ଚତୁର୍ଭୁଜ ରୂପ ଧରି
ସେହି ପ୍ରଭୁପାଦେ କର ସଦା ଗୋ ଗୋପୀମାନେ ।୨୭।୪

×   ×   ×   ×

କିନ୍ତୁ ଗୋପୀମାନେ ଏ ପ୍ରକାର ଜ୍ଞାନ ଯୋଗ ପ୍ରବୃତ୍ତିର ନିନ୍ଦା କରି ପ୍ରେମଭକ୍ତିର ମାହାତ୍ମ୍ୟ କୀର୍ତ୍ତନ କରି କହିଅଛନ୍ତି—

ବ୍ରହ୍ମ ବୋଲି ଯାହା କହ   ପ୍ରକୃତି ତାହାର ଦେହ
କୁହଣ ପରସ୍ପେ ରସହୀନ

Digitized by srujan ka@gmail.com

ଭୂମି ପ୍ରାପ୍ତ ଭକ୍ତ ପୁଣ   ହଏ ନାନା ରସମାନ
ଯେ ଭାବଇ ଏକାନ୍ତ ଭାବେଣ ହେ ହରିଦୂତ,
କେବଳ ସେ ରସର ଭଣ୍ଡାର
ବ୍ରହ୍ମଜ୍ଞାନ ତାହାଙ୍କ କଙ୍କର ହେ ।

ଗୌଡ଼ୀୟ ବୈଷ୍ଣବମାନେ ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ମନେ କରିଥାନ୍ତି—କୃଷ୍ଣସ୍ତୁ ଭଗବାନ ସ୍ୱୟଂ । ଏହି ଭାବ ମଧ୍ୟ ଗୋପୀମାନଙ୍କ ମୁଖରେ ପ୍ରକାଶ ପାଇଅଛି ।

ସଚ୍ଚିଦାନନ୍ଦ ଅଙ୍ଗରୁ   ସର୍ବ ବ୍ରହ୍ମ ସେହିଠାରୁ
ତାଙ୍କ ବିନେ କିଛି ନ ପରଖୁ ହେ ହରିଦୂତ ।୨୭।୧୪

×   ×   ×

ସେ ନାଗର ଆମ୍ଭ ମୂଳ ବ୍ରହ୍ମ
ଆନ ବ୍ରହ୍ମେ ନ ରୁଚଇ ମନ
ତୁମ୍ଭେ କର୍ପା କହୁଛ ସେମାନ ହେ ।୨୭।୧୫

କେବଳ ଗୋପୀମାନଙ୍କ ମୁଖରେ ନୁହେଁ ଯଶୋଦାଙ୍କ ମୁଖରେ ମଧ୍ୟ ସେହିପରି ଜ୍ଞାନର ନିନ୍ଦା କରାଯାଇଅଛି । ଉଦ୍ଧବ ଶ୍ରୀକୃଷ୍ଣଙ୍କୁ ବ୍ରହ୍ମ ବୋଲି ପ୍ରତିପାଦନ କରିବାକୁ ଯାଇ କହିଛନ୍ତି—

ସକଳ ଜୀବରେ ବିହାର କରଇ ନାହିଁ ତା ବିକାର
ସକଳ ମନ୍ତ୍ର ସକଳ ବେଦାନ୍ତରେ ଯେସନେ ଓଁକାର ।

×   ×   ×   ×

ମାରଇ ତାରଇ ସୃଜଇ ସକଳ ତାହାର ଘଟଣା
ଜୀଵେ ବ୍ରହ୍ମପାଏ ବ୍ୟାପି ରହିଅଛି ନ ଯାଇ ଗଣନା ।

୨୫।୧।-୨୧

Digitized by srujan ka@gmail.com

କିନ୍ତୁ ଯଶୋଦା ବ୍ରହ୍ମଜ୍ଞାନୀମାନଙ୍କର ଏହି ଠୁଳ, ଶାସ୍ତ୍ରୀୟ, ଅଗୋଚର କୃଷ୍ଣଙ୍କ ବିଷୟରେ ଆଦୌ ଆଗ୍ରହ ପ୍ରକାଶ ନକରି କ୍ରୋଧ ପ୍ରକାଶ କରିଅଛନ୍ତି ।

ସେ କହିଛନ୍ତି—

ତଥାପି ଯୋଗୀ ବ୍ରହ୍ମ ଧ୍ୟାନ କରନ୍ତି ମୁକ୍ତିର ନିମିତ୍ତ
ସେକଥା କାହ୍ନିଁକି ଏଠାରେ ପଢ଼ୁଛୁ ବୁଝିଇ ଏମନ୍ତ । ୨୫।୩୩

ଯେଉଁ କୃଷ୍ଣଙ୍କୁ ସେ କାଖରେ କୋଳରେ ବଢ଼ାଇଥିଲେ, ଯାହାଙ୍କୁ ଯାମଳାର୍ଜ୍ଜୁନ ଗଛରେ ବାନ୍ଧିଥିଲେ, ସେହି ପୁତ୍ର ଶ୍ରୀକୃଷ୍ଣ ହିଁ ତାଙ୍କର ସର୍ବସ୍ୱ ।

ଭକ୍ତଚରଣ ଗୌଡ଼ୀୟ ମତବାଦର ସମର୍ଥକ ଥିବାରୁ, 'ଜୀବେ ଦୟା ଓ ନାମେ ଭକ୍ତି' ଏହି ମତକୁ ପ୍ରଚାର କରିବା ଉଦ୍ଦେଶ୍ୟରେ କହି ଅଛନ୍ତି—

'ସର୍ବଜୀବେ ଦୟା ବହ, ମୁଖେ ହରେକୃଷ୍ଣ କହ ।' ୩୦।୨୦

ମଥୁରାମଙ୍ଗଳର ରଚନାଶୈଳୀ

ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ମଥୁରାମଙ୍ଗଳ ରଚିତ ହୋଇଥିଲା । ସେତେବେଳକୁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉପେନ୍ଦ୍ର-ଭଞ୍ଜଙ୍କର କାବ୍ୟରଚନା ପଦ୍ଧତି ବିଶେଷ ପ୍ରଭାବ ବିସ୍ତାର କରିଥିଲା । ତାହାଙ୍କୁ ଆଦର୍ଶ ରୂପେ ଗ୍ରହଣ କରି ଅନ୍ୟାନ୍ୟ କବିମାନେ କାବ୍ୟ-ରଚନାରେ ପ୍ରୟାସୀ ଥିଲେ । ତେଣୁ ଏ ଯୁଗର ରଚନାରେ ବହିରଙ୍ଗ ରାଗବର୍ତ୍ତୀଣୀ ସମନ୍ୱିତ ରୂପ ଦେଖିବାକୁ ମିଳେ । ଭାଷାରେ ଅସ୍ୱାଭାବିକତା ପ୍ରବେଶ କରିଥିଲା । ବିବିଧ ଅଳଙ୍କାର ବିନ୍ୟାସରେ

Digitized by srujan ka@gmail.com

ଶବ୍ଦାଳଙ୍କାରର ପ୍ରୟୋଗ ଏ ଯୁଗର ଏକ ବିଶେଷତ୍ୱ । ରଚନା-ମଧ୍ୟରେ ବହୁଶାସ୍ତ୍ରପାଣ୍ଡିତ୍ୟର ପ୍ରଦର୍ଶନ ଓ କଳ୍ପନାର ଚମତ୍କାରିତା ପାଠକମାନଙ୍କୁ ବିଶେଷ ଭାବରେ ମୁଗ୍ଧ କରୁଥିଲା । ମୂଳତଃ ସଂସ୍କୃତ କାବ୍ୟମାନଙ୍କର ପରମ୍ପରା ଓଡ଼ିଆ ସାହିତ୍ୟକୁ ପ୍ରଭାବିତ କରୁଥିଲା ।

ଭକ୍ତଚରଣ ଯୁଗପ୍ରବାହରେ ଭାସି ନ ଯାଇ ରଚନାଶୈଳୀରେ ସ୍ୱାତନ୍ତ୍ର୍ୟ ଦର୍ଶାଇ ଯାଇଅଛନ୍ତି । ଅବଶ୍ୟ ତାଙ୍କର ମଥୁରାମଙ୍ଗଳ ବିଭିନ୍ନ ରାଗରାଗିଣୀରେ ଲକ୍ଷିତ ଚଉତିଶା ଛାନ୍ଦରେ ରଚିତ । ମାତ୍ର ତାଙ୍କର ଭାଷାରେ ଅପ୍ରାକୃତିକତା ବା ଶବ୍ଦାଳଙ୍କାରର ବାହୁଲ୍ୟ ଦେଖାଯାଏ ନାହିଁ । ଅପେକ୍ଷାକୃତ ସରଳ ଭାଷାରେ ରଚିତ ହୋଇଥିବାରୁ ଏହା ବିଶେଷ ଲୋକପ୍ରିୟତା ଅର୍ଜନ କରି ପାରିଥିଲା ଏବଂ ଶତାଧିକ ବର୍ଷ ଧରି ଆଧୁନିକ ଧରଣର ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠା ପର୍ଯ୍ୟନ୍ତ ପାଠଶାଳାର ପାଠ୍ୟରୂପେ ସ୍ୱୀକୃତ ହୋଇ ଆସିଥିଲା । ଏହାର ଭାଷାର ସରଳତା ପାଠକକୁ ମୁଗ୍ଧ କରିଦିଏ । ରୀତିଯୁଗର କାବ୍ୟ ପାଠକଲାବେଳେ ପାଠକ ପଦେ ପଦେ କ୍ଳିଷ୍ଟଶବ୍ଦର ସମ୍ମୁଖୀନ ହୋଇଥାଏ; କିନ୍ତୁ ମଥୁରାମଙ୍ଗଳ ପାଠରେ ସେପରି ହୁଏ ନାହିଁ । କୋମଳ ଲଳିତପଦାବଳୀ ମଧ୍ୟରେ ସରସମଧୁର ଭାବଧାରା ବହନ କରି ତାଙ୍କର କବିତା ସ୍ୱଚ୍ଛନ୍ଦ ଗତି କରି ଚାଲିଛି । ଭାଷାର ସାରଲ୍ୟ ଆମୂଳଚୂଳ ବିରାଜମାନ ।

କଂସର ଚରାଙ୍କର ଭାଷା କେତେ ସରଳ ଦେଖାଯାଉ ।

ହୁର ଗଉଡ଼ ଅଛୁ ତୁ ଏଡ଼େ ମୂଢ଼
ନ ଦେଉ ମୋହର କର
ଦେବୁ ଯେବେ ଧାପ ରଖିବଟି ବାପ
ଜାନଲେ ଦହିବ ପୁର ।

Digitized by srujan ka@gmail.com

× × ×

ରାମ କୃଷ୍ଣ ବେନି ଭାଇଙ୍କି ଅକ୍ରୂର—
ସଙ୍ଗେ ସଙ୍ଗ କରି ନେବୁ
କେଉଁଠେ ହେଲେଣି ତୋର ବେନି ନନ୍ଦନ
ତାହାଙ୍କୁ ଆମ୍ଭେ ଦେଖିବୁଁ । (*ସ୍ୱଗତ)

ସେହିପରି ଯଶୋଦା ବିଳାପର ଭାଷାକୁ ଲକ୍ଷ୍ୟକଲେ ଭାଷାର ବ୍ୟବହାରରେ କବିଙ୍କର କି ନୈପୁଣ୍ୟ ଥିଲା ତାହାର ଆଭାସ ମିଳି ପାରିବ । ଯଶୋଦା କହୁଅଛନ୍ତି—

କାହା ନାମେ ଗୋପନାରୀ କରିବେ ମୋତେ ଗୁହାରି
କାହା କରୁ ଛଡ଼ାଇବି ମାଟି
କେତୁ ଭୁଣ୍ଡ ଦେଖାଇବି ଖେଳ କେତୁ ଶିଖାଇବି
ଅଧାମ କା ଅଧରେ ଦେବି ଟିରେ ନୀବଧନ
କାହାକୁ ବୋଲିବି ଝୁଲିହାଣି
କାହାକୁ ଡାକିବି କରି ପାଣି ରେ । ୭-୧୦

ଏ ସବୁ ସତ୍ତ୍ୱେ କବି ଅଳ୍ପ କେତେକ ସ୍ଥଳରେ ଯୁଗପ୍ରଭାବର ବଶବର୍ତ୍ତୀ ହୋଇ ଅପ୍ରାକୃତିକ ଭାଷା ବ୍ୟବହାର କରିଥିବାର ଦେଖାଯାଏ । ଯଥା 'ଶ୍ରୀକୃଷ୍ଣ' ପରିବର୍ତ୍ତେ 'ଶଶୀଭୂଷଣ'-ଶତ୍ରୁ-ପିତାର ଶିବ ପରିବର୍ତ୍ତେ 'ବାରିଜ ଅରିର ବଇରି ଧ୍ୱଜର ପତି'ର ବ୍ୟବହାର ।

ଶିଖିଷ ଉପରେ ଗିରୀଶ ଅରିର—
ଜନକ-ମଉଡ଼ ବାହନ
ମହା ପ୍ରଳୟରେ ରସ ବରଷିଲେ
ସେ ଯେହ୍ନେ କୃଷ୍ଣଙ୍କ ମଜନ । ୭।୧୪

Digitized by srujan ka@gmail.com

ଏଠାରେ ମେଘ ଅର୍ଥ ପ୍ରକାଶ କରିବା ପାଇଁ 'ଗିରିଶ······ ବାହନ'ର ପ୍ରୟୋଗ ଅନାବଶ୍ୟକ । ଏହା କେବଳ କବିଙ୍କ ପାଣ୍ଡିତ୍ୟର ପରିଚାୟକ ହୋଇପାରେ ।

କବି ରୂପକ, ଉପମା ପ୍ରଭୃତିର ସୁସଂଯତ ବ୍ୟବହାର କରି ମଥୁରାମଙ୍ଗଳର କଳେବରକୁ ପରିପୁଷ୍ଟ କରି ଅଛନ୍ତି ।

ଶିରୀଷ କୁସୁମ ଯେସନ କ୍ରମେ
ବ୍ରଜ ବିନୁ ବ୍ରଜ ନାରୀମାନେ
ହୋଇଗଲେ କୃଶ
ଭୃଙ୍ଗ ବିନୁ ଯେହ୍ନେ ଚମ୍ପକ ପୁଷ୍ପ । ୯।୧୭

ନବମ ଛାନ୍ଦରେ କବି ମାଲୋପମାର ଗୋଟିଏ ମନୋଜ୍ଞ ନିଦର୍ଶନ ଦେଇଅଛନ୍ତି ।

ବସନ୍ତ ଗଲେ ଯେହ୍ନେ ହତଶ୍ରୀ ବନ
ବରଷା ଶେଷେ ଯେହ୍ନେ ନଦୀମାନ
ଅନ୍ଧାର ପକ୍ଷେ ଯେହ୍ନେ କଳାକର
ଚନ୍ଦ୍ର ଯେସନେ ପଡ଼ିଲେ ଶିଶିର
ହୋଇଯାଏ କ୍ଷୀଣ
ଚନ୍ଦ୍ରବିନୁ ଯେହ୍ନେ କୁମୁଦବନ ॥

କାନ୍ତ ବିହୁନେ ଯେସନେ ରମଣୀ
ଧର୍ମ ବିହୁନେ ଯେସନେ ଧରଣୀ
ବେଦ ବିହୁନେ ଯେହ୍ନେ ଦ୍ୱିଜବର
ଧନ ବିହୁନେ ଯେହ୍ନେ ଢଣେ ନର
ପୁତ୍ର ବିନେ ନାରୀ
ରାଜ୍ୟ ବିହୁନେ ଯେହ୍ନେ ଦଣ୍ଡଧାରୀ ॥

Digitized by srujan ka@gmail.com

ବିଦ୍ୟା ପାଶୋରିଲେ ଯେହ୍ନେ ପଣ୍ଡିତ
ମାତା ବିହୁନେ ଯେସନେ ବାଳୁତ
ଚକ୍ଷୁ ବିହୁନେ ଶୋଭାବନ୍ତ ଜନ
ଭୂଷଣ ବିନୁ ଯେହ୍ନେ ନାରୀମାନ
ଦିଶେ ଅସୁନ୍ଦର
ବୃକ୍ଷ ବିହୁନେ ଯେହ୍ନେ ଗିରିବର,
କୃଷ୍ଣ ବିହୁନେ ସେହ୍ନମନ୍ତ ଗୋପୀ
ନେତ୍ରା ରତ୍ନାକରେ ହୋଇଲେ ତାପୀ ।

ଏହିର ବ୍ୟବହାରରେ କବିଙ୍କର ସ୍ୱକୀୟତାର ଗୋଟିଏ ଉଦାହରଣ ଦିଆଯାଇପାରେ ।

ମଥୁରାର ରମଣୀମାନଙ୍କ ଶ୍ରୀକୃଷ୍ଣ ଦର୍ଶନଲାଗି ଆବେଗ ବର୍ଣ୍ଣନା ପ୍ରସଙ୍ଗରେ କବି ଲେଖିଅଛନ୍ତି—

କହିଁ କରକାଦମ୍ବୀ କବରୀ ପକାଏ ଟାଣି କଳ
ଦୁଆରେ ରହିଥିଲା ଅନାଇଁ ପଥକୁ ବହିଗଲା । ୧୪।୨୯

ଏଠାରେ 'ବହିଗଲା' ପଦଟିର ପ୍ରୟୋଗ କିପରି ଭାବଦ୍ୟୋତକ ଓ ହୃଦୟଗ୍ରାହୀ ତାହା ରସିକ ପାଠକ ଅନୁମାନ କରି ପାରିବେ ।

କବିଙ୍କର ଭାଷା ଓ ରାଗରାଗିଣୀ ବିଷୟାନୁସାରିଣୀ ହୋଇ ଥିବାରୁ କାବ୍ୟଟି ବିଶେଷ ହୃଦୟଗ୍ରାହୀ ହୋଇପାରିଛି । ଉଦାହରଣ ସ୍ୱରୂପ ତୃତୀୟ ଛାନ୍ଦ (କଂସର ଚିନ୍ତା) ବଙ୍ଗଳାଶ୍ରୀ ରାଗରେ ପଞ୍ଚମ ଛାନ୍ଦ (ଗୋପୀବିଳାପ) ମଧ୍ୟ ଚଢ଼ଉତା ବାଣୀରେ, ସପ୍ତମ ଛାନ୍ଦ (ଗୋପୀବିଳାପ) ଆହାରୀ ରାଗରେ ରଚିତ ହୋଇଅଛି । ଏହା ଫଳରେ ଛାନ୍ଦ ଗୁଡ଼ିକୁ ଗାନକଲାବେଳେ ପାଠକ ରସ ଉପଲବ୍ଧି କରି ବିଷୟରେ ତନ୍ମୟ ହୋଇଯାଏ ।

ଭକ୍ତଚରଣଙ୍କୁ ବିଶ୍ୱକର୍ମା କହିଲେ ଅତ୍ୟୁକ୍ତି ହେବ ନାହିଁ ।

Digitized by srujan ka@gmail.com

କବିଙ୍କର ବହୁଶାସ୍ତ୍ରଦର୍ଶିତା

ଭକ୍ତଚରଣ ଯେ ସଂସ୍କୃତ ତଥା ଓଡ଼ିଆ ପୁରାଣମାନ ଉତ୍ତମରୂପେ ଅଧ୍ୟୟନ କରିଥିଲେ ମଥୁରାମଙ୍ଗଳରୁ ତାହାର ପରିଚୟ ମିଳେ । ସଂସ୍କୃତ ଭାଗବତ, ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ, ବିପ୍ରନାରାୟଣଙ୍କ ହରିବଂଶ, ଅଚ୍ୟୁତାନନ୍ଦ ଦାସଙ୍କ ହରିବଂଶ, ବ୍ରହ୍ମ-ବୈବର୍ତ୍ତ ପୁରାଣ, ଦୀନକୃଷ୍ଣଙ୍କ ରସକଲ୍ଲୋଳ ପ୍ରଭୃତି ଗ୍ରନ୍ଥ ସହିତ ସେ ସୁପରିଚିତ ଥିଲେ । ସ୍ଥଳବିଶେଷରେ ବିଷୟ ବିନ୍ୟାସରେ ସେ ସାମାନ୍ୟ ପରିବର୍ତ୍ତନ କରିଥିଲେହେଁ ଏଗୁଡ଼ିକର ପ୍ରଭାବ ମଥୁରା-ମଙ୍ଗଳରେ ପରିଦୃଷ୍ଟ ହୁଏ । ରସକଲ୍ଲୋଳକାର ଦୀନକୃଷ୍ଣଙ୍କର ବିଷୟ ସମାବେଶ ଓ ପଦଲାଳିତ୍ୟ ମଥୁରାମଙ୍ଗଳରେ ମଧ୍ୟ ବିଦ୍ୟମାନ । ପୌରାଣିକ ଆଖ୍ୟାୟିକା ଗୁଡ଼ିକ ସହିତ ସେ ଯେ ସୁପରିଚିତ ଥିଲେ ତାହାର ଆଭାସ ମଥୁରାମଙ୍ଗଳରୁ ମିଳେ । ସଂସ୍କୃତରେ ତାଙ୍କର ଗଭୀର ପ୍ରବେଶ ଥିଲା । ତେଣୁ ମନେ ହୁଏ ଯେ ବହୁଶାସ୍ତ୍ର ଆଲୋଚନା ଓ ପାଣ୍ଡିତ୍ୟ ଅର୍ଜନ ପରେ କବି ମଥୁରାମଙ୍ଗଳ ରଚନାରେ ପ୍ରୟାସୀ ହୋଇ ଥିଲେ । ପ୍ରଭାତ ବର୍ଣ୍ଣନାରେ ମଥୁରାମଙ୍ଗଳ ସହିତ ରସକଲ୍ଲୋଳର ସାମ୍ୟ ଲକ୍ଷ୍ୟ କରାଯାଇପାରେ ।

ଏଥୁ ଅନନ୍ତରେ ରଜନୀ ଶେଷରେ
ପରଭୃତ ଧୀରେ ଭାଷି
ଶମ୍ଭୁଆଳେ କମ୍ବୁ- ଶବଦ ଶୁଭିଲା
ଜାଣିଲେ ମଥୁରାବାସୀ ।
ବାୟସ କହିଲା କୁକ୍କୁଟ ଡାକିଲା
ଦଗ ଦିଶେ ପରିମଳ
କୁଳବଣା ଲଜ୍ଜା— ପଥ ଆବୋରିଲେ
ଶୁଭିଲା ମୁଖ ଚହଳ ।

Digitized by srujan ka@gmail.com

ପୁଣ୍ୟ ପ୍ରାଣୀମାନେ   ଯମୁନା ତଟକୁ
ଚଳଲେ ସ୍ନାହାନ ଅର୍ଥେ
ଶ୍ୱେର ବଟପୀ   ଉଲ୍ଲୂକ ନଶାଚରେ
ଭୟ ଆରମ୍ଭିଲେ ଚିତ୍ତେ ।
ପୂର୍ବ ଦିଗେ ରବି   ଉଦୟ ହୋଇଲେ
ପ୍ରଫୁଲ୍ଲିତ ହେଲେ କଞ୍ଜ
କୁମୁଦ ମୁଦ୍ରିତ   ଚେଳ ପ୍ରଫୁଲ୍ଲିତ
କାନ୍ତ ବନ୍ଧୁ ପାଇ ଲଜ ।

(୧୯।୧୪)

ମଥୁରାମଙ୍ଗଳର ଏହି ବର୍ଣ୍ଣନା ସଙ୍ଗେ ରସ କଲ୍ଲୋଳର ବର୍ଣ୍ଣନା ତୁଳନା କରାଯାଉ ।

କୁକ୍କୁଟେ ଡାକଲେ ଗତ ହେଲା ଯାହାନ୍ତ
କାନ୍ତରେ ଜାର ପୁରୁଷମାନେ ପଳାନ୍ତ ।
କୁଙ୍କୁମ ବର୍ଣ୍ଣ ଧରିଲା ବାସବ ଦିଗ
କରିବାକୁ ସ୍ନାନ ଉପ୍ରେ ହେଲେ ଉଦ୍‌ବେଗ ।
କାକ କୋକିଳ ପତଙ୍ଗମାନଙ୍କ ଡାକ
କହୁଁ କହୁଁ ପ୍ରବଳ ହୋଇଲା ଅନେକ ।
କମ୍ବୁ ଶବଦ ଶୁଭିଲା ଦେବଙ୍କ ପୁରେ
ଉଠେ ଜେ ଜାରକୁ ଯିବାପାଇଁ ସତ୍ୱରେ ।
କଇରବେ ଶୋଇଲେ କମଳେ ହସିଲେ
କୋକ ମିଥୁନ ବିୟୋଗ ଦୁଃଖ ନାଶିଲେ ।
ଜଣ୍ଟ୍ୟାଳ ଚସ୍କର ପ୍ରଶ୍ନ ନଞ୍ଜନ
କଳାକର ପ୍ରିମୃତରେ ହେଲେ ମଞ୍ଜନ ।

(ରସକଲ୍ଲୋଳ ୨୭।୩୭-୩୮)

Digitized by srujan ka@gmail.com

ଶ୍ରୀକୃଷ୍ଣଙ୍କ ଦର୍ଶନ ପାଇଁ ବ୍ୟାକୁଳ ହୋଇ ମଥୁରାପୁରନାରୀମାନେ ଯେଉଁ ବିଭ୍ରମ ପ୍ରଦର୍ଶନ କରିଥିବାର ଚିତ୍ର ମଥୁରାମଙ୍ଗଳରେ ଦିଆଯାଇଅଛି, ତାହା ରସକଲ୍ଲୋଳର ବର୍ଣ୍ଣନାର ଅନୁରୂପ । ତୁଳନାତ୍ମକ ବସ୍ତୁ ପାଇଁ ଏଠାରେ ଗୋଟିଏ ଉଦାହରଣ ଦିଆଯାଉଅଛି ।

କାହିଁ ଦର୍ପଣମୁଖୀ ଦର୍ପଣ ଧରି ହୁଅଇ ବେଶ
ଚଳଇ ଖଣ୍ଡେ ସିନ୍ଦୂର ଗଣ୍ଡେ କଜ୍ଜ୍ୱଳ ଭାଲଦେଶ ।
କଣ୍ଠେ ବସଣୀ ନାସାରେ ଆଣି ତାଡଙ୍କ ଲଗାଇଲା,
କଟିକିଙ୍କିଣୀ କଣ୍ଠେ ଭୂଷଣ ଚେତନା ହଜାଇଲା ।
ଚରଣ ଆଭରଣ ସଙ୍କୁଳ କରେ ଖଞ୍ଜିଲା ନେଇ,
କରକଣ୍ଟକ ପାଦେ ଝୁଣ୍ଟକଗାଣ୍ଠି ବାନ୍ଧିଲା ଖଣ୍ଡିଁ ।

ମଥୁରାମଙ୍ଗଳ (୧୪।୩୭-୩୪)

କେ କେତେ ରୂପରେ ହୋଇଲେ ଭ୍ରମ
କହିବାକୁ ତାହା କେ ଅବା କ୍ଷମ ।
କେ ବସି ବେଶ ହେଉ ଯେ ଥିଲା
କେ ବନ ଆବେଗେ ଯାଏ ନଗଲା ।
କାହା କବରୀ ନୋହିଥିଲା ବନ୍ଧା
କଲା ମୁରଲୀ ଧ୍ୱନି ତାକୁ ଧନ୍ଧା ।
କଜ୍ଜଳ ବୋଲି ଯେ କସ୍ତୁରୀ ନେଇ
କମଳଦଳ ନୟନେ ରଞ୍ଜଇ ।
କଜ୍ଜ୍ୱଳ କଲା କପାଳେ ଟିକା
କଲା ଉଚାଟ ତାକୁ ହତଚେତା ।
କେ କଟିଭୂଷଣ କଣ୍ଠକୁ ଦେଲା
କଣ୍ଠଭୂଷଣ ଚରଣେ ଖଞ୍ଜିଲା ।

Digitized by srujan ka@gmail.com

କାହାର ଏକ ନୟନେ ଅଞ୍ଜନ
କେ ଧାଇଁଲା ଖଟେ ଘେନ ଚନ୍ଦନ ।
କେ ରସବତି କମ୍ପ ଗୁନ୍ଥଲା
କମ୍ପ କର କୃଷ୍ଣଶମ୍ପ ଲୋଡ଼ଲା ।

(ରସକଲ୍ଲୋଳ ୧୭।୧୨-୧୪)

ଏ ପ୍ରକାର ବିଭ୍ରମ ବର୍ଣ୍ଣନାରେ ଭକ୍ତ ଚରଣ ଯେ ପଥପ୍ରଦର୍ଶକ ତାହା ନୁହେ, ତାଙ୍କ ପୂର୍ବରୁ ସଂସ୍କୃତ କବିମାନେ ଏ ପ୍ରକାର ବର୍ଣ୍ଣନା କରି ଯାଇଥିଲେ । ଉପେନ୍ଦ୍ରଭଞ୍ଜ ତାଙ୍କର ବୈଦେହୀଶବିଳାସରେ ରାମଲକ୍ଷ୍ମଣଙ୍କ ଦର୍ଶନରେ ମିଥିଳାନାରୀ-ମାନଙ୍କର କେଶବିଭ୍ରମ ବର୍ଣ୍ଣନା କରି ଅଛନ୍ତି ।

ମଥୁରାମଙ୍ଗଳର ନବମ ଛାନ୍ଦରେ ଭକ୍ତଚରଣ କାମର ଦଶଦଶାର ବର୍ଣ୍ଣନା କରିଅଛନ୍ତି । ସେହିପରି ଦୀନକୃଷ୍ଣ ମଧ୍ୟ ରସକଲ୍ଲୋଳର ଚତୁଃର୍ବିଂଶ ଛାନ୍ଦ (୫ମ—୧୦ମ ପଦ)ରେ କାମର ଦଶଦଶା ବର୍ଣ୍ଣନ କରି ଅଛନ୍ତି । ଏଥିରୁ ଅନୁମିତ ହୁଏ ଯେ ସଂସ୍କୃତ ଅଳଙ୍କାର ଗ୍ରନ୍ଥରେ ଉଭୟଙ୍କର ପ୍ରବେଶ ଥିଲା ।

ରାଧିକା ଶ୍ରୀକୃଷ୍ଣଙ୍କ ନିକଟକୁ ପତ୍ର ଲେଖିବା ପ୍ରସଙ୍ଗରେ ଭକ୍ତଚରଣ ଲେଖିଅଛନ୍ତି—

ଏତେକ ଲେଖି ନବୀନ ମୀନାକ୍ଷୀ କଉତୁକ କରି ମୁଡ଼ିଲେ
କୁସୁମମଣ୍ଡା ଉପରେ ଥୋଇ ବାଳୀ କି କି ମନରେ ବିସ୍ମରିଲେ
ତାପରେ, ଉରଗ ଗୋଟିଏ ଲିହିଲେ
ପୁଣି ଅଞ୍ଜନା-ନନ୍ଦନ ଚନ୍ଦ୍ରଚୂଡ଼ ତହିଁ ପାର୍ଶ୍ୱେ ବସାଇଲେ ।

(ମଥୁରାମଙ୍ଗଳ ୨୯।୩୮)

Digitized by srujan ka@gmail.com

ଏହି ପଦଟି ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ କହିଅଛନ୍ତି ଯେ ଏହାର ମର୍ମ ଯେଉଁ ଶ୍ଳୋକରୁ ଗୃହୀତ, ତାହା ଜଗନ୍ନାଥ ମିଶ୍ରଙ୍କ ରସକଳ୍ପଦ୍ରୁମରେ ଅଛି । ଶ୍ଳୋକଟି ହେଉଛି—

କାଚିତ୍ କାନ୍ତା ରମଣବସତିଂ ପ୍ରେଷୟନ୍ତୀ କରଣ୍ଡଂ
ଦୃଢ଼ଗୁପ୍ତେ ସହପ୍ରମଲଖତ୍ ବ୍ୟାଳମସ୍ୟୋପରିଷ୍ଟାତ୍
ଗୌରୀକାନ୍ତଂ ପବନତନୟଂ ଚମ୍ପକଂ ଚାସ୍ୟ ଭାବଂ
ପୃଚ୍ଛତ୍ୟାର୍ଯ୍ୟା ନପୁଣତିଲକୋ ମଲ୍ଲିନାଥଃ କବୀନ୍ଦ୍ରଃ ।

ପଣ୍ଡିତ ଆର୍ତ୍ତବଲ୍ଲଭ କହିଅଛନ୍ତି—"ଏହାର ଅଭିପ୍ରାୟ ଏହି ଯେ ଗୋପୀମାନେ ଯେଉଁ ଫୁଲମଣ୍ଡା ପଠାଇଲେ ତାହାର ସୁବାସ ହରଣ କରିବାକୁ ପବନ ଆସିଲେ ସର୍ପ ତାହା ପାନ କରିଦେବ; ତହୁଁ ତାହାର ସୁବାସ ଦୂର ହେବ ନାହିଁ । ହନୁମାନ ମୂର୍ତ୍ତି ଥିବାରୁ ସେଥିରେ ସୂର୍ଯ୍ୟଙ୍କ କିରଣ ପଡ଼ିବନାହିଁ । ତହୁଁ ଫୁଲ ଶୁଖିବ ନାହିଁ ।"

କେହି କେହି କହନ୍ତି ଯେ ଏହି ଶ୍ଳୋକଟିର ଗୋଟିଏ ଗୂଢ଼ ଅର୍ଥ ଅଛି । ସର୍ପ ବା କୁଣ୍ଡଳିନୀକୁ ଜାଗ୍ରତ କରି ଓ ସୂର୍ଯ୍ୟନାଡ଼ୀରେ ଅର୍ଥାତ୍ ନାକର ଦକ୍ଷିଣ ପୁଡ଼ାରେ ବହୁଥିବା ପବନକୁ ବନ୍ଦକରି ଶିବଙ୍କ ଭକ୍ତ ହେଲେ ଚମ୍ପାଫୁଲ ବା ସଖୀବୃନ୍ଦଙ୍କୁ ଭୋଗ କରିବାରେ ସମର୍ଥ ହେବ ।

ଶ୍ଳୋକଟିର ନିଗୂଢ଼ାର୍ଥ ଯାହା ହେଉନା କାହିଁକି ଉଭୟ ଯେ ପଣ୍ଡିତ ଥିଲେ ଓ ହସ୍ତଲିଖିତ ସହିତ ସୁପରିଚିତ ଥିଲେ, ଏହା ନିଃସନ୍ଦେହ ।

ମଥୁରାମଙ୍ଗଳରେ ଉତ୍କଳର ସମାଜଚିତ୍ର

ମଥୁରାମଙ୍ଗଳରେ ଗୋପ ଓ ମଥୁରାର ଚିତ୍ର ପ୍ରଦତ୍ତ ହୋଇଅଛି । କିନ୍ତୁ ଉତ୍କଳୀୟ କବି ଭକ୍ତଚରଣ ଗୋପବାସୀ ଓ ମଥୁରାବାସୀମାନଙ୍କୁ ଉତ୍କଳୀୟ ରୂପେ ଚିତ୍ରଣ କରିଅଛନ୍ତି । ସେ ସେମାନଙ୍କୁ ଉତ୍କଳୀୟ ବେଶଭୂଷା ପିନ୍ଧାଇ ଅଛନ୍ତି, ସେମାନଙ୍କ କାର୍ଯ୍ୟକଳାପକୁ ଉତ୍କଳୀୟ ସମାଜର ଅନୁରୂପ କରିଅଛନ୍ତି । ଏହା ଫଳରେ ଆମ୍ଭେମାନେ ନନ୍ଦ, ଯଶୋଦା, କଂସ, ଗନ୍ଧାପ୍ରିତ, ଗୋପୀ, ମଥୁରାରମଣୀ ପ୍ରଭୃତିଙ୍କୁ ଉତ୍କଳୀୟ ନରନାରୀରୂପେ ଦେଖିବାକୁ ପାଉଁ । ସେମାନଙ୍କର ଚଳଣି ଓଡ଼ିଆଘରର ଚଳଣିପରି ହୋଇଅଛି ।

ଅକ୍ରୂର ଶ୍ରୀକୃଷ୍ଣଙ୍କର ଗୁରୁଜନ । ସେ ତାଙ୍କୁ ମନ୍ଦିରକୁ ନେଇ, ଆସନ ଦେଇ, ଜଳରେ ପାଦ ଧୋଇ 'ଦଧି ପୂରି-ପିଷ୍ଟକ ଲବଣୀ ଆଦି ଖାଦ୍ୟ' ଦେଇଅଛନ୍ତି । ସେ ରତ୍ନପଲଙ୍କରେ ଶୋଇବାବେଳେ ରାମକୃଷ୍ଣ ଦୁଇଭାଇ ତାଙ୍କର ପଦସେବା କରି ଅଛନ୍ତି । ଏ ପ୍ରକାର ସମ୍ବର୍ଦ୍ଧନା ସମ୍ପୂର୍ଣ୍ଣ ଉତ୍କଳୀୟ । ଶ୍ରୀକୃଷ୍ଣଙ୍କର ଗୋଦୋହନ କାଳର ବର୍ଣ୍ଣନା ଓଡ଼ିଶାର ଗୋପାଳ ପଲ୍ଲୀର ଚିତ୍ର ଦେଖାଇଦିଏ ।

ଦୁହନ୍ତି ଗାଈ, ସୋଦର ଦୁଇ ସଙ୍ଗେ ବନ୍ଧୁର ବାଳ
ବାଛୁରିମାନେ ଅଙ୍ଗ ଲହନ୍ତେ ଲାଗି ରହିଛି ଲାଳ ।
ଦୁହନ୍ତି ହୁଣ୍ଡେ ଭରନ୍ତି ହାଣ୍ଡେ ଢୁଅନ୍ତି ଢଳାଢଳ
ଗୋପନନ୍ଦନେ ବାଦ ବଚନେ ଏକ ଆରକେ ବଳ ।

(୨।୨୯-୩୦)

ଯଶୋଦା ଓଡ଼ିଆ ଘରର ମାଆରୂପେ ଚିତ୍ରିତ । ମାଆ କପରି ପୁଅ ଆଖିରେ ଅଞ୍ଜନ ଲଗାଏ, ବସ୍ତ୍ର ପାଡ଼ ଶୁଆଏ, ଶିଶୁ କପରି ପିତାଙ୍କ ନିକଟରେ ଦୁଧ ଖାଇବାକୁ ଅଳିକରେ, କପରି ମାଆ

Digitized by srujan ka@gmail.com

ନାଳଆର ପୁଅକୁ ଖୁଆଏ ଏସବୁର ବିଶଦ ବର୍ଣ୍ଣନା ଯଶୋଦାଙ୍କ ବିଳାପରେ ଦେଖିବାକୁ ମିଳେ ।

ଦୁଷ୍ଟ ଅସୁରମାନେ ଶ୍ରୀକୃଷ୍ଣଙ୍କୁ ମାରିବାପାଇଁ ଉପାୟ ଚିନ୍ତା କଲାବେଳେ ନିଜର ମଲ୍ଲଭିର ପରିଚୟ ଦେବା ଉଦ୍ଦେଶ୍ୟରେ କହୁଅଛନ୍ତି—

ଆଡ଼ଣ ଚାଡ଼ଣ ସରିଲାପିବା,
ଅଦୃଶ୍ୟ ହୋଇ ଠଣାଧରିଥିବା,
ଉଲଟ ପଞ୍ଜାଣ ଡାକିବାଠାରି,
ମୁଥ ବଞ୍ଚାଣ ପ୍ରହାର ପସୁରି,
ମୁଣ୍ଡକୁ ମୁଣ୍ଡ ମାରିବା ଗତି
ସେକାହୁଁ ଜାଣିବେ ଗଉଡ଼ ଜାତି ।

ଉତ୍କଳୀୟ ମଲ୍ଲମାନେ ଯେଉଁସବୁ କୌଶଳ ଅର୍ଜନ କରିଥିଲେ ତାହାର ସୂଚନା ଏଥିରୁ ମିଳେ ।

ମଥୁରାପୁରରେ ଗୋପାଳବାଳକମାନେ କପଟ ବେଶଭୂଷା ପରିଧାନ କରିଥିଲେ ଓ କପଟ ଆମୋଦ ପ୍ରମୋଦରେ ରତ ଥିଲେ, ତାହାର ଚଉ ସପ୍ତଦଶ ଛାନ୍ଦରେ ଦେଖିବାକୁ ମିଳେ ।

କେ ବାଡ଼ି ବୁଲାଇ ଚମକ ଯାଇ
ଗଉଡ଼ ନାଟ ଖଣ୍ଡେ କେ ନାଚଇ
କେବଣ ପୁଅ ମାରେ ଗାଲଭୁସି
କେ ବାଡ଼ି ମେଲି ଡାକେ ଖରକଷି
କେ ପିଠେଇ ନେଇ, କେହୁ ବାଆଇ ବୋଲେ ନାହିଁ ନାହିଁ ।

Digitized by srujan ka@gmail.com

କାହାର ମୁଣ୍ଡରେ ଖୋଲଣ ପାଗ
ଦୋହଲି ଝୁଲଇ କି ମତ୍ତ ନାଗ ?
କାହାର ଶିରେ ଚୁଞ୍ଚି ଗୁଞ୍ଜମାଳୀ
କାହାର ବେଣୀ ପଛକୁ ଝୁଲୁଛ
କା କଟୀରେ ଘଣ୍ଟି, କେହୁ ପିନ୍ଧିଅଛି କନକ ଧଟୀ
(୧୭।୫-୭)

ଗୋପାଳ ବାଳକମାନଙ୍କର ଏ ପ୍ରକାର ବେଶଭୂଷା ଓ କ୍ରୀଡ଼ା କୌତୁକ ତତ୍କାଳୀନ ଉତ୍କଳୀୟ ଗୋପାଳ ସମାଜର ଏକ ନିଖୁଣ ଚିତ୍ର ।

ସେକାଳରେ ଦରିଦ୍ର ଗୋପାଳମାନେ କପରି ଦୀନହୀନ ଜୀବନ ଯାପନ କରୁଥିଲେ, ତାହା ଶ୍ରୀକୃଷ୍ଣଙ୍କ ମୁଖରେ ବର୍ଣ୍ଣନା କରାଯାଇଅଛି ।

ଗାଈ ଚରାଇ ବନମଧ୍ୟେ ଥାଉ
କ୍ଷୁଧା ହେଲେ ନାନା ଫଳ ଖୋଜିବାଉଁ
ସନ୍ଧକାଳେ ଆସି ହେଉଁ ମଠରେ
ଭୋଜନ କରୁ ବଢ଼ାଇ ଅନ୍ଧାରେ
ନ ଥାଇ, ସୁଖ ହୋଇ ବ୍ୟଞ୍ଜନ
ଶଯ୍ୟା ନ ଥାଇ ଭୂମିରେ ଶୟନ ।   (୬୧।୫)

ଏହା ଦରିଦ୍ର ଗୋପାଳର ଦୈନନ୍ଦିନ ଜୀବନର ଚିତ୍ର ଛଡ଼ା ଆଉ କଅଣ ହୋଇପାରେ ?

ଏହି କେତୋଟି ଉଦାହରଣରୁ ଦେଖାଯିବ ଯେ ଭକ୍ତଚରଣ ମଥୁରାମଙ୍ଗଳରେ ଉତ୍କଳୀୟ ସମାଜର ଏକ ଆଲେଖ୍ୟ ଦେଇଅଛନ୍ତି ।

Digitized by srujan ka@gmail.com

ଚରିତ୍ର ଚିତ୍ରଣ

ଶ୍ରୀକୃଷ୍ଣ—ଶ୍ରୀକୃଷ୍ଣ ହେଉଛନ୍ତି ମଥୁରାମଙ୍ଗଳ କାବ୍ୟର ନାୟକ । କବି ତାହାଙ୍କୁ ସର୍ବଶକ୍ତିମାନ୍, ସର୍ବଦର୍ଶୀ, ସର୍ବସ୍ରଷ୍ଟା ଭଗବାନରୂପେ ଗ୍ରହଣ କରିଅଛନ୍ତି ଏବଂ କୃଷ୍ଣଚରିତ ବର୍ଣ୍ଣନା କରିବା ଦ୍ୱାରା ଭବତାପରୁ ଉଦ୍ଧାର ପାଇବେ ବୋଲି କହି ଅଛନ୍ତି ।

ଶ୍ରୀକୃଷ୍ଣଙ୍କୁ କବି ମୁଖ୍ୟତଃ ଦୁଇଟି ଦିଗରୁ ଚିତ୍ରଣ କରିଅଛନ୍ତି । ସେ ସ୍ୱୟଂ ଭଗବାନ୍ । କଂସର ପ୍ରତାପରେ ଦେବତା ଓ ନରଗଣ ସନ୍ତ୍ରସ୍ତହୋଇ ବିଷ୍ଣୁଙ୍କ ଶରଣାପନ୍ନ ହେବାରୁ ସେ କଂସର ନିଧନ ଲାଗି ପୃଥିବୀରେ ଅବତାର ଗ୍ରହଣ କରି ନରଶରୀର ଧାରଣ କରିଥିଲେ । ତେଣୁ କୃଷ୍ଣଙ୍କଠାରେ ଦେବତ୍ୱ ଓ ନରତ୍ୱର ସମ୍ମିଳନ ଦେଖିବାକୁ ମିଳେ । କବି ଭକ୍ତଚରଣ ତାଙ୍କୁ ଏହି ଦୁଇ ଦିଗରୁ ଚିତ୍ରଣ କରିଅଛନ୍ତି ।

ଶ୍ରୀକୃଷ୍ଣ ବସୁଦେବଙ୍କ ଔରସରେ ଦେବକୀଙ୍କ ଗର୍ଭରୁ ଜାତ । କଂସ ଭୟରେ ବସୁଦେବ ଶିଶୁ କୃଷ୍ଣଙ୍କୁ ନେଇ ଗୋପପୁରରେ ନନ୍ଦଙ୍କ ଘରେ ଛାଡ଼ିଦେଇ ଆସିଥିଲେ । ନନ୍ଦ ଓ ତାଙ୍କ ପତ୍ନୀ ଯଶୋଦା ତାଙ୍କୁ ଲାଳନ ପାଳନ କରିଥିଲେ । ସାତଦିନର ଶିଶୁ ହୋଇଥିବାବେଳେ ଶ୍ରୀକୃଷ୍ଣ ପୂତନାକୁ ବଧ କରିଥିଲେ । ବାଲ୍ୟ-କାଳରେ ତୃଣା,ଶକଟା, ବକା, ଅଘା ପ୍ରଭୃତି ରାକ୍ଷସଙ୍କୁ ନିଧନ କରି ଯାମଳାର୍ଜ୍ଜୁନ ଭଗ୍ନ କରିଥିଲେ । କାଳୀୟ ଦଳନ, ବ୍ରହ୍ମାଙ୍କଦ୍ୱାରା ଗୋପର ବତ୍ସ ବାଳକ ହୃତ ହେବାରୁ ନିଜ ଶରୀରରୁ ସେ ସବୁ ଜାତ କରିବା, ଇନ୍ଦ୍ର ବିବାଦରେ ଗୋବର୍ଦ୍ଧନ ଟେକି ଧରିବା ପ୍ରଭୃତି ଅତିପ୍ରାକୃତିକ କାର୍ଯ୍ୟ ତାଙ୍କ ଦ୍ୱାରା ସାଧିତ ହୋଇଥିଲା । ଏ ପ୍ରକାର

Digitized by srujan ka@gmail.com

କାର୍ଯ୍ୟ ସାଧାରଣ ମାନବ ପକ୍ଷରେ ସମ୍ଭବପର ନୁହେଁ । ତେଣୁ ଏତଦ୍ୱାରା ଶ୍ରୀକୃଷ୍ଣଙ୍କର ଦେବତ୍ୱ ପ୍ରକଟନ କରିବା କବିଙ୍କର ମୁଖ୍ୟ ଉଦ୍ଦେଶ୍ୟ ।

କଂସ ଶୂନ୍ୟବାଣୀ ଶୁଣିଥିଲା ଯେ ଶ୍ରୀକୃଷ୍ଣଙ୍କ ଦ୍ୱାରା ତାର ବିନାଶ ଘଟିବ । ତେଣୁ ସେ ତାଙ୍କୁ ବିନାଶ କରିବାକୁ ନାନା ଚକ୍ରାନ୍ତ କରିଅଛି । କିନ୍ତୁ ଯେଉଁମାନେ କଂସର ପରାମର୍ଶରେ ଶ୍ରୀକୃଷ୍ଣଙ୍କୁ ବିନାଶ କରିବାକୁ ଯାଇଅଛନ୍ତି, ସେମାନେ ସ୍ୱୟଂ ନିହତ ହୋଇ-ଅଛନ୍ତି । ତେଣୁ କଂସ କୌଶଳର ଆଶ୍ରୟ ନେଇଅଛି । ଧନୁଯାତ୍ରା ଉପଲକ୍ଷରେ ସମ୍ଭାର ସହ କୃଷ୍ଣ ବଳରାମଙ୍କୁ ସଙ୍ଗରେ ଘେନି ମଥୁରାକୁ ଆସିବାପାଇଁ ସେ ନନ୍ଦଙ୍କ ନିକଟକୁ ପତ୍ର ପଠାଇଅଛି । ନନ୍ଦ ତଦନୁ-ସାରେ କୃଷ୍ଣ, ବଳରାମ ଓ ଗୋପାଳବାଳକମାନଙ୍କ ସହ ମଥୁରା ଯାଇଅଛନ୍ତି । ସେଠାରେ ପୁଣି ଶ୍ରୀକୃଷ୍ଣ ଅଲୌକିକ ଶକ୍ତିର ପରିଚୟ ଦେଇଅଛନ୍ତି । କୁବଳୟାବଧ, ରଜକ ବଧ, କୁବୁଜାର ଉଦ୍ଧାର ଦ୍ୱାରା ଶ୍ରୀକୃଷ୍ଣଙ୍କର ଦେବତ୍ୱ ପ୍ରକାଶ ପାଇଅଛି । ସେ କୁବଳୟା ଓ ଚାଣୂର ପ୍ରମୁଖ ମଲ୍ଲମାନଙ୍କ ସହିତ ଯୁଦ୍ଧରେ ଅପୂର୍ବ ବୀରତ୍ୱ ଓ କୌଶଳ ପ୍ରଦର୍ଶନ କରିଅଛନ୍ତି । ପରିଶେଷରେ କଂସ ଖଡ୍ଗ ଧରି ଶ୍ରୀକୃଷ୍ଣଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେବାମାତ୍ରେ ମଞ୍ଚରୁ ପଡ଼ି ପ୍ରାଣତ୍ୟାଗ କଲା ।

ମଥୁରାମଙ୍ଗଳରେ ଶ୍ରୀକୃଷ୍ଣ ମୁଖ୍ୟତଃ ପ୍ରେମିକ ରୂପରେ ଚିତ୍ରିତ । ଗୋପାଙ୍ଗନାମାନଙ୍କ ପ୍ରତି ତାଙ୍କର ଗଭୀର ପ୍ରେମର ବର୍ଣ୍ଣନା ମଥୁରା-ମଙ୍ଗଳରେ ଏକ ପ୍ରଧାନ ସ୍ଥାନ ଅଧିକାର କରିଅଛି । ମଥୁରା ପ୍ରସ୍ଥାନ କାଳରେ ଗୋପୀମାନେ ବିରହରେ ବ୍ୟାକୁଳ ହୋଇ ଲୋତକ ବର୍ଷଣ କରିବାରୁ ଶ୍ରୀକୃଷ୍ଣ 'ଦିନ ଦୁଇ ଚାରି ରହି ଲେଉଟି ଆସିବାରି'

Digitized by srujan ka@gmail.com

ଆଶା ଦେଇ ସେମାନଙ୍କୁ ସାନ୍ତ୍ୱନା ପ୍ରଦାନ କରି ଅଛନ୍ତି । ତଥାପି ଗୋପୀମାନେ ବ୍ୟାକୁଳ ଭାବରେ କ୍ରନ୍ଦନ କରି ଦୁଃଖରେ ରହିଅଛନ୍ତି । ସାନ୍ତ୍ୱନା ଦେବାକୁ ଯାଇ ଶ୍ରୀକୃଷ୍ଣ କହିଅଛନ୍ତି—

ବହୁରାତ୍ର କି ଗଲେ ଆସିବ ନାହିଁ
ପଦ୍ମ ବଦନେ ଭୃଙ୍ଗ ରହିବ କାହିଁ ଗୋ ।
ଜଳ ନ ପାଇ କାହିଁ ବଞ୍ଚିବ ମୀନ
ଚାତକ ବଞ୍ଚିଇ କି ନ ଦେଖି ଘନ ଗୋ ।

\+ + +

ରାମ ଅନୁଜ ଭଣି, ଶୁଣ ଗୋ ଷ୍ଠରୁ,
ଏମନ୍ତ ନୁହଇ କି ଆମ୍ଭେ ପରଖୁ ଗୋ ।
ପ୍ରବାସୀ ହୋଏ ଯେବେ ପ୍ରାଣ ନାୟକ
ପୁଣି ଆସିଲେ ସୁଖ ହୋଏ ଅନେକ ଗୋ ॥

୮।୨, ୧୮

ମଥୁରାରେ ଅବସ୍ଥାନ କାଳରେ ସେ ଗୋପୀମାନଙ୍କୁ ବିସ୍ମରଣ କରି ନାହାନ୍ତି । 'ଦୁଇ ବୃର ଘନ' ମଧ୍ୟରେ ଗୋପପୁରକୁ ଫେରି ଆସି ନ ପାରି ସେ ସ୍ୱପ୍ନରେ ରାଧିକା ଓ ଗୋପୀମାନଙ୍କୁ ଦେଖି-ଅଛନ୍ତି ଏବଂ ଗୋପପୁରର ସଖାଗଣ, ପିତାମାତା ଓ ଗୋପୀମାନଙ୍କ ନିକଟକୁ ଉଦ୍ଧବଙ୍କ ହସ୍ତରେ ପତ୍ର ପ୍ରେରଣ କରିଅଛନ୍ତି । ସେ ଉଦ୍ଧବଙ୍କୁ କହି ଅଛନ୍ତି—

ସେମାନେ ମୋହର ଦେହ, ମୁହିଁ ତାଙ୍କ ପ୍ରାଣ
ତାଙ୍କଠାରେ ଉଦ୍ଧବ ମହିମ ନାହିଁ ଆନ ।   ୨୪।୨୭

ଶ୍ରୀରାଧିକାଙ୍କ ନିକଟକୁ ଶ୍ରୀକୃଷ୍ଣ ଯେଉଁ ପତ୍ର ଦେଇଅଛନ୍ତି ତାହା ତାଙ୍କର ଗଭୀର ପ୍ରେମର ଅଭିବ୍ୟକ୍ତିରେ ପୂର୍ଣ୍ଣ । ଅନ୍ୟାନ୍ୟ ଗୋପୀମାନଙ୍କ ପ୍ରତି ଲକ୍ଷ୍ୟ କରି ସେ ଲେଖିଥିଲେ—

Digitized by srujan ka@gmail.com

ସକଳ ଗୁଣ ନିପୁଣା ମାରଜାକ୍ଷୀ ତୁମ୍ଭକୁ ଲେଖିବି କିସ
ସକଳ ସଜ୍ଜନୀମାନଙ୍କୁ କହିବୁ କେହି ନୋହିବେ ବିରସ,
ଗୋ ଯିବ । ଦିନା କେତେ ଏଥି ମାତ୍ର ଥିବି ମୁଁ ।
ତୁମ୍ଭମାନଙ୍କୁ ଦର୍ଶନ ଦେବି ମୁଁ !
ନିରବଧି ସଙ୍ଗେ ସଙ୍ଗେ ଥିବି ମୁଁ ।   ୨୮।୨୪

ଶ୍ରୀକୃଷ୍ଣ ମାନବ ରୂପରେ ଅବତୀର୍ଣ୍ଣ ହୋଇ ମାନବସୁଲଭ କ୍ରିୟାକଳାପ ମଧ୍ୟ ପ୍ରଦର୍ଶନ କରିଛନ୍ତି । ପିତାମାତାଙ୍କ ନିକଟରେ ସେ ସନ୍ତାନୋଚିତ କର୍ତ୍ତବ୍ୟସାଧନରେ ତ୍ରୁଟି କରି ନାହାନ୍ତି । ମାତାଙ୍କର ତାଡ଼ନା ସହ୍ୟ କରିଛନ୍ତି; ଗୁରୁଜନମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିଛନ୍ତି । ଅକ୍ରୂରଙ୍କ ପ୍ରତି ତାଙ୍କର ଆତିଥେୟତା, ତାଙ୍କର ପାଦସେବା ତାଙ୍କ ଚରିତ୍ରର ମହତ୍ତ୍ୱ ପ୍ରକଟନ କରେ । ମଥୁରା ଯିବା ସମ୍ବନ୍ଧରେ ସେ ପିତାଙ୍କର ଆଦେଶକୁ ଅପେକ୍ଷା କରିଛନ୍ତି । ଲୋକଶିକ୍ଷା ଅବତାରର ଏକ ଉଦ୍ଦେଶ୍ୟ । ଶ୍ରୀକୃଷ୍ଣ ନିଜର କାର୍ଯ୍ୟ ଦ୍ୱାରା ଲୋକ-ଶିକ୍ଷକଙ୍କର କାର୍ଯ୍ୟ କରିଅଛନ୍ତି ।

ସର୍ବୋପରି 'କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ' । ଅକ୍ରୂର ଓ ଉଦ୍ଧବ ତାଙ୍କର ଭଗବତ୍ତା ଜାଣିଥିଲେ । ମଥୁରା ଯିବା ପଥରେ ଅକ୍ରୂର ଯମୁନାଜଳରେ ସ୍ନାନ କଲାବେଳେ ଶ୍ରୀକୃଷ୍ଣ ତାଙ୍କୁ ନିଜର ମାୟା ପ୍ରଦର୍ଶନ କରିଥିଲେ । ସେତେବେଳେ ଅକ୍ରୂର ତାଙ୍କୁ ସ୍ତବ କରିଅଛନ୍ତି । ଉଦ୍ଧବ ମଧ୍ୟ ଗୋପୀମାନଙ୍କ ସହିତ ବାଦାନୁବାଦ କଲାବେଳେ ଶ୍ରୀକୃଷ୍ଣଙ୍କର ମାହାତ୍ମ୍ୟ ବର୍ଣ୍ଣନା କରି କହିଅଛନ୍ତି—

ରୂପରେଖ ନାହିଁ କହୁ ଚନ୍ଦ୍ରମା ପ୍ରାୟୁ ବ୍ୟାପିଛି
ସେ ଯେହ୍ନେ ଦିଶଇ ଜଳ ଘଟେ

Digitized by srujan ka@gmail.com

ସେ ଘଟ ବିନାଶ ଗଲେ ଶୂନ୍ୟ ହୋଏ ଶାସ୍ତ୍ର ବୋଲେ
ପୁଣି ଅନ୍ୟ ଘଟେ ଯାଇ ଯୋଡ଼େ, ଗୋ ଗୋପୀମାନେ
ଏଣୁ ରୂପ ହୋଇ ରୂପ ନୋହି
ଭାବେ ପାଇ ଅଭାବେ ନ ପାଇ ଗୋ । ୨୭।୨

ଶ୍ରୀକୃଷ୍ଣଙ୍କର ପ୍ରଧାନ କାର୍ଯ୍ୟକଳାପ ଗୋପ, ମଥୁରା ଓ ଦ୍ୱାରକାରେ ପ୍ରକାଶିତ । ଦ୍ୱାରକା ରାଜା ଶ୍ରୀକୃଷ୍ଣ ଜଣେ କୁଟିଳ ରାଜନୀତିଜ୍ଞ ଭାବରେ ସୁପରିଚିତ । ମଥୁରାରେ କଂସ ନିଧନରେ ମଧ୍ୟ ତାଙ୍କର କପଟତା ନାନା ଘଟନାରେ ପ୍ରକାଶିତ ହୋଇଅଛି ।

କୁବଳୟାର ମାହୁନ୍ତ ଶ୍ରୀକୃଷ୍ଣଙ୍କୁ କହିଲା—ହାତୀକୁ ପେଲି ଦେଇ ଯାଅ । ତହୁଁ ଶ୍ରୀକୃଷ୍ଣ କପଟ ବିନୟରେ କହିଅଛନ୍ତି— "ଆମେ ତ ପିଲା । ହାତୀ ଘୋଡ଼ା ଦେଖିଲେ ଡରିଯାଉଁ । ଆମେ ବଣରେ ରହି ଗାଈ ଚରାଉଁ । ଗଛର ଫଳ ଗୋଟାଉଁ । ରାତିରେ ଘରକୁ ଆସି ଅନ୍ଧାରରେ ଖାଉଁ । ଚଉକାଖଟ କଅଣ ଜାଣୁନା । ମାଟିରେ ଶୋଇ ପଡ଼ୁଁ ।"

ସେହିପରି କଂସ ନିଧନ ପରେ ମାଈମାନଙ୍କ ନିକଟରେ କୃତ୍ରିମ ଶୋକ ପ୍ରକାଶ କରି ଆଖିରୁ ଲୁହପୋଛି ସେ କହିଅଛନ୍ତି—

ତୁମ୍ଭମାନଙ୍କର କିସ ଗଲା । ୟାଇବର ମାମୁଁ ମୋର ମଲା
କାହିଁ ପଶିବି କେଣିକି ପଳାଇବି ମୋତେ ଜଗ ଅନ୍ଧାର
ଦିଶିଲା ହେ ଦଇବ । ୨୩।୩୬

ମାମୁ ଗୁଣ ଅଛଇ ଯେତେକ
କହୁ ବସିଲେ ହେବ ଅନେକ ।
ତାତ ମାତଙ୍କୁ ଶାଙ୍କୋଳ ଦିଆଇଲା,
ପୁଣ ମାଇଲା ଛଅବାଳକ ହେ । ଦଇବ । ୨୭।୪୦

Digitized by srujan ka@gmail.com

ଶ୍ରୀକୃଷ୍ଣଙ୍କ ଏହି କପଟ ବଳାପରେ ବ୍ୟଙ୍ଗ ପୂରି ରହିଛି । ଭକ୍ତଚରଣ ଶ୍ରୀକୃଷ୍ଣଙ୍କୁ ବର୍ଣ୍ଣନା କରି ଲେଖି ଅଛନ୍ତି—

ଶିଶୁକୁ ଦିଶନ୍ତି ଶିଶୁ ପରାଏ । ନାରୀଙ୍କ ଦୃଷ୍ଟିକି ମଦନରାଏ ।

× × ×

ବୃଦ୍ଧଙ୍କୁ ବାଳକ ସ୍ୱଭାବ ମତି । ଜ୍ଞାନୀଙ୍କି ନିର୍ଗୁଣ ରୂପ ଶ୍ରୀପତି
ଭକ୍ତଙ୍କୁ ନନ୍ଦନନ୍ଦନ ପରି । ନାନା ରୂପ ଧରେ ମନ୍ଦରଧରି ।

୨୧ । ୩୯

କଂସ —କାବ୍ୟର ପ୍ରଧାନ ନାୟକ ଶ୍ରୀକୃଷ୍ଣ ଏବଂ କଂସ ହେଉଛି ପ୍ରତିନାୟକ । ନାୟକ ଚରିତ୍ରର ମହତ୍ତ୍ୱ ଓ ଉତ୍କର୍ଷ ପ୍ରଦର୍ଶନ ନିମନ୍ତେ ପ୍ରତିନାୟକ ସାହାଯ୍ୟ କରିଥାଏ । ପ୍ରତିନାୟକ ନିତାନ୍ତ ଦୁର୍ବଳ ଓ ହୀନ ହେଲେ ନାୟକର ଚରିତ୍ର ବିକାଶ ଲାଗି ସୁଯୋଗ ମିଳେନାହିଁ । ତେଣୁ କବି ମଥୁରାମଙ୍ଗଳରେ କଂସଠାରେ କେତେକ ଗୁଣର ଅବତାରଣା କରି ଶ୍ରୀକୃଷ୍ଣଙ୍କର ମହତ୍ତ୍ୱ ବୃଦ୍ଧି କରି-ଅଛନ୍ତି ।

କଂସ ମଥୁରାରାଜ ଉଗ୍ରସେନଙ୍କ ପାଟରାଣୀ ଗର୍ଭରୁ ଜାତ । କିନ୍ତୁ ସେ ଉଗ୍ରସେନଙ୍କର ଔରସଜାତ ସନ୍ତାନ ନୁହେଁ । ଜଣେ ବିଦ୍ୟାଧର ଇନ୍ଦ୍ରଙ୍କ ଦ୍ୱାରା ଅଭିଶପ୍ତ ହୋଇ ଦୁର୍ମିଳାରାକ୍ଷସ ରୂପେ ଜନ୍ମିଥିଲା । ସେ ଉଗ୍ରସେନଙ୍କ ରୂପ ଧରି ତାଙ୍କ ପାଟରାଣୀ ଇନ୍ଦୁମତୀଙ୍କ ନିକଟରେ ଉପଗତ ହୋଇଥିଲା । ତେଣୁ କଂସ ରାକ୍ଷସପ୍ରକୃତି ଲାଭ କରିଥିଲା । ସେ ନିଜ ପିତାଙ୍କୁ ବନ୍ଦୀ କରି ମଥୁରାରେ ରାଜତ୍ୱ କଲା । ତାହାର ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇଲା । ସ୍ୱର୍ଗର ଦେବତା-ମାନେ ମଧ୍ୟ ଅସ୍ଥିର ହୋଇପଡ଼ିଲେ । ଦେବତାମାନଙ୍କ ପ୍ରାର୍ଥନାରେ ବିଷ୍ଣୁ କଂସକୁ ବିନାଶ କରିବା ଲାଗି କୃଷ୍ଣ ଅବତାର ଧାରଣ କଲେ ।

Digitized by srujan ka@gmail.com

କଂସ ଜାଣିପାରିଲା ଯେ ତାର ବିନାଶକର୍ତ୍ତା ନିଜର ଭଗିନୀ ଦେବକୀର ଗର୍ଭରୁ ଜନ୍ମ ହେବ । ତେଣୁ ସେ ଭଣେଇ ଓ ଭଉଣୀଙ୍କୁ ବନ୍ଦୀଶାଳାରେ ରଖିଲା । ସେମାନଙ୍କର ଯେତେ ସନ୍ତାନ ଜାତ ହେଲେ, ସେମାନଙ୍କୁ ବିନାଶ କଲା । ପୁଣି ଯେତେବେଳେ ନାରଦଙ୍କଠାରୁ ଜାଣିପାରିଲା ଯେ ଶ୍ରୀକୃଷ୍ଣ ବଞ୍ଚି ରହିଛନ୍ତି, ସେତେବେଳେ ସେ ସବୁ କଅଁଳା ପିଲାଙ୍କୁ ବିନାଶ କରିବାକୁ ଉଦ୍ୟମ କରିଛି । ପୂତନା ସ୍ତନରେ ବିଷ ଭରି ଶ୍ରୀକୃଷ୍ଣଙ୍କୁ ମାରିବାକୁ ଯାଇ ନିଜେ ମରିଛି । କଂସର ବହୁ ଅନୁଚର ତୃଣ, ଶକଟା, ବକା, ଅଘା, ବ୍ୟୋମା, ବତ୍ସା, କେଶୀ, କଦମ୍ବା, ଧେନୁକା ପ୍ରଭୃତି ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ ହୋଇଅଛନ୍ତି । ସେତେବେଳେ ସେ କୌଶଳ ଦ୍ୱାରା କାର୍ଯ୍ୟସାଧନ କରିବାକୁ ସ୍ଥିରକରି ନନ୍ଦଙ୍କ ନିକଟକୁ ପତ୍ର ଲେଖିଛି । ଏହି ପତ୍ରଟିରୁ କଂସର ରାଜନୈତିକ ଚତୁରୀ ଜଣାପଡ଼େ । ସେ ନିଜର ବଳ ବୀର୍ଯ୍ୟର ପ୍ରଶସ୍ତି ବର୍ଣ୍ଣନା କରି ନନ୍ଦଙ୍କୁ ଭୟ ପ୍ରଦର୍ଶନ କରି ଲେଖିଛି—

ଘୁର ଗଉଡ଼ ଅଟୁ ତୁ ଏଡ଼େ ମୂଢ଼
ନ ଦେଉ ମୋହର କର,
ଦେବ ଯେବେ ଧାପ ରଖିବଟି ବାପ,
ଅନଳେ ଦହିବ ପୁର । (୩।୧୪)

କିନ୍ତୁ ତା ପରେ ନନ୍ଦଙ୍କର ହୃଦୟରେ ପ୍ରତ୍ୟୟ ଜନ୍ମାଇବା ପାଇଁ ଲେଖିଛି—

ଏବେ ମୋର ଧନୁ ଉତ୍ସବ ହୋଇଛି
ସମ୍ଭାର ଦେନାଇ ଆସ
ସମସ୍ତ ଦୋଷ ତୋର କ୍ଷମା ହୋଇଲା
ମନେ ନ କରିବୁ ତ୍ରାସ । (୩।୧୭)

Digitized by srujan ka@gmail.com

ପରିଶେଷରେ ବନ୍ଧୁତ୍ୱର ତୁଳନା କରି ଉପଦେଶ-ଚ୍ଛଳରେ ଲେଖିଛନ୍ତି—

ବୃଦ୍ଧ ଶରୀର ନଳିନୀ ଜଳ ବନ୍ଧୁତ୍ୱ
ମିଥ୍ୟା ମାଟି କଳେବର
ଚୋର ଥାଉଁ ଥାଉଁ କୃମର ବେନିକି
ଆମ୍ଭରେ ପରତେ କର । (୩।୨୧)

ଏହି ପଦଟିରୁ କଂସର ରାଜନୀତିକୁଶଳତାର ସୂଚନା ମିଳେ ।

କଂସ ପୁରୁଷକାରର ଜୀବନ୍ତ ବିଗ୍ରହ । ସେ କୌଣସି କଥା ଦୈବ ଉପରେ ଛାଡ଼ି ଦେବାକୁ ପ୍ରସ୍ତୁତ ନୁହେଁ । ରାମକୃଷ୍ଣଙ୍କୁ ଅକ୍ରୂର ମଥୁରାକୁ ଆଣିଥିବାରୁ ତାକୁ ପୁରସ୍କାର ଦେଇ କୃଷ୍ଣଙ୍କୁ ବଧ କରିବାର ଉପାୟ ସ୍ଥିର କରିଛନ୍ତି । ସିଂହଦ୍ୱାରରେ କୁବଳୟା ହସ୍ତୀକୁ ରଖାଇଛନ୍ତି ଓ ହସ୍ତିପାଳକୁ ଆଦେଶ ଦେଇଛନ୍ତି ଯେ ସେ ନନ୍ଦର ବେନି ବାଳକକୁ ହସ୍ତି-ହସ୍ତରେ ମରାଇବ । କାଳେ ଏହି ଉପାୟ ବିଫଳ ହେବ, ସେଥିପାଇଁ ଦ୍ୱିତୀୟ ଦ୍ୱାରରେ ମଲ୍ଲମାନଙ୍କୁ ନିଯୁକ୍ତ କରିଛନ୍ତି । ତଥାପି ତାର ସନ୍ଦେହ ଯାଇନାହିଁ । ତେଣୁ ନିଜେ ଖଡ଼୍‌ଗହସ୍ତ ହୋଇ କୃଷ୍ଣଙ୍କୁ ବଧ କରିବାକୁ ପ୍ରସ୍ତୁତ ରହିଅଛନ୍ତି । ଏଥିରୁ କଂସର ମନର ଦୃଢ଼ତା, କର୍ମପ୍ରବଣତା ଓ ପୌରୁଷର ପରିଚୟ ମିଳେ ।

କଂସ କପରି ଆତ୍ମନିର୍ଭରଶୀଳ ଥିଲା, ତାହା ତାର ନିମ୍ନଲିଖିତ ଉକ୍ତିରୁ ଜଣାପଡ଼େ ।

ଆପଣା କାର୍ଯ୍ୟ ଯେବେ ଆପେ ନକର
ତାହାକୁ ବୋଲି ନପୁଂସକ

Digitized by srujan ka@gmail.com

ନିନ୍ଦା କରନ୍ତି ତାକୁ ଜନଲୋକ
ପର ପ୍ରତି ଆଶ କରି ଯା ମରୁଛି
ମୋହଠାରୁ ନାହିଁ ଅବିବେକ ରେ । ଉଗର । (୧୮।୬)

ପରିଶେଷରେ କଂସର ସମସ୍ତ ଚେଷ୍ଟା ଦୈବୀବଳରେ ବିଫଳ ହୋଇଅଛି । ସେ ମଞ୍ଚାରୁ ପଡ଼ି ପ୍ରାଣ ହରାଇଅଛି । ତଥାପି ତାର ଜୀବଦ୍ଦଶାରେ ସେ ନିଜର ଶୌର୍ଯ୍ୟ, ବୀର୍ଯ୍ୟ, ରାଜନୀତି-କୌଶଳ ଓ ପୁରୁଷକାର ପ୍ରଦର୍ଶନ କରି ଯାଇଅଛି । ଯେ ଜଗତର ଅମଙ୍ଗଳ ସାଧନ କରେ, ଧର୍ମର ଅବମାନନା କରେ, ପାପାଚରଣରେ ଲିପ୍ତ ହୁଏ, ସେ ଯେତେ ଶୂର, ବୀର, ବୁଦ୍ଧିମାନ୍ ହେଲେହେଁ ତାର ପତନ ଅନିବାର୍ଯ୍ୟ । ଏହି ମହାନ୍ ଶିକ୍ଷା କଂସର ଚରିତ୍ରରୁ ମିଳିଥାଏ ।

ଯଶୋଦା—ମଥୁରାମଙ୍ଗଳରେ ଯଶୋଦା ଏକ ଅପେକ୍ଷାକୃତ ଗୌଣ ଚରିତ୍ର । ସେ ନନ୍ଦଙ୍କର ପତ୍ନୀ ଓ ଶ୍ରୀକୃଷ୍ଣଙ୍କର ପାଳୟିତ୍ରୀ ମାତା । ନିଜ ଗର୍ଭଜାତ ସନ୍ତାନ ନ ହେଲେହେଁ ଶ୍ରୀକୃଷ୍ଣଙ୍କ ପ୍ରତି ତାଙ୍କର ଯେଉଁ ସ୍ନେହ, ଶ୍ରଦ୍ଧା ପ୍ରକାଶିତ ତାହା ଅନନ୍ୟସୁଲଭ ମନେ ହୁଏ । ରାମକୃଷ୍ଣଙ୍କର ମଥୁରାଗମନ ସମ୍ବାଦରେ ସେ ଯେଉଁ ବିଳାପ କରିଅଛନ୍ତି ତହିଁରେ ମାତୃହୃଦୟର ପରିଚୟ ମିଳେ । ଶ୍ରୀକୃଷ୍ଣ ମଥୁରା ଗଲେ ତାଙ୍କୁ ଦଶଦିଗ ଶୂନ୍ୟ ଦେଖାଯିବ ବୋଲି କହିଛନ୍ତି । ଶ୍ରୀକୃଷ୍ଣଙ୍କର ଅତି ସାମାନ୍ୟ ଦୈନନ୍ଦିନ ଘଟଣା ସ୍ମରଣ କରି ସେ ଅଧୀର ହୋଇ ଉଠିଅଛନ୍ତି । ସନ୍ତାନର ଲାଳନପାଳନ ତାଙ୍କରି ଜୀବନର ପ୍ରଧାନ କର୍ତ୍ତବ୍ୟ ଥିଲା । ପୁତ୍ରର ଶରୀରରେ ଚତୁଃସମ ଲେପନକରିବା, ଆଖିରେ ଅଞ୍ଜନ ଦେବା, କେଶ ବାନ୍ଧିଦେବା, ଲଲାଟରେ ଟୀକା ଦେବା, ଦେହରୁ ଧୂଳି ପୋଛିବା ଏସବୁରେ ତାଙ୍କର ଅଧିକାଂଶ

Digitized by srujan ka@gmail.com

ସମସ୍ତ ବ୍ୟସ୍ଥିତ ହେଉଥିଲା । ଶ୍ରୀକୃଷ୍ଣ ସମସ୍ତ ସମୟରେ ଅଙ୍କଟ ହୋଇ ମନ୍ତ୍ରଦଦଣ୍ଡ ଧରି ଦଧିଖଣ୍ଡ ଖାଙ୍କି ଦେଉଥିଲେ । ସେତେ-ବେଳେ ସେ ପୁଅକୁ ଶାସନ କରି ଦଣ୍ଡ ଦେଉଥିଲେ । ମାତ୍ର ତାଙ୍କ ହୃଦୟରେ ଶ୍ରୀକୃଷ୍ଣଙ୍କ ପ୍ରତି ବାତ୍ସଲ୍ୟର ଅମୃତଧାରା ପ୍ରବାହିତ ହେଉ-ଥିଲା । ପରିଶେଷରେ ସେ ବଳରାମଙ୍କ ହସ୍ତରେ ଶ୍ରୀକୃଷ୍ଣଙ୍କ ଭାର ସମର୍ପଣ କରି ଦେଇଥିଲେ ଓ କପରି ମଥୁରାରେ ଚଳିବାକୁ ହେବ ସେ ବିଷୟରେ ଉପଦେଶ ଦେଇଥିଲେ ।

କଂସ ମଞ୍ଚାଉପରେ ଦେବକୀ ବସୁଦେବଙ୍କ ସଙ୍ଗେ ଯଶୋଦା ଓ ନନ୍ଦଙ୍କୁ ବସାଇ ସେମାନଙ୍କ ସମକ୍ଷରେ ଶ୍ରୀକୃଷ୍ଣଙ୍କୁ ବଧ କରାଇ-ବାର କଳ୍ପନା କରିଥିଲା । ଚାଣୂର ସହିତ ଶ୍ରୀକୃଷ୍ଣ ଯୁଦ୍ଧ କରୁଥିବା ବେଳେ ନନ୍ଦ ଓ ଯଶୋଦାଙ୍କ ହୃଦୟରେ ଆଶଙ୍କା ଜାଗି ଉଠିଛି । ସେ ପ୍ରକାର ଶୁଭକାମନା କରି କହୁଛନ୍ତି—

କରିବୁଁ ନାନା ଦାନ, ଦେବ ଅର୍ଚ୍ଚନା ଏଥର ବଞ୍ଚିଲେ କୁମର
ବ୍ରାହ୍ମଣ, ମୁଖେ ଦେବୁଁ ମିଷ୍ଟ ଭୋଜନ
ଏତେ ଭାଳ ନେହୁଁ ଲୋଚନ ବରଷେ ମହୀକି ଲମ୍ବାଇ ଆନନ ।
(୨୨।୮)

କଂସବଧ ପରେ ନନ୍ଦ ଯଶୋଦା ଗୋପପୁରକୁ ପ୍ରସ୍ଥାନ କରି ଅଛନ୍ତି । କିଛିଦିନ ପରେ ଶ୍ରୀକୃଷ୍ଣ ଉଦ୍ଧବଙ୍କ ଦ୍ୱାରା ଗୋପପୁରକୁ ସନ୍ଦେଶ ପ୍ରେରଣ କରିଅଛନ୍ତି । ଉଦ୍ଧବ ଶ୍ରୀକୃଷ୍ଣଙ୍କୁ ପରଂବ୍ରହ୍ମ ଭଗବାନ୍ ବୋଲି ପ୍ରତିପାଦନ କରିବାରୁ ଯଶୋଦା କ୍ରୋଧ ପ୍ରକାଶ କରି କହୁଅଛନ୍ତି—

Digitized by srujan ka@gmail.com

ଦେଖିବ କି ଏଣ୍ଡି କ୍ଷଣି ମଥୁରାକୁ
ଯିବଇଁ ବଦନ
କାଖରେ ବସାଇ ଦେନ ଆସିବ କି
ମଦନମୋହନ ।

ଯଶୋଦା ଯଥାର୍ଥରେ ମାତୃସ୍ନେହର ମୂର୍ତ୍ତି ପ୍ରତୀକ ।

Digitized by srujan ka@gmail.com

ମଥୁରାମଙ୍ଗଳର ବିଷୟସୂଚୀ

ପ୍ରଥମ ଛାନ୍ଦ—କବିଙ୍କର ଇଷ୍ଟଦେବତା ଶ୍ରୀକୃଷ୍ଣଙ୍କ ବନ୍ଦନା,ଗର୍ବପରିହାର, ବିଷୟବସ୍ତୁର ସୂଚନା,କଂସର ଅତ୍ୟାଚାରରେ ପ୍ରପୀଡ଼ିତ ଇନ୍ଦ୍ରାଦି ଦେବତାଙ୍କ ସହ ବ୍ରହ୍ମାଙ୍କର କ୍ଷୀରସାଗର ତୀରରେ ପ୍ରାର୍ଥନା, ବିଷ୍ଣୁଙ୍କର ଅବତାର ହେବାର ପ୍ରତିଶ୍ରୁତି, ଶ୍ରୀକୃଷ୍ଣଜନ୍ମ, ପୂତନା-ତୃଣା-ଶକଟା ପ୍ରଭୃତିଙ୍କର ନିଧନ, କଂସର ଭୟ, ରାମକୃଷ୍ଣଙ୍କୁ ଆଣିବା ପାଇଁ ଅକ୍ରୂରଙ୍କୁ ପ୍ରେରଣ ।

ଦ୍ୱିତୀୟ ଛାନ୍ଦ—ଅକ୍ରୂରର ଗୋପପୁରକୁ ଗମନ, ମାର୍ଗରେ ବାଲିକୁଦ ଉପରେ କୃଷ୍ଣଙ୍କ ପଦଚିହ୍ନ ଦର୍ଶନ, ଗୋପପୁରରେ ଗୋଦୋହନରେ ରତ ରାମକୃଷ୍ଣଙ୍କୁ ଦର୍ଶନ, କୃଷ୍ଣଙ୍କ ସହ ଅକ୍ରୂରଙ୍କର ସମ୍ଭାଷଣ, ନନ୍ଦଙ୍କୁ ଆଜ୍ଞା ପତ୍ରିକା ପ୍ରଦାନପୂର୍ବକ ପ୍ରବୃତ୍ତି ପ୍ରକାଶ ।

ତୃତୀୟ ଛାନ୍ଦ—କଂସର ଆଜ୍ଞାପତ୍ରିକାର ମର୍ମ, ଏଥିରେ କଂସ ନିଜର ପ୍ରତାପ, ଦେବତାମାନଙ୍କର ବଶ୍ୟତା, ନନ୍ଦର ଅବଜ୍ଞା, ଏଥି ନିମନ୍ତେ ଦଣ୍ଡର ଭୟ ପ୍ରଦର୍ଶନ, ଉପହାର ସହ ରାଜଦର୍ଶନ କଲେ କ୍ଷମାର ଆଶ୍ୱାସନା, ଶେଷରେ ବନ୍ଧୁଭାବରେ ରାମକୃଷ୍ଣଙ୍କ ସହ ଧନୁ ଉତ୍ସବରେ ଯୋଗ ଦେବାକୁ ଉପଦେଶ ବର୍ଣ୍ଣିତ । ପତ୍ର ପାଇ ନନ୍ଦଙ୍କର ଉଦ୍‌ବେଗ, ଅକ୍ରୂରଙ୍କ ପ୍ରତି ବିହିତ ସତ୍କାର ।

ଚତୁର୍ଥ ଛାନ୍ଦ—କୃଷ୍ଣ ଧନୁ-ଉତ୍ସବ ଦେଖିବାକୁ ମଥୁରା ଯିବେ—ଏହି ସମ୍ବାଦରେ ଗୋପୀମାନଙ୍କର ଉଦ୍‌ବେଗ; ସମସ୍ତ

Digitized by srujan ka@gmail.com

ସଜଡ଼ା ହେବା ଦେଖି ସେମାନଙ୍କର ନନ୍ଦଙ୍କୁ ଏହାର କାରଣ ପଚାରିବା ; କୃଷ୍ଣଙ୍କର ମଥୁରାଗମନ ଚିନ୍ତାରେ ଗୋପୀମାନଙ୍କର ଖେଦ ।

ପଞ୍ଚମ ଛାନ୍ଦ—ଗୋପୀମାନଙ୍କର ବିଳାପ ; ଷଣ୍ଢ, ଶକଟା, ତୃଣ, ବକ ପ୍ରଭୃତି ରାକ୍ଷସଙ୍କ ବିନାଶ, କାଳୀୟ ଦମନ, ଗୋବର୍ଦ୍ଧନ-ଧାରଣ ପ୍ରଭୃତି କୃଷ୍ଣଙ୍କର କାର୍ଯ୍ୟକଳାପକୁ ସ୍ମରଣ କରିବା, ଶ୍ରୀକୃଷ୍ଣଙ୍କର ଗୋପୀମାନଙ୍କୁ ଆଶ୍ୱାସପ୍ରଦାନ ।

ଷଷ୍ଠ ଛାନ୍ଦ—ଯଶୋଦା ବିଳାପ—କୃଷ୍ଣଙ୍କର କାର୍ଯ୍ୟକଳାପ, ବେଶଭୂଷା, ଗୋପୀମାନଙ୍କର ଅଭିଯୋଗ ପ୍ରଭୃତି କହି ରାମଙ୍କଠାରେ କୃଷ୍ଣଙ୍କର ଭାର ଅର୍ପଣ; ରୋହିଣୀଙ୍କର ରାମଙ୍କୁ ଚେଇ ବିଳାପ, ସକାଳ ହେବାରୁ ରାମକୃଷ୍ଣ ମଥୁରା ଯିବାକୁ ପ୍ରସ୍ତୁତ ହେବା ।

ସପ୍ତମ ଛାନ୍ଦ—ମଥୁରା ଯିବାପାଇଁ ରାମ କୃଷ୍ଣ ଉଦ୍ୟତ । ଏହି ସମୟରେ ଗୋପୀମାନେ କୁଳଗୌରବ ଛାଡ଼ି ତାଙ୍କ ରଥ ଓଗାଳିବା, ରାମକୃଷ୍ଣଙ୍କୁ ଛାଡ଼ି ଯିବାପାଇଁ ଅକ୍ରୂରକୁ ଅନୁନୟ କରିବା ।

ଅଷ୍ଟମ ଛାନ୍ଦ—ଗୋପୀ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ କଥୋପକଥନ ଛଳରେ ଉଭୟଙ୍କର ପରସ୍ପର ପ୍ରୀତି ପ୍ରଦର୍ଶନ; ବୃନ୍ଦାବନରେ ଗୋପକୁ ଫେରି ଆସିବେ ବୋଲି କହି ଶ୍ରୀକୃଷ୍ଣଙ୍କର ଗୋପୀମାନଙ୍କୁ ଆଶ୍ୱାସନା ପ୍ରଦାନ ।

ନବମ ଛାନ୍ଦ—ଶ୍ରୀକୃଷ୍ଣଙ୍କ ମଥୁରା ଗମନ ଫଳରେ ଗୋପୀମାନଙ୍କର ବିରହଜନିତ ଦୁରବସ୍ଥା ବର୍ଣ୍ଣନା ।

Digitized by srujan ka@gmail.com

ଦଶମ ଛାନ୍ଦ—ଅକ୍ରୂର ସହିତ ରାମକୃଷ୍ଣଙ୍କର ମଥୁରା ଗମନ; ପଥ ମଧ୍ୟରେ ଯମୁନାରେ ଅକ୍ରୂର ସ୍ନାନ କଲାବେଳେ ମାୟା ପ୍ରଦର୍ଶନ ।

ଏକାଦଶ ଛାନ୍ଦ—ଅକ୍ରୂରର ଦୁଃଖ ଦୂରକରିବାକୁ ମାୟା ସମ୍ବରଣ; ମଥୁରାପୁରରେ ପ୍ରବେଶ; କଂସର ଆନନ୍ଦ ଓ ଅକ୍ରୂରକୁ ପ୍ରଶଂସା ।

ଦ୍ୱାଦଶ ଛାନ୍ଦ—ରାମକୃଷ୍ଣଙ୍କ ବିନାଶ ବିଷୟରେ କଂସର ସୈନ୍ୟମାନଙ୍କ ସଙ୍ଗେ ପରାମର୍ଶ ; ଅସୁରମାନଙ୍କର ବଡ଼ିମା ପ୍ରଦର୍ଶନ ଓ ଉତ୍ସାହ ଦାନ ; କୃଷ୍ଣଙ୍କୁ ମାରିବା ଉଦ୍ଦେଶ୍ୟରେ କୁବଳୟା, ମଲ୍ଲ ପ୍ରଭୃତିଙ୍କୁ ଅବସ୍ଥାପିତ କରିବାକୁ ଆଦେଶ ।

ତ୍ରୟୋଦଶ ଛାନ୍ଦ—ରାମକୃଷ୍ଣଙ୍କର ମଥୁରାପୁରୀ ଭ୍ରମଣ ; ପୁରୀର ଶୋଭା ଦର୍ଶନରେ କୃଷ୍ଣଙ୍କର ଆନନ୍ଦ ; କଂସର ଆସନ୍ନ ମୃତ୍ୟୁ ବିଷୟରେ ଚିନ୍ତା ; କୃଷ୍ଣଙ୍କର ଗଡ଼ ପ୍ରବେଶ ।

ଚତୁର୍ଦ୍ଦଶ ଛାନ୍ଦ—କୃଷ୍ଣଙ୍କ ଆଗମନ ସମ୍ବାଦରେ ମଥୁରା ରମଣୀମାନଙ୍କର ଆନନ୍ଦ ଓ ତାଙ୍କ ଦର୍ଶନଲାଗି ବ୍ୟାକୁଳତା ଓ କାମୋଦ୍ରେକ ।

ପଞ୍ଚଦଶ ଛାନ୍ଦ—କୃଷ୍ଣଙ୍କଦ୍ୱାରା କଂସର ରଜକ ବଧ; ବେଶକାରୀ ଦ୍ୱାରା ରାମ କୃଷ୍ଣ ପ୍ରଭୃତିଙ୍କ ବେଶ ରଚନା; ମାଳାକାର-ଠାରୁ ମାଳା ଗ୍ରହଣ ।

ଷୋଡ଼ଶ ଛାନ୍ଦ—ମଥୁରାପୁରର ନରନାରୀଙ୍କର କୃଷ୍ଣ ଦର୍ଶନରେ ବିହ୍ୱଳତା; କୁବୁଜାଠାରୁ ଚନ୍ଦନାଦି ଗ୍ରହଣ; କୁବୁଜାକୁ

Digitized by srujan ka@gmail.com

ସ୍ୱରୂପ ପ୍ରଦାନ ଓ କୁବୁଜାର କୃଷ୍ଣଙ୍କୁ ପତିରୂପେ ପାଇବା ପ୍ରାର୍ଥନା; କଂସ ନିଧନ ପରେ ତାର ଆଶା ପୂରଣ ହେବାର ଆଶ୍ୱାସନା ।

ସପ୍ତଦଶ ଛାନ୍ଦ—କଂସର ଆସନ୍ନ ମୃତ୍ୟୁରେ ପୃଥିବୀ ଓ ଦେବତାମାନଙ୍କର ଆନନ୍ଦ ପ୍ରକାଶ; ରାମକୃଷ୍ଣଙ୍କର ଧନୁଗୃହକୁ ଗମନ ; ଦ୍ୱାରପାଳମାନଙ୍କ ବ୍ୟଙ୍ଗ ଓ ସେମାନଙ୍କ ବିନାଶ, କୃଷ୍ଣଙ୍କର ଧନୁର୍ଭଙ୍ଗ, ଗୋପବାଳକଙ୍କ ଦ୍ୱାରା ହରିକୀର୍ତ୍ତନ; ମଧୁବନକୁ ପ୍ରତ୍ୟାବର୍ତ୍ତନ ଓ ବିଶ୍ରାମ ।

ଅଷ୍ଟାଦଶ ଛାନ୍ଦ—ଭଗରଥଠାରୁ କଂସ ଶୁଣିଲା ଯେ ଶ୍ରୀକୃଷ୍ଣ ତାର ରଜକକୁ ବଧ କରିଛନ୍ତି, ଗନ୍ଧଚନ୍ଦନାଦି ହରଣ କରିଛନ୍ତି, ଧନୁ ଭାଙ୍ଗିଛନ୍ତି । ତେଣୁ ତାର ବିରକ୍ତି ପ୍ରକାଶ ; ମଲ୍ଲମାନଙ୍କର ଉତ୍ସାହ ପ୍ରଦର୍ଶନ ।

ଊନବିଂଶ ଛାନ୍ଦ—ସକାଳର ଦୃଶ୍ୟ, ରାମକୃଷ୍ଣଙ୍କର ନିତ୍ୟ-କର୍ମ, ମାତାପିତାଙ୍କସହ ରାମକୃଷ୍ଣଙ୍କର କଂସଦର୍ଶନାର୍ଥେ ଗମନ । ଏଣେ କଂସଦ୍ୱାରେ କୁବଳୟା ଓ ମଲ୍ଲମାନଙ୍କର ଯଥା ସ୍ଥାନରେ ନିୟୋଗ ।

ବିଂଶ ଛାନ୍ଦ—କୃଷ୍ଣଙ୍କ ରୂପ ଦର୍ଶନରେ ମଥୁରା ନାରୀ-ମାନଙ୍କର କାମବିକାର, ରାମକୃଷ୍ଣଙ୍କର ସିଂହଦ୍ୱାରରେ ପ୍ରବେଶ, ହସ୍ତୀପାଳକ ସହ ଶ୍ରୀକୃଷ୍ଣଙ୍କର ବାକ୍ୟ ବିନିମୟ ।

ଏକବିଂଶ ଛାନ୍ଦ—ହସ୍ତୀ ସଙ୍ଗେ ଶ୍ରୀକୃଷ୍ଣଙ୍କର ଯୁଦ୍ଧ, କୃଷ୍ଣଙ୍କର ମାୟା, କୁବଳୟା ଓ ମାହୁନ୍ତର ନିଧନ, ମଥୁରା ରମଣୀମାନଙ୍କର ଆନନ୍ଦ; କୃଷ୍ଣ ଚାଣୁର ଯୁଦ୍ଧ ।

Digitized by srujan ka@gmail.com

ଦ୍ୱାବିଂଶ ଛାନ୍ଦ—କୃଷ୍ଣ ବଳଭଦ୍ରଙ୍କ ଯୁଦ୍ଧରେ ରଜକର ମୃତ୍ୟୁ, ରାମକୃଷ୍ଣଙ୍କଦ୍ୱାରା ମୁଷ୍ଟିକ ଓ କୁବଳୟାପୀଡ଼ର ବିନାଶ, ନନ୍ଦ ଯଶୋଦା ଦେବକୀ ବସୁଦେବ ପ୍ରଭୃତିଙ୍କୁ ଶୂଳୀ ଦେବାପାଇଁ କଂସର ଆଦେଶ, କୃଷ୍ଣଙ୍କ ଦ୍ୱାରା କଂସର ନିଧନରେ ଦେବତାମାନଙ୍କର ଆନନ୍ଦ ।

ତ୍ରୟୋବିଂଶ ଛାନ୍ଦ—କଂସର ମୃତ୍ୟୁ ଦେଖି ତାର ଅନୁଗତ ରାଜାମାନଙ୍କର ପଳାୟନ, କେତେକଙ୍କର ବିନାଶ; କଂସର ରାଣୀମାନଙ୍କର ବିଳାପ, କୃଷ୍ଣଙ୍କର କପଟ ଶୋକ; ଉଗ୍ରସେନଙ୍କ ପୁନଃ ରାଜ୍ୟପ୍ରାପ୍ତି; ପିତାମାତାଙ୍କର ବନ୍ଧନ ମୋଚନ, କୃଷ୍ଣଙ୍କର କୁବୁଜାପୁରକୁ ଗମନ ।

ଚତୁର୍ବିଂଶ ଛାନ୍ଦ—ଶ୍ରୀକୃଷ୍ଣ ସ୍ୱପ୍ନରେ ଗୋପୀମାନଙ୍କ ଦୁର୍ଦ୍ଦଶା ଦେଖିବାରୁ ତାଙ୍କର ଚିନ୍ତା, ପରସ୍ପର ଉଦ୍ଧବଙ୍କୁ ଗୋପପୁର ପ୍ରେରଣ, ଗୋପବାଳକଙ୍କ ସାହାଯ୍ୟରେ ଉଦ୍ଧବଙ୍କର ନନ୍ଦଗୃହରେ ପ୍ରବେଶ ।

ପଞ୍ଚବିଂଶ ଛାନ୍ଦ—ଯଶୋଦାଙ୍କର ଉଦ୍ଧବ ଦର୍ଶନରେ ଶ୍ରୀକୃଷ୍ଣ ବୋଲି ଭ୍ରମ; ପରେ ଉଦ୍ଧବଙ୍କୁ ପୁତ୍ରର ସମ୍ବାଦ ପ୍ରଶ୍ନ, ଉଦ୍ଧବଙ୍କ ଦ୍ୱାରା କୃଷ୍ଣଙ୍କର ବ୍ରହ୍ମତ୍ୱ ପ୍ରତିପାଦନରେ ଯଶୋଦାଙ୍କର ବିରକ୍ତି, ଗୋପୀମାନଙ୍କର ନନ୍ଦଗୃହକୁ ଆଗମନ ।

ଷଡ୍‌ବିଂଶ ଛାନ୍ଦ—ଗୋପୀମାନଙ୍କର ଖେଦ ପ୍ରକାଶ, ଭାଗ୍ୟନିନ୍ଦା, ଉଦ୍ଧବଙ୍କର ଗୋପୀମାନଙ୍କୁ ଶ୍ରୀକୃଷ୍ଣଙ୍କ ଗୋପପୁର ଆସିବା ବିଷୟରେ ଆଶା ପ୍ରଦାନ ।

ସପ୍ତବିଂଶ ଛାନ୍ଦ—ଗୋପୀମାନଙ୍କ ଆଗରେ ଉଦ୍ଧବ ଶ୍ରୀକୃଷ୍ଣଙ୍କର ବ୍ରହ୍ମତ୍ୱ ଓ ଜ୍ଞାନମାର୍ଗରେ ତାଙ୍କୁ ଲଭିବା ବିଷୟ କହିବାରୁ

Digitized by srujan ka@gmail.com

ଗୋପୀମାନଙ୍କଦ୍ୱାରା ଭକ୍ତିର ଶ୍ରେଷ୍ଠତ୍ୱ ପ୍ରଦର୍ଶନ ଓ ନିଜର ଦୁଃଖ ବର୍ଣ୍ଣନ; ଗୋପୀ ଉଦ୍ଧବଙ୍କର କଥୋପକଥନ ଦ୍ୱାରା ଭକ୍ତିର ମାହାତ୍ମ୍ୟ ବର୍ଣ୍ଣନ; କୃଷ୍ଣଙ୍କ ପତ୍ରପାଠ ।

ଅଷ୍ଟବିଂଶ ଛାନ୍ଦ—ପତ୍ରରେ କାମପୀଡ଼ିତ ଶ୍ରୀକୃଷ୍ଣଙ୍କର ରାଧାଙ୍କ ଗୁଣ ଓ ରୂପ: ବର୍ଣ୍ଣନ; ଶୀଘ୍ର ଗୋପପୁରକୁ ଫେରିବାର ଆଶ୍ୱାସ ପ୍ରଦାନ । ଗୋପୀମାନଙ୍କ ପ୍ରସ୍ଥାନ ।

ଊନତ୍ରିଂଶ ଛାନ୍ଦ—ଉଦ୍ଧବ ମଥୁରା ଫେରିଯିବେ, ଏହି ସମ୍ବାଦରେ ଗୋପୀମାନଙ୍କ ଅନୁରୋଧରେ ରାଧିକାଙ୍କର କୃଷ୍ଣଙ୍କ ନିକଟକୁ ପତ୍ର ଲେଖନ ଓ ଉଦ୍ଧବଙ୍କ ହସ୍ତରେ ପତ୍ର ପ୍ରଦାନ ।

ତ୍ରିଂଶ ଛାନ୍ଦ—ଉଦ୍ଧବଙ୍କର ମଥୁରା ପ୍ରବେଶ; ଉଦ୍ଧବଙ୍କ ଦ୍ୱାରା ଗୋପପୁରର ଓ ଗୋପୀମାନଙ୍କର ଦୁରବସ୍ଥା ବର୍ଣ୍ଣନ; ଶ୍ରୀକୃଷ୍ଣଙ୍କର ଏହା ଶ୍ରବଣରେ ଶୋକ ପ୍ରକାଶ; ଶ୍ରୀକୃଷ୍ଣଙ୍କଠାରେ ଭକ୍ତ ରଖିବାକୁ କବିଙ୍କର ବିନୀତ ଅନୁରୋଧ ।

———

Digitized by srujan ka@gmail.com

ମଥୁରାମଙ୍ଗଳ

ପ୍ରଥମ ଛାନ୍ଦ

(ରାଗ— ଚକ୍ରକେଳି)

ଜୟ ଗୋବିନ୍ଦ ଗୋକୁଳ-ସୁନ୍ଦର
ଜୟ ରାମ-ଅନୁଜ ଦାମୋଦର । ୧
ଜୟ କଂସାରି ଜଗତ-ତାରଣ
ଜୟ ମାଧବ ନନ୍ଦକ-ଧାରଣ ।୨
ଜୟ ରମା-ରମଣ ଦଇତାରି
ଜୟ ଅନନ୍ତ ଅଖିଳବିହାରୀ । ୩
ଜୟ ଗରୁଡ଼ାସନ ପୀତବାସ
ଜୟ ବକାରି ନରକ ବିନାଶ । ୪

---

୧ । ଗୋବିନ୍ଦ – ପୃଥିବୀର ରକ୍ଷାକର୍ତ୍ତା ଶ୍ରୀକୃଷ୍ଣ; ଗୋ—ପୃଥିବୀ; ଗୋକୁଳ—ଗୋପପୁର; ରାମ-ଅନୁଜ—ବଳରାମଙ୍କ ସାନଭାଇ; ଦାମ ବା ଜ୍ୟୋତିଃରେଖା ଉଦରରେ ଯାହାର ସେ ଦାମୋଦର ।

୨ । କଂସାରି—କଂସର ଶତ୍ରୁ; ଜଗତ ତାରଣ—ଜଗତର ଉଦ୍ଧାରକର୍ତ୍ତା; ମାଧବ--ମା ଅର୍ଥାତ୍ ଲକ୍ଷ୍ମୀଙ୍କର ଧବ ବା ପତି; ନନ୍ଦକ—ଶ୍ରୀକୃଷ୍ଣଙ୍କର ଖଡ୍ଗ ।

୩ । ରମାରମଣ—ଲକ୍ଷ୍ମୀଙ୍କର ପତି; ଦୈତାରି—ରାକ୍ଷସମାନଙ୍କର ଶତ୍ରୁ; ଅନନ୍ତ—ଅଶେଷ; ଅଖିଳବିହାରୀ—ସମଗ୍ର ଜଗଦ୍‌ବ୍ୟାପୀ ।

୪ । ଗରୁଡ଼ାସନ—ଯାହାଙ୍କର ବାହନ ହେଉଛନ୍ତି ଗରୁଡ଼ । ପୀତବାସ—ଯେ ହଳଦିଆ ଲୁଗା ପିନ୍ଧନ୍ତି । ବକାରି—ବକ ନାମକ ରାକ୍ଷସର ଶତ୍ରୁ; ନରକ—ଜନୈକ ଅସୁର । ସେ ଇନ୍ଦ୍ରଙ୍କ ଉପରେ ଅତ୍ୟାଚାର କରିବାରୁ ଇନ୍ଦ୍ରଙ୍କ ଅନୁରୋଧରେ ଶ୍ରୀକୃଷ୍ଣ ନରକକୁ ବଧ କରିଥିଲେ ।

Digitized by srujan ka@gmail.com

ଜୟ ଭଗତବତ୍ସଳ ମୁରାରି
ଜୟ କାରଣସଲିଳ ବିହାରି । ୫
ଜୟ ଜଗତଜୀବନ ମୋହନ
ଜୟ ନୃସିଂହ ହିରଣ୍ୟଧ୍ୱଂସନ । ୬
ଜୟ ଯାଦବ ବ୍ରଜଚନ୍ଦ୍ରମା
ସର୍ବ କରଣକୁ ତୁ ବିଶ୍ୱକର୍ମା ।୭
ନାନା ରୂପ, ଅରୂପ ତୁହି ହରି
ପ୍ରାଣୀମାନଙ୍କ ହିତେ ଦେହ ବହୁ । ୮
ଗୋରୁ ବ୍ରାହ୍ମଣ ରକ୍ଷଣେ ତୋ ଜାତ
କେହି ନ ଜାଣେ ଆଦି ମଧ୍ୟ ଅନ୍ତ । ୯

---

୫ । ମୁରାରି—ମୁର ନାମକ ଅସୁରର ଶତ୍ରୁ; କାରଣସଲିଳ ବିହାରି—ଭଗବାନ ସଙ୍କର୍ଷଣ ରୂପରେ କାରଣ ସମୁଦ୍ରରେ ଶୟନ କରିଥିଲେ ।

୬ । ଜଗତଜୀବନ—ସଂସାରର ପ୍ରାଣସ୍ୱରୂପ; ମୋହନ—ମୋହକାରୀ; ନୃସିଂହ—ବିଷ୍ଣୁଙ୍କର ଏକ ଅବତାର; ହିରଣ୍ୟ ଧ୍ୱଂସନ—ହିରଣ୍ୟାସୁର କଶ୍ୟପ ଋଷିଙ୍କର ପୁତ୍ର; ସେ ବ୍ରହ୍ମାଙ୍କଠାରୁ ବର ପାଇ ତ୍ରିପୁର ଜୟ କଲା । ତାର ପୁତ୍ର ପ୍ରହ୍ଲାଦ ବିଷ୍ଣୁଭକ୍ତ ଥିବାରୁ ତାକୁ ନାନା ପୀଡ଼ା ଦେଲା । ବିଷ୍ଣୁ ନୃସିଂହ ରୂପରେ ତାକୁ ବଧ କରିଥିଲେ ।

୭ । ବ୍ରଜଚନ୍ଦ୍ରମା—ବ୍ରଜପୁରକୁ ଆନନ୍ଦ ଦେବାରେ ଚନ୍ଦ୍ର ସଦୃଶ; କରଣ—କାର୍ଯ୍ୟ; ବିଶ୍ୱକର୍ମା—ଦେବତାମାନଙ୍କ ଶିଳ୍ପୀ ।

୮ । ରୂପ—ଅବତାର ଗ୍ରହଣ କଲେ ଭଗବାନଙ୍କର ରୂପ ବା ଆକାର ଥାଏ; ଅନ୍ୟଥା ସେ ଅରୂପ ବା ତାଙ୍କର ରୂପ ନାହିଁ । ପ୍ରାଣୀମାନଙ୍କ ହିତେ ଦେହ ବହୁ—ସାଧୁମାନଙ୍କର ରକ୍ଷଣ ଓ ଦୁଷ୍ଟ ମାନଙ୍କ ଦମନ କରି ଧର୍ମର ପ୍ରତିଷ୍ଠା ନିମନ୍ତେ ଭଗବାନ ଅବତାର ଗ୍ରହଣ କରନ୍ତି ।

୯ । ଆଦି—ମୂଳ; ମଧ୍ୟ—ମଝି; ଅନ୍ତ—ଶେଷ ।

Digitized by srujan ka@gmail.com

ସର୍ବ ଆତ୍ମାରେ ତୁହି ଆତ୍ମାରାମ
ତୋର ବନ୍ଧନେ ନାହିଁ କର୍ମାକର୍ମ । ୧୦

ତୁ ସେ ଆଦି ଅନାଦି ନିରାକାର
ଶ୍ରୁତି ସ୍ମୃତିଙ୍କ ନାହିଁ ଗୋଚର । ୧୧

ତୋର ଆଜ୍ଞା ଶିରେ ଧରି ବିରଞ୍ଚି
ଚତୁର୍ଦ୍ଦଶ ଭୁବନ ଅଛି ରଞ୍ଚି । ୧୨

ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ଆଦି ଦେବତା
ତୋର ସ୍ୱଜନରୁ ଏହି ବକତା । ୧୩

ତୋହୋ ନ କଲା ଆଉ ନାହିଁ କେହି
ତୁ ସେ ସର୍ବକରଣ ଭାବଗ୍ରାହୀ । ୧୪

ଏଣୁ ମନରେ କରଇ ବିଗ୍ଭର
ତୋହି ବ୍ୟସକେ ଗତି ନାହିଁ ମୋର । ୧୫

---

୧୦ । ଆତ୍ମାରାମ—ଯେ ସମସ୍ତଙ୍କ ଆତ୍ମାରେ ବିଳାସ କରନ୍ତି । କର୍ମାକର୍ମ—କାର୍ଯ୍ୟ ଓ ଅକାର୍ଯ୍ୟ ।

୧୧ । ଅନାଦି—ଯାହାର ଆଦି ବା ମୂଳ ନାହିଁ; ନିରାକାର—ଆକାରହୀନ; ଶ୍ରୁତି—ଋକ୍, ଯଜୁଃ, ସାମ ଓ ଅଥର୍ବ ବେଦ; ସ୍ମୃତି—ସ୍ମୃତି—ମନୁ, ଯାଜ୍ଞବଲ୍କ୍ୟ, ପରାଶର ପ୍ରଭୃତି ଧର୍ମଶାସ୍ତ୍ର; ଗୋଚର—ଜଣା ।

୧୨ । ବିରଞ୍ଚି—ବ୍ରହ୍ମା; ରଞ୍ଚିଅଛି—ରଚିଛି ବା ସୃଷ୍ଟି କରିଅଛି; ଚତୁର୍ଦ୍ଦଶ ଭୁବନ—ଅତଳ, ବିତଳ, ସୁତଳ, ରସାତଳ, ତଳାତଳ, ମହାତଳ, ପାତାଳ, ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ, ସତ୍ୟ—ଏହି ଚଉଦ ଭୁବନ ।

୧୩ । ବକତା—ବ୍ୟକ୍ତ—ପ୍ରକାଶିତ, ପ୍ରକଟିତ ।

୧୪ । ଭାବଗ୍ରାହୀ—ଯେ ଭକ୍ତର ଭାବକୁ ଗ୍ରହଣ କରନ୍ତି ।

୧୫ । ବ୍ୟସକେ—ବ୍ୟତିରେକେ, ବିନା, ଛଡ଼ା ।

Digitized by srujan ka@gmail.com

ଯେବେ ସୁଦୟା କରିବ ମୋହରେ
ମନ ରଖାଇ ପଙ୍କଜପୟରେ । ୧୬

ଆଉ ସମ୍ପଦେ ନାହିଁ ପ୍ରୟୋଜନ
ଭକ୍ତି ଧନେ ମୋ ଦରିଦ୍ର ଜୀବନ । ୧୭

ସୁଜ୍ଞଜନଙ୍କ ମୁଖରୁ ଶୁଣିଲି
କୃଷ୍ଣ ଭଜିଲେ ତରନ୍ତି ଜାଣିଲି । ୧୮

ଜ୍ଞାନ ସ୍ମରଣ ପଠନ ଶ୍ରବଣେ
ପୂର୍ବେ ତରିଅଛନ୍ତି ମୁନିଗଣେ । ୧୯

ସେହୁ ପ୍ରମାଣେ ହୋଇଛି ଲେଖନ
ମିଥ୍ୟା ନୁହଇ ପ୍ରମାଣ-ବଚନ । ୨୦

ନିଶି ଦିବସେ ଯେ ହରି ଭଜନ୍ତି
ଭବ କଳୁଷ ସନ୍ତାପ ଛେଦନ୍ତି । ୨୧

ଏଣୁ ବିଚାର କରଇ ମନରେ
କିପାଁ ମରୁଛି ଏ ଭବ-ବନରେ ।୨୨

---

୧୭ । ପଙ୍କଜ—ପଦ୍ମ; ପୟର—ପାଦ ।

୧୮ । ସୁଜ୍ଞ—ବିଜ୍ଞ, ଜ୍ଞାନୀ, ପଣ୍ଡିତ ।

୧୯ । ଜ୍ଞାନ—ଜ୍ଞାନ ଯୋଗଦ୍ୱାରା; ସ୍ମରଣ, ପଠନ ଓ ଶ୍ରବଣ—ନଅ ପ୍ରକାର ଭକ୍ତି ମଧ୍ୟରୁ ଏ ତିନୋଟି ।

୨୦ । ପ୍ରମାଣ ବଚନ—ଶାସ୍ତ୍ର ବାକ୍ୟ ।

୨୧ । ଭବ କଳୁଷ ସନ୍ତାପ—ସଂସାରର ପାପ ତାପ; ଛେଦନ୍ତି—ଛିଡ଼ନ୍ତି ।

୨୨ । ଭବ-ବନ—ସଂସାରରୂପକ ଅରଣ୍ୟ ।

Digitized by srujan ka@gmail.com

ଧନ ଜନ ଜୀବନ ଚିର ନୋହେ
ପାପ-ଅନଳ ପିଣ୍ଡ-କାଷ୍ଠ ଦହେ । ୨୩
ଲୋଭ ସକଳ ଦ୍ରବ୍ୟ ପ୍ରବର୍ତ୍ତାଇ
କାମ କାମିନୀ-ମଦରେ ମତାଇ । ୨୪
ମୋହ ମୋହିତ କଲା ଦବାନଳି
ମର୍ମେ ଘୋଟି ରହିଲା ପାପରାଶି । ୨୫
ଚଳି ନୁହଇ ଯାତନାରେ ପଡ଼ି
ଦିନୁ ଦିନୁ ଆୟୁଷ ଗଲା ଛିଡ଼ି । ୨୬
ଏଣୁ ବିଧୁର କଲା ମୋର ଚିତ୍ତେ
ବୁଦ୍ଧି ନ ଦିଶେ ତରିବି କେମନ୍ତେ ।୨୭
କୃଷ୍ଣ ଚରିତ ଅମୃତ ବାରିଧି
କଳି କଳୁଷ ରୋଗକୁ ଔଷଧି । ୨୮
ତହୁଁ କହୁ ପ୍ରସଙ୍ଗରେ କହିବି
ଦୁଷ୍ଟ ପାତକ ରାଶିକୁ ଦହିବି । ୨୯
ଗୀତ କରି ରଚିବି ହରି-ଲୀଳା
ଦୟା କର ହେ ସ୍ୱାମୀ ନନ୍ଦବଳା । ୩୦

---

୨୩ । ଚିର—ସ୍ଥାୟୀ; ପାପଅନଳ—ପାପରୂପକ ଅଗ୍ନି; ପିଣ୍ଡ-କାଷ୍ଠ—ଶରୀରରୂପକ କାଠ; ଦହେ—ପୋଡ଼ିଦିଏ ।

୨୪ । କାମିନୀମଦ—କାମିନୀ ବା ନାରୀ ରୂପକ ମାଦକତା ।

୨୫ । ପାପରାଶି—ପାପସମୂହ ।

୨୮ । ଅମୃତ ବାରିଧି—ଅମୃତର ସମୁଦ୍ର; କଳି···ଔଷଧି—ଔଷଧ ରୋଗକୁ ଦୂର କଲା ପରି କୃଷ୍ଣଚରିତ ସଂସାରର ପାପକୁ ଦୂର କରେ ।

୨୯ । ପ୍ରସଙ୍ଗରେ—ବିଷୟ ଅନୁକ୍ରମେ; ପାତକ—ପାପ ।

୩୦ । ନନ୍ଦବଳା—ନନ୍ଦଙ୍କ ପୁଅ ଶ୍ରୀକୃଷ୍ଣ ।

Digitized by srujan ka@gmail.com

ଯେଉଁ ରୂପେ କଂସ କେଶୀ ବଧିଲ
ଏଥିପରେ ନାନା ଦୁଷ୍ଟ ସାଧିଲ । ୩୧
ତାହା କହିବାକୁ ମୋର ବିଚାର
ଗୀତବନ୍ଧରେ କରିବ ପ୍ରଚୁର । ୩୨
ମୋର ହୃଦୟେ ବସି ଦୟା କର
ଭକ୍ତଚରଣ ଏତକ ମାଗଇ । ୩୩
ଏଥି ଅନନ୍ତରେ ଶୁଣ ସୁଜନ
ଶୁକ କହନ୍ତି ରାଜନ ଆଗେଣ । ୩୪
ପରୀକ୍ଷିତ ଶୁଣି ହୋଏ ଉଷତ
କୃଷ୍ଣ ଚରିତ ନାମ ଭାଗବତ । ୩୫
ଦଶମସ୍କନ୍ଧ ଚରିତ ବର୍ଣ୍ଣନ
ଯେଉଁ ମତେ କଂସ ଜନ୍ମ ମରଣ । ୩୬
ମହା ପ୍ରତାପୀ ଦୂର୍ମିଳା-ନନ୍ଦନ
ଇନ୍ଦୁମତୀ ଗର୍ଭେ ହେଲ ଜନମ । ୩୭

---

୩୧ । କଂସ—ମଥୁରାର ଦୁଷ୍ଟ ଅସୁରରାଜ; କେଶୀ—କଂସର ଜଣେ ସହଚର; ଶ୍ରୀକୃଷ୍ଣ ଏହାକୁ ଭାଣ୍ଡୀରବନରେ ବଧ କରିଥିଲେ ।

୩୨ । ଗୀତବନ୍ଧରେ—ଗ୍ରନ୍ଥ ବା କାବ୍ୟ ଆକାରରେ ।

୩୪ । ଶୁକ—ବ୍ୟାସଦେବଙ୍କ ପୁଅ; ରାଜନ—ରାଜା ପରୀକ୍ଷିତ । ଶୁକ ପରୀକ୍ଷିତଙ୍କୁ ଭାଗବତ ଶୁଣାଇଥିଲେ । ସେହି ଭାଗବତରେ ଶ୍ରୀକୃଷ୍ଣଚରିତ ବର୍ଣ୍ଣିତ ।

୩୬ । ଦଶମସ୍କନ୍ଧ—ଭାଗବତର ଦଶମସ୍କନ୍ଧରେ କଂସର ଜନ୍ମ ମୃତ୍ୟୁ ବିଷୟ ବର୍ଣ୍ଣିତ ଅଛି ।

୩୭ । ଦୂର୍ମିଳା—ଜଣେ ବିଦ୍ୟାଧର ଇନ୍ଦ୍ରଙ୍କଠାରୁ ଅଭିଶାପ ପାଇ ଦୂର୍ମିଳା ରାକ୍ଷସରୂପେ ଜନ୍ମ ହେଲା । ସେ ମଥୁରାର ରାଜା ଉଗ୍ରସେନଙ୍କ ପାଟରାଣୀ ଇନ୍ଦୁମତୀଙ୍କୁ ଉଗ୍ରସେନର ଛଦ୍ମବେଶରେ ହରଣ କଲା । ଏହା ଫଳରେ କଂସର ଜନ୍ମ । ତେଣୁ କଂସ ଦୂର୍ମିଳାର ପୁତ୍ର ।

Digitized by srujan ka@gmail.com

ବାହୁବଳେ ପୃଥିବୀ ଆକ୍ରୋଶିଲା
ନୃପବରମାନଙ୍କୁ ବିନାଶିଲା । ୩୮
ଗୋରୁ ବ୍ରାହ୍ମଣଙ୍କୁ ଦେଲା କଷଣ
ଡରେ ଦେବତା ପଶିଲେ ଶରଣ । ୩୯

ଧର୍ମ ନାଶି ଅଧର୍ମ କର୍ମ କଲା
ବହୁ ବହୁ ଜୀବଙ୍କୁ ଦୁଃଖ ଦେଲା । ୪୦
ଦେଖି ସହି ନ ପାରିଲେ ଅମର
ସର୍ବେ ମେଳ ହୋଇ କଲେ ବିଚାର ।୪୧

କିସ କରିବା ବୋଲେ ସୁନାସୀର
କେତେ ବେଳ ଦୁଃଖ ଦେଲା ଅସୁର । ୪୨
କାହା ଆଗେ କହିବା ଗଲା ମହୀ
ଇନ୍ଦ୍ର ବଚନେ ପିତାମହ କହି । ୪୩

କ୍ଷୀର ସାଗରେ ଶୟନ ଅନନ୍ତ
ଯାଇ ଗୁହାରି କରିବା ଦେବନ୍ତ ।୪୪
ଆମ୍ଭ ଅର୍ଥେ ହୋଇବେ ଅବତାର
ତେବେ ଦୁଷ୍ଟ ରାକ୍ଷସ ଯିବ ମାରି ।୪୫

---

୩୮ । ଆକ୍ରୋଶିଲା--ଆକ୍ରାନ୍ତ କଲା ।
୪୧ । ଅମର—ଦେବତାମାନେ ।
୪୨ । ସୁନାସୀର—ଇନ୍ଦ୍ର (ସୁ ବା ଉତ୍ତମ ନାସୀର ବା ସେନା ଯାହାର ।)
୪୩ । ମହୀ—ପୃଥିବୀ; ପିତାମହ—ବ୍ରହ୍ମା ।
୪୪ । ଅନନ୍ତ – ବିଷ୍ଣୁ; ଦେବନ୍ତ—ଦେବତାମାନେ ।
୪୫ । ଅବତାର—ଭଗବାନଙ୍କର ପୃଥିବୀରେ ଶରୀର ଧାରଣ;
ମାରି ଯିବ—ମରିବ ।

Digitized by srujan ka@gmail.com

ଏଥି ବାହାରେ ଅନ୍ୟ ଗତି ନାହିଁ
ବେଦବର ଉଠିଲେ ଏତେ କହି ।୪୬
ସର୍ବ ଦେବତା ସଙ୍ଗରେ ଘେନାଇ
କ୍ଷୀର ସାଗର ତଟେ ହେଲେ ଯାଇ । ୪୭
ଅତି ଆରତେ ଡାକନ୍ତି ଅମର
ଦେବ ରକ୍ଷା କର ଚକ୍ରୀ ତୋହର । ୪୮
ଯେବେ ନ ରଖିବ ନାଶ ଗଲୁଁ ଟି
ଦୈତ୍ୟ ସ୍ୱର୍ଗଭୁବନ ନେଲା ଲୁଟି । ୪୯
ଗୋରୁ ବ୍ରାହ୍ମଣ ସୁଜନ ନାଶିଲା
ମହା ଅଧର୍ମେ ମହୀକି ଗ୍ରାସିଲା ।୫୦
ସୁରଗଣ-ବଚନ କର୍ଣ୍ଣେ ଶୁଣି
ଦୟାସାଗର ପ୍ରଭୁ ଚକ୍ରପାଣି ।୫୧
ଆଜ୍ଞା କଲେ ସକଳ ସୁରେ ଯାଅ
ଦୈତ୍ୟ ମାରିବି ଅଳ୍ପ ଦିନ ରହ ।୫୨
ବସୁଦେବ ଘରେ ହେବି ଜନମ
ବଢ଼ି କଂସକୁ ନାଶିବି ବହନ ।୫୩

---

୪୬ । ବେଦବର—ବ୍ରହ୍ମା; ଅନ୍ୟ ଗତି—ଅନ୍ୟ ପନ୍ଥା ବା ଉପାୟ ।
୪୮ । ଆରତେ— ବ୍ୟାକୁଳରେ ।
୪୯ । ଦୈତ୍ୟ—ରାକ୍ଷସ ବଂଶ; ସ୍ୱର୍ଗ ଭୁବନ—ସ୍ୱର୍ଗପୁର ।
୫୦ । ଅଧର୍ମ—ପାପ; ମହୀ—ପୃଥିବୀ ।
୫୧ । ସୁରଗଣ—ଦେବତା ସମୂହ; ଚକ୍ରପାଣି—ଚକ୍ର ପାଣି ବା ହସ୍ତରେ ଯାହାର ଅର୍ଥାତ୍ ବିଷ୍ଣୁ ।

Digitized by srujan ka@gmail.com

ଶୁଣି ଆନନ୍ଦେ ବାହୁଡ଼ ଦେବତା
ସହୁଁ ଆଜ୍ଞାଦେଲେ ସୃଷ୍ଟି କରତା ।୫୪
କେତେ ଦିନ ଅନ୍ତରେ ଭଗବାନ
ପୃଥ୍ୱୀ ହିତେ ତେଜ ନାଗଶୟନ ।୫୫
ଦେବକୀର ଉଦରେ କଲେ ବାସ
ଜନ୍ମ ଲଭିଲେ ହୋଇ ଦଶ ମାସ ।୫୬
ବସୁଦେବ ଗୋପେ ଥୁଣ୍ଡ଼ ଅଇଲା
ତହୁଁ ଯେତେ ଯେତେ ଲୀଳା ହୋଇଲା ।୫୭
ଦିନୁ ଦିନୁ ବଢ଼ିଲେ ନନ୍ଦ ଘରେ
ଚନ୍ଦ୍ର ଯେସନେ ଚନ୍ଦ୍ରମା ପକ୍ଷରେ ।୫୮
ସାତ ଦିନରେ ମାଇଲେ ପୂତନା
ଯାର ନାମ ଅଟଇ ବଜ୍ର-ସେହ୍ନା ।୫୯

---

୫୪ । ସୃଷ୍ଟିକରତା—ବ୍ରହ୍ମା ।

୫୫ । ପୃଥ୍ୱୀହିତେ—ପୃଥିବୀର ମଙ୍ଗଳ ନିମନ୍ତେ । ନାଗଶୟନ—କ୍ଷୀରସାଗରରେ ବିଷ୍ଣୁଙ୍କର ଅନନ୍ତଶଯ୍ୟା ।

୫୬ । ଦେବକୀ—କଂସର ଭଉଣୀ ଓ ବସୁଦେବଙ୍କ ପତ୍ନୀ । ଉଦରେ—ଗର୍ଭରେ ।

୫୭ । କଂସ, ଦେବକୀ ଓ ବସୁଦେବଙ୍କୁ ବନ୍ଦୀ କରିଥିଲା । ସେମାନଙ୍କର ସନ୍ତାନମାନଙ୍କୁ ସେ ବଧ କଲା । ଶ୍ରୀକୃଷ୍ଣ ଜନ୍ମ ହେଲମାତ୍ରେ ବନ୍ଦୀଶାଳାର ଦ୍ୱାର ଫିଟିଗଲା ଓ ବସୁଦେବ ତାଙ୍କୁ ନେଇ ଗୋପର ନନ୍ଦଙ୍କ ଘରେ ଥୁଣ୍ଡ଼ ତାଙ୍କର ସଦ୍ୟୋଜାତ କନ୍ୟାକୁ ନେଇ ଆସିଲେ । ପରଦିନ ସକାଳେ କଂସ ସେହି କନ୍ୟାକୁ ମାରିବାକୁ ବସନ୍ତେ ସେ ଶୂନ୍ୟରେ ଉଭେଇଗଲେ । ଏଣେ କୃଷ୍ଣ ଗୋପପୁରରେ ବଢ଼ିଲେ ।

୫୯ । ପୂତନା—ଅଘାସୁରର ଭଉଣୀ । କଂସର ଆଦେଶରେ ସେ ସ୍ତନରେ ବିଷ ଭରି କୃଷ୍ଣଙ୍କୁ ପିଆଇବାକୁ ଗଲା । ସାତଦିନର ଶିଶୁ ଶ୍ରୀକୃଷ୍ଣ

Digitized by srujan ka@gmail.com

ତୃଣା ଶକଟା ବକା ଅଘାସୁର
ମାରି ତାରିଲେ କୁବେର କୁମର ।୬୦

କାଳୀ କାଳନ୍ଦୀହ୍ରଦରେ ଦଳିଲେ
ବନ ଅନଳ କଣ୍ଠରେ ଗିଳିଲେ ।୬୧

ବଚ୍ଛା ବାଳକ ହରିଲା ବିଧାତ
ନିଜ ଅଙ୍ଗରୁ ସର୍ବ କଲେ ଜାତ ।୬୨

ନନ୍ଦ ରାଜାକୁ ହରିଲା ବରୁଣ
ତାଙ୍କୁ ଆଣିଦେଲେ ରମାରମଣ ।୬୩

ସେହି ସ୍ତନ ପାନ କରି ତାର ପ୍ରାଣ ନେଇଥିଲେ । ବଜ୍ରସେହ୍ଲା—ବଜ୍ର ନିର୍ମିତ କବଚ । କବଚ ଅସ୍ତ୍ରାଘାତରୁ ଶରୀରକୁ ରକ୍ଷାକରେ । ସେହିପରି ଶ୍ରୀକୃଷ୍ଣଙ୍କ ନାମ ମନୁଷ୍ୟକୁ ସଂସାରର ପାପତାପରୁ ରକ୍ଷାକରେ ।

୬୦ । ତୃଣା, ଶକଟା, ବକ, ଅଘା—କଂସର ଅନୁଚର ରାକ୍ଷସଗଣ । ଶ୍ରୀକୃଷ୍ଣ ଓ ବଳରାମ ଏମାନଙ୍କୁ ବଧ କରିଥିଲେ । କୁବେର କୁମର—କୁବେରଙ୍କ ଦୁଇ ପୁଅ, ନଳକୁବର ଓ ମଣିଗ୍ରୀବ । ନାରଦଙ୍କ ଅଭିଶାପରେ ଏ ଦୁହେଁ ଯାମଳାର୍ଜ୍ଜୁନ ବୃକ୍ଷ ହୋଇଥିଲେ । ଯଶୋଦା ଶ୍ରୀକୃଷ୍ଣଙ୍କୁ ସେହି ବୃକ୍ଷରେ ବାନ୍ଧି-ଥିଲେ । ଶ୍ରୀକୃଷ୍ଣ ଗଛକୁ ଭାଙ୍ଗି ଦେବାରୁ କୁବେରଙ୍କ ପୁଅ ଦୁହେଁ ମୁକ୍ତ ପାଇଥିଲେ ।

୬୧ । କାଳୀ—କାଳୀୟସର୍ପ । ବନ ଅନଳ ଗିଳିଲେ—ଥରେ ଏରଣ୍ଡ ବନରେ ଅଗ୍ନି ଲାଗି ଗୋପପୁରକୁ ପୋଡ଼ିବାକୁ ବସିଲା । ଶ୍ରୀକୃଷ୍ଣ ସେହି ଅଗ୍ନିକୁ ପିଇ ଗୋପପୁରକୁ ରକ୍ଷା କରିଥିଲେ ।

୬୨ । ବିଧାତା—ବ୍ରହ୍ମା । ବ୍ରହ୍ମା ଶ୍ରୀକୃଷ୍ଣଙ୍କୁ ପରୀକ୍ଷା କରିବାପାଇଁ ଗୋପପୁରର ଗୋରୁ ବାଛୁରି ସବୁ ଲୁଚାଇ ଦେଲେ । ଶ୍ରୀକୃଷ୍ଣ ନିଜ ଦେହରୁ ସେସବୁ ଜାତକରି ବ୍ରହ୍ମାଙ୍କୁ ଚକିତ କରି ଦେଇଥିଲେ ।

୬୩ । ନନ୍ଦରାଜା ନିଷିଦ୍ଧ ସମୟରେ କାଳନ୍ଦୀରେ ସ୍ନାନ କରୁଥିବାରୁ ବରୁଣ ତାଙ୍କୁ ବନ୍ଦୀ କରିଥିଲେ । ଶ୍ରୀକୃଷ୍ଣ ତାଙ୍କୁ ଉଦ୍ଧାର କରି ଆଣିଥିଲେ । ରମାରମଣ—ଲକ୍ଷ୍ମୀଙ୍କର ପତି, ବିଷ୍ଣୁ, ଅର୍ଥାତ୍ ଶ୍ରୀକୃଷ୍ଣ ।

Digitized by srujan ka@gmail.com

ଇନ୍ଦ୍ର ବିବାଦେ ଟେକି ଗୋବର୍ଦ୍ଧନ
ଗୋପ ରଖିଲେ ଜଗତ ଜୀବନ ।୬୪
ବୃନ୍ଦାବନରେ କରନ୍ତି ବିଳାସ
ସଙ୍ଗେ ଘେନି ଅନେକ ବାଳଶିଷ ।୬୫
ବସ୍ତ୍ର ହରି ଆଦି ଯେତେ ଚରିତ
କେତେ କହିବି କରି ଆଦିଅନ୍ତ ।୬୬
ରାସେ ରସିଲେ ଗୋପୀଙ୍କ ସଙ୍ଗତେ
ଏମନ୍ତ ବେଭାର ଯେତେ ଯେତେ ।୬୭
କେଶୀ ପିଣ୍ଡ ମନ୍ଥିଲେ ବାହୁବଳେ
ପ୍ରାଣେ ମାଇଲେ ଯେତେ ଦୈତ୍ୟ ଗଲେ । ୬୮
ତାହା ଶୁଣି ଉଠିଲା କଂସାସୁର
ଭୟେ କମ୍ପଇ ହୋଇ ଥରହର । ୬୯

---

୬୪ । ଇନ୍ଦ୍ର ବିବାଦ—ଇନ୍ଦ୍ରଙ୍କର ପ୍ରାଧାନ୍ୟ ସ୍ୱୀକାର ନ କରିବାରୁ ନନ୍ଦଙ୍କ ଉପରେ କୋପ କରି ଇନ୍ଦ୍ର ପ୍ରଚଣ୍ଡ ବୃଷ୍ଟି କଲେ । "ଇନ୍ଦ୍ର ସପତ ଦିନ ବୃଷ୍ଟି କଲା, ବଜ୍ରଘାତେ ପଥର ବରଷିଲା ।" ଗୋପପୁରକୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ଗୋବର୍ଦ୍ଧନ ପର୍ବତକୁ ଟେକି ଧରିଥିଲେ । "ଛତ୍ର ଆକାରେ ଗିରିବର ଧରି, ଗୋପ ସମ୍ପଦ ରଖିଲେ ମୁରାରି ।" ଗୋପପୁରବାସୀ ଇନ୍ଦ୍ରର କୋପରୁ ରକ୍ଷା ପାଇଲେ ।

୬୫ । ବିଳାସ—ଆମୋଦପ୍ରମୋଦ, କ୍ରୀଡ଼ାକୌତୁକ; ବାଳଶିଷ—ଅନୁଚର ଗୋପାଳବାଳକ ।

୬୬ । ବସ୍ତ୍ର ହରି—ଯମୁନାରେ ସ୍ନାନ କରୁଥିବା ଗୋପୀମାନଙ୍କର ବସ୍ତ୍ର ହରଣ । କରି ଆଦିଅନ୍ତ—ମୂଳରୁ ଶେଷ ପର୍ଯ୍ୟନ୍ତ ।

୬୭ । ରାସ—ରାସ କ୍ରୀଡ଼ା; ବେଭାର—ବ୍ୟବହାର, ବ୍ୟାପାର ।

୬୮ । କେଶୀ—କଂସର ଜଣେ ଅନୁଚର । ଭାଣ୍ଡୀର ବନରେ ଶ୍ରୀକୃଷ୍ଣ ଅଶ୍ୱରୂପୀ ଏହି ଅସୁରକୁ ବଧ କରିଥିଲେ ।

Digitized by srujan ka@gmail.com

ମନ୍ତ୍ରୀ ଅକ୍ରୂରକୁ ଦେଖି ସ୍ଥଳଇ
କ୍ରୋଧେ ନୟନରୁ ଲୋତକ ଗଳଇ । ୭୦

କହେ କାତରତରେ ହୋଇ ଛନ୍ନ
ମନ୍ତ୍ରୀ ଶୁଣିମା ମୋହର ବଚନ । ୭୧

ମୁନିବର ନାରଦ ଗଲେ କହି
ତେଣୁ କରି ଅଥିର ମୋର ଦେହି । ୭୨

ନନ୍ଦନନ୍ଦନ ମୋହର ବଇରୀ
ତାକୁ କେମନ୍ତେ ପକାଇବି ମାରି । ୭୩

ଯେତେ ଗଲେ ସଂହାରିବା ନିମନ୍ତେ
ତାଙ୍କୁ ମାଇଲା ଗୋବିନ୍ଦ କଷ୍ଟେ । ୭୪

କେତେ ଉପାୟ କଲି ତାଙ୍କ ପାଇଁ
ଚନ୍ଦ୍ରିଁ କଟ୍ଟୁ ନୋହିଲେ ବେନିଭାଇ । ୭୫

ବିଷ ସ୍ତନେ ଭରିଗଲା ପୂତନା
ତାକୁ ଜାଣି ମାଇଲା ନନ୍ଦକହ୍ନା । ୭୬

---

୭୧ । କାତରତର – ଅତି କାତରରେ; ଛନ୍ନ—ଅସ୍ଥିର ।

୭୨ । ନାରଦ କଂସକୁ କହିଥିଲେ ଯେ ଦେବକୀର ଅଷ୍ଟମ ଗର୍ଭଜାତ ସନ୍ତାନ ହାତରେ ତାର ମୃତ୍ୟୁ ହେବ । ଅଥିର—ଅସ୍ଥିର ।

୭୩ । ନନ୍ଦନନ୍ଦନ—ଶ୍ରୀକୃଷ୍ଣ; ବଇରୀ—ଶତ୍ରୁ ।

୭୪ । ସଂହାରିବା – ବିନାଶ କରିବା, ମାରିବା; କଷ୍ଟେ —ଅନାୟାସରେ, ଅକ୍ଲେଶରେ ।

୭୫ । ବେନି ଭାଇ—ବଳରାମ ଓ ଶ୍ରୀକୃଷ୍ଣ ।

୭୬ । ନନ୍ଦକହ୍ନା—ନନ୍ଦର ପୁଅ ଶ୍ରୀକୃଷ୍ଣ ।

Digitized by srujan ka@gmail.com

ତ୍ରୃଣ ଶକଟା ବେନି ଗଲେ
ସେହୁ ନଶିଲେ, ବାହୁଡ଼ ନଇଲେ । ୭୭
ବକା ଅଘା ବ୍ୟୋମ ବସ୍ତାସୁରକୁ
କେଶୀ କଦମ୍ବା ଧେନୁକା ଖରକୁ । ୭୮
ମାରି ନଶ୍ଚିନ୍ତେ ଛନ୍ତି ବେନି ଭାଇ
କସ କରିବ ଶୁଣ ମନ୍ତ୍ରୀସାଇଁ । ୭୯

---

୭୭ । ତୃଣ, ଶକଟା—କଂସର ଅନୁଚରେ ଦ୍ୱୟ; ନଶିଲେ—ନାଶ ପାଇଲେ, ମଲେ । ବାହୁଡ଼ ନଇଲେ—ଫେରି ଆସିଲେ ନାହିଁ ।

୭୮ । ବକା—ଏ ଶ୍ରୀକୃଷ୍ଣଙ୍କୁ ଗିଳିଥିଲା ; କିନ୍ତୁ ବ୍ରହ୍ମାଗିରେ ପେଟ ଜଳିବାରୁ ବାନ୍ତି କରି ପକାଇଲା । କୃଷ୍ଣ ତାର ପାଟିକୁ ଚିରି ତାକୁ ମାରିଥିଲେ । ଅଘା—ଏ ଅଜଗର ରୂପ ଧରି ଗୋପାଳ ବାଳକମାନଙ୍କୁ ଗିଳିଥିଲା । କୃଷ୍ଣ ସେମାନଙ୍କୁ ରକ୍ଷା କରିବାକୁ ତାର ଗର୍ଭରେ ପଶି ତାକୁ ବଧ କରିଥିଲେ । ବ୍ୟୋମ—ଗୋପାଳ ବାଳକମାନେ କ୍ରୀଡ଼ା କରୁଥିବା ସମୟରେ ବ୍ୟୋମାସୁର ସେମାନଙ୍କୁ ଚୋରାଇ ନେଇ ପର୍ବତ ଗୁହାରେ ବନ୍ଦୀ କରିଥିଲା । ଶ୍ରୀକୃଷ୍ଣ ତାହାକୁ ମାରି ଗୋପବାଳକମାନଙ୍କୁ ଉଦ୍ଧାର କରିଥିଲେ । ବସ୍ତା ବା ବତ୍ସାସୁର—ଏ ବତ୍ସାରୂପରେ ବତ୍ସାମାନଙ୍କ ମଧ୍ୟରେ ଚରୁଥିଲା । କୃଷ୍ଣ ଏହା ଜାଣି ତାର ଦୁଇଗୋଡ଼ ଧରି ବୁଲାଇ ଗଛରେ କଚାଡ଼ି ଦେବାରୁ ସେ ମଲା । କେଶୀ—ଏହି ଦୈତ୍ୟକୁ ଶ୍ରୀକୃଷ୍ଣ ଭଣ୍ଡୀର ବନରେ ବଧ କରିଥିଲେ । କଦମ୍ବା—ସ୍ୱର୍ଗର ଜଣେ ଗନ୍ଧର୍ବ ମେନକା ଅପ୍‌ସରାଙ୍କ ପ୍ରତି ଅତ୍ୟାଚାର କରିବାକୁ ବସିବାରୁ ଇନ୍ଦ୍ରଙ୍କ ଅଭିଶାପରେ ସେ କଦମ୍ବା ରାକ୍ଷସ ରୂପରେ ପୃଥିବୀରେ ଜନ୍ମିଥିଲା । ବଳରାମ ତାହାକୁ ନାଶ କରିଥିଲେ । ଧେନୁକା—କଂସର ଜଣେ ଅନୁଚର । ବଳରାମ ଏହି ଗର୍ଦ୍ଦଭରୂପୀ ଧେନୁକାସୁରକୁ ତାଳ ବନରେ ବଧ କରିଥିଲେ ।

୭୯ । ବେନି ଭାଇ—ରାମ ଓ କୃଷ୍ଣ; ମନ୍ତ୍ରୀସାଇଁ—ଅକ୍ରୂର ।

Digitized by srujan ka@gmail.com

ମୋର ବିଶ୍ୱାସ ତୁ, ଏଣୁ କହୁଛି
ଆଣି ଦେବୁ ନନ୍ଦର ବେନି ବଛି । ୮୦
କାଲି ପ୍ରଭାତେ କରିବୁ ଗମନ
ରାମକୃଷ୍ଣ ଆଦି ନନ୍ଦରାଜନ । ୮୧
ବରଷକର ବର୍ତ୍ତନ ବସାଣ
ଏହା ଦେନାଇଁ ଆପଣା ସଙ୍ଗେଣ । ୮୨
ମୋହ ଗ୍ରାମୁରେ କରାଇବ ଭେଟ
ବଳେ ଧରି ମାରିବି ନନ୍ଦସୁତ । ୮୩
ତେବେ ସୁଖେ ଭୁଞ୍ଜିବି ନାନା ଭୋଗ
ଯେତେକାଳ ପର୍ଯ୍ୟନ୍ତ ଥିବ ଯୋଗ । ୮୪
ବ୍ୟାଧି ଅଳପ ହୋଇ ସଞ୍ଚରଇ
ହେଳା ମାତ୍ରକେ ପରାଣେ ମାରଇ । ୮୫
ଶୂନ୍ୟମଣ୍ଡଳେ ମେଘ ପ୍ରକାଶଇ
ଛିଦ୍ର ହୋଇ ବହୁତ ବରଷଇ । ୮୬
ଭସ୍ମକୁଢ଼ରେ ଅଗ୍ନି କଣା ଥାଇ
ମନ୍ଦପବନେ ବଳସ୍ତୁ ହୁଅଇ । ୮୭

---

୮୦ । ବେନି ବଛି—ଦୁଇ ପୁଅ ବଳରାମ ଓ ଶ୍ରୀକୃଷ୍ଣଙ୍କୁ ।
୮୨ । ବର୍ତ୍ତନ ବସାଣ—ବସା ଯାଇଥିବା ବର୍ତ୍ତନ ବା ଖଜଣା ।
୮୩ । ନନ୍ଦସୁତ—ନନ୍ଦର ପୁଅ ଦୁହିଁଙ୍କୁ ।
୮୫ । ବ୍ୟାଧି···ମାରଇ—ରୋଗ ପ୍ରଥମେ ସାମାନ୍ୟ ହୋଇଥାଏ, ମାତ୍ର ତାକୁ ହେଳା କରି ପ୍ରତିକାର ନ କଲେ ଶେଷରେ ସେ ପ୍ରାଣ ନଏ ।
୮୬ । ଶୂନ୍ୟମଣ୍ଡଳ—ଆକାଶ ।
୮୭ । ଭସ୍ମକୁଢ଼—ପାଉଁଶଗଦା ।

Digitized by srujan ka@gmail.com

କାଳେ ସଂସାର କରଇ ଦନ୍ଦୁଜ
ସେହି ପ୍ରକାରେ ନନ୍ଦର ତନୁଜ । ୮୮

ତାଙ୍କୁ ବେଳହୁଁ ଉପାଏ ମାରିବା
ନ ମାଇଲେ କାଳେ ଆପେ ମରିବା । ୮୯

ତେଣୁ କରି କହିଲ ମନ୍ତ୍ରୀବର
ମୋହ ଅର୍ଥେ ଉପାଏ ତୁମ୍ଭେ କର । ୯୦

ଏତେ ବୋଲି ବେନି କର ଧଇଲା
ଶୋକେ ଆଲିଙ୍ଗନ କରି କହିଲା । ୯୧

କରେ ବହୁତ ପ୍ରକାରେ ବିନତି
କହୁ କହୁ ପ୍ରବେଶ ହେଲା ରାତି । ୯୨

ନିଜ କରେ ଲେଖନ ପତ୍ର ଧରି
ଆଜ୍ଞା ପତ୍ରିକା ଲେଖି ଦଣ୍ଡଧାରୀ । ୯୩

ମୁଦ ଅକ୍ରୂର କରେ ସମର୍ପିଲା
ଯାଅ ବୋଲି ହରଷେ ଆଜ୍ଞା ଦେଲା । ୯୪

ମନ୍ତ୍ରୀ ଗଳାରେ ଲମ୍ବାଇ ବାହାର
ଚିତ୍ତ ଆନନ୍ଦେ ହୋଇଲା ମନ୍ଦର । ୯୫

---

୮୮ । ଦନ୍ଦୁଜ—ଦନ୍ଦ୍ୟ, ଦଗ୍ଧ; ଦନ୍ଦୁଜ କରେ—ପୋଡ଼ିଦିଏ । ତନୁଜ—ପୁଅ ।

୯୦ । ମୋହ ଅର୍ଥେ—ମୋ ନିମନ୍ତେ ।

୯୩ । ଦଣ୍ଡଧାରୀ—ରାଜା ।

୯୪ । ସମର୍ପିଲା—ଦେଲା ।

୯୫ । ମନ୍ଦର—ଘର । ଅକ୍ରୂର ଗଳାରେ ଆଜ୍ଞାପତ୍ରିକା ଲମ୍ବାଇ ଆନନ୍ଦ ମନରେ ଘରୁ ବାହାରିଲା ।

Digitized by srujan ka@gmail.com

କଂସରାଜାଙ୍କ ନିଶ୍ଚିନ୍ତେ ରହିଲ
କାଳଚକ୍ରେ ପଡ଼ି ମୋହ ହୋଇଲ । ୯୬
ସ୍ନାନ ମାର୍ଜନ ଭୋଜନ ଶୟନ
କିଛି ନ ରୁଚଇ ବିଷ ସମାନ । ୯୭
ଯେଉଁ ଦିଗକୁ ଦିଶଇ ଅନାଇଁ
ସେହୁ ଦିଗେ ଦିଶେ ନନ୍ଦ କହ୍ନାଇ । ୯୮
ଶୋଇ ସପନେ ଚମକି ପଡ଼ଇ
କହି ବଚନ କ୍ଷଣକେ ହୁଡ଼ଇ । ୯୯
ଝାଇଁ ମାରଇ ନିଶ୍ୱାସ ପ୍ରଖର
ସପନରେ ଦେଖଇ ନିଜ ଶିର । ୧୦୦
ଶଙ୍ଖ ଶବଦ ନିଶ୍ୱାସ ପବନ
କରେ ଦକ୍ଷିଣ ଦିଗକୁ ଗମନ । ୧୦୧
କଣ୍ଠେ ମନ୍ଦାରମାଳ ବିଭୂଷଣ
କରି ମଇଁଷିଯାନ ଆରୋହଣ । ୧୦୨
ଚର୍ମ ଦେଶରେ ପଡ଼ିଛି କବରୀ
ଫିଟି ପବନେ ଉଡ଼େ କେରି କେରି । ୧୦୩
ଚଉଦିଗେ ଶୃଗାଳ ଶ୍ୱାନ ପେଚ
ଗୃଧ୍ର, ଅହି, ମଞ୍ଜାରି ଧ୍ୱନି ଉଚ୍ଚ । ୧୦୪

---

୯୭ । ମାର୍ଜନା—ମାଜଣା, ପୋଛିପୋଛି ବା ଗାଧୁଆ ।
୧୦୦ । ଝାଇଁ ମାରଇ—ଝୋଲ ମାରିବା; ଶିର—ମୁଣ୍ଡ ।
୧୦୧ । ଶଙ୍ଖ···ପବନ—ନିଶ୍ୱାସ ପବନ ଶଙ୍ଖର ଶବ୍ଦ ପରି ଶୁଣାଗଲା ।
୧୦୩ । ଚର୍ମଦେଶ—ଚରମ ଦେଶ—ପୃଷ୍ଠ ଭାଗ; କବରୀ—କେଶପାଶ ।
୧୦୪ । ଶୃଗାଳ—ବିଲୁଆ; ପେଚ—ପେଚା; ଶ୍ୱାନ—କୁକୁର; ଗୃଧ୍ର—ଶାଗୁଣା; ଅହି—ସାପ, ମଞ୍ଜାରି—ମାର୍ଜାର—ବିରାଡ଼ି ।

Digitized by srujan ka@gmail.com

ପ୍ରାଣ ନ ରହଇ ଯେଉଁ ସ୍ୱପନେ
କଂସ ଦେଖିଲା ତା ବେଳ ନୟନେ । ୧୦୫
ଚେତ ଉଠି ମନରେ ବିଚାରଇ
ସ୍ୱପ୍ନ ସତ୍ୟ ନୋହେ ବେଦ ଭାଷଇ । ୧୦୬
ମନେ ଏମନ୍ତ ବିଚାରି ଶୋଇଲା
ନିଶି ପାହ୍ଣ ପ୍ରଭାତ ହୋଇଲା । ୧୦୭
ଜାଣି ଅକ୍ରୂର ଉଠିଲା ଆସନୁ
ପୂର୍ବ ଦିଗେ ଦେଖିଲା ଉଦେ ଭାନୁ । ୧୦୮
ନିତ୍ୟକର୍ମ ସାରି ହେଲା ବାହାର
ଭକ୍ତ ଦାସ ସାଜେ ରଥ ତାହାର । ୧୦୯

---

୧୦୬ । ଚେତ ଉଠି—ଚେଇଁପଡ଼ି ।
୧୦୭ । ନିଶି—ରାତି ; ପ୍ରଭାତ—ସକାଳ ।
୧୦୮ । ଭାନୁ—ସୂର୍ଯ୍ୟ ।

Digitized by srujan ka@gmail.com

ଦ୍ୱିତୀୟ ଛାନ୍ଦ

(ରାଗ—କାଳୀ)

କୃଷ୍ଣ ଦର୍ଶନେ ଆଶେ ଉଚ୍ଛନ୍ନ ହୋଇ ସଫଳାସୁତ
ସାଜିଲ ରଥ ଯୋଚିଲ ଅଶ୍ୱ ଦେଖିଲ ଶିବାପଥ ।୧
ବାଗଦଉଡ଼ି ଧରଣ ଚଢ଼ି ଯା ବୋଲି ଦେଲ ରାଳ
ଚକ୍ଷୁ ମଟକେ ଅତି ଛଟକେ ମଥୁରାସୀମା ବଳ ।୨
କରେ ଗମନ ଅତି ଶୋଭନ ଝଣଇ ରଥବର
ଯହିଁରେ ଝଜେ ଦେବଙ୍କ ରାଜେ କରିବେ ମଧୁପୁର ।୩
କଂସ ଉଗର କରେ ଝନ୍ଧୁର ଧନ୍ୟ ହୋଇଲି ଆଜ
ଧନ୍ୟ ମୋ ତାତ ଧନ୍ୟ ମୋ ମାତ ଦେଖିବି ଦେବରାଜ ।୪
ଧନ୍ୟରେ ନେତ୍ର ଦେଖିବ ପଦ୍ମ ଗୃହିଁ ଜଳଦ ତନୁ
ଗୋପାଳ ମେଳେ ନନ୍ଦର କୋଳେ ବସି ଯେ ଥିବେ କାହ୍ନୁ ।୫
ଦୂରୁ ଅନାଇ ଡାକିବେ ଦୁଇ ଭାଇ ଅକ୍ରୂର ଆସ
ସେ ବାଣୀ ଶୁଣି ଶ୍ରବଣ ବେନି ତେଜିବେ ସର୍ବଦୋଷ ।୬

---

୧ । ଉଚ୍ଛନ୍ନ—ଅସ୍ଥିର; ସଫଳାସୁତ—ଅକ୍ରୂର ।

୨ । ବାଗ ଦଉଡ଼ି—ଲଗାମ ; ଚକ୍ଷୁମଟକେ—ଆଖିର ପଲକରେ; ଛଟକେ—ଶୋଭା ।

୩ । ରଥବର—ଉତ୍ତମ ରଥ ; ଦେବରାଜ—ଶ୍ରୀକୃଷ୍ଣ ; ମଧୁପୁର—ମଥୁରା ।

୪ । ଉଗର—ଦୂତ ଅକ୍ରୂର ; ତାତ—ପିତା ।

୫ । ଜଳଦତନୁ—ମେଘପରି ଘନ ନୀଳବର୍ଣ୍ଣ ଦେହ ଯାହାଙ୍କର; କାହ୍ନୁ—ଶ୍ରୀକୃଷ୍ଣ ।

Digitized by srujan ka@gmail.com

ଶରୀର ଗନ୍ଧ ପାଇ ଆନନ୍ଦ ହୋଇବ ନାସାଦ୍ୱାର
କରନ୍ତେ କୋଳ ଅଙ୍ଗ ନିର୍ମଳ ହୋଇବ ଆଜ ମୋର ।୭।
ବିଶ୍ୱାସମାନ ପରିର ରାମ— କୃଷ୍ଣ କରିବେ ପୂଜା
ସଦୟ ଚିତ୍ତେ ପେଷିଲ ମୋତେ ଧନ୍ୟ ସେ କଂସରାଜା ।୮
ପାଇବି ଗତି ଦେଖି ଶ୍ରୀପତି ଛେଦିବ ଭବବନ୍ଧ
ସ୍ନେହରେ କର ବ୍ରଜବିହାରୀ କର ଦେବେ ମୋ କନ୍ଧ ।୯
ଏମନ୍ତ ଭାଳି ଆସନ୍ତେ ଚଳି ଦେଖିଲେ ବାଳବୃନ୍ଦ
ଧ୍ୱଜ ଅଙ୍କୁଶ ଚକ୍ରାଦି ଚିହ୍ନ ସମ୍ଭବେ ପଦ୍ମପାଦ ।୧୦
ଆନନ୍ଦ ହୋଇ ରଥରୁ ଡେଇଁ ଶିରେ ନଉଡ଼େ ବାଳି
ହା କୃଷ୍ଣ ବୋଲି ନ ପାରେ ବୁଲି ନୟନୁ ଅଶ୍ରୁ ଗଳି ।୧୧
କଣ୍ଠ ହୁଡ଼ଇ ଉଠି ପଡ଼ଇ ଗଡ଼ଇ ପାଦପରେ
ଶୂନ୍ୟକୁ କୋଳ କରି ଆକୁଳ କମ୍ପଇ ପ୍ରେମଭରେ ।୧୨
ଚକ୍ଷୁ ବୁଜଇ ମନେ ହେଜଇ ଗୋବିନ୍ଦ-ଲୀଳାମାନ
ଉଚ୍ଚେ ଗର୍ଜଇ ବାତୁଳ ହୋଇ କ୍ଷଣକେ ଅଚେତନ ।୧୩

---

୭ । ଶରୀର ଗନ୍ଧ—ଶ୍ରୀକୃଷ୍ଣଙ୍କ ଦେହର ସୁଗନ୍ଧ ।

୮ । ବିଶ୍ୱାସମାନ—ବିଶ୍ୱାସ କଥା ସବୁ; ସଦୟ—ଦୟାପୂର୍ଣ୍ଣ; ପେଷିଲ—ପଠାଇଲ ।

୯ । ଗତି—ସଦ୍‌ଗତି, ମୁକ୍ତି; ଶ୍ରୀପତି—ଶ୍ରୀକୃଷ୍ଣ; ଭବବନ୍ଧ—ସଂସାରର ବନ୍ଧନ ; ଛେଦିବ—ତୁଟାଇ ଦେବ; ବ୍ରଜବିହାରୀ—ଶ୍ରୀକୃଷ୍ଣ; କର—ହାତ ।

୧୦ । ଧ୍ୱଜ—ପତାକା; ଧ୍ୱଜ, ଅଙ୍କୁଶ, ଚକ୍ର ପ୍ରଭୃତି ଚିହ୍ନ ଦେବତ୍ୱର ପରିଚାୟକ ।

୧୧ । ନଉଡ଼େ—ନଗାଡ଼ିଲେ ଅର୍ଥାତ୍ ଢାଳିଲେ । ନୟନୁ—ଆଖିରୁ ; ଅଶ୍ରୁ—ଲୁହ ।

୧୨ । ହୁଡ଼ଇ—ଭୁଲିଯାଏ ।

୧୩ । ଅଚେତନ—ମୂର୍ଚ୍ଛିତ । କଣ୍ଠବାରେ ହୁଡ଼ିବା (ସ୍ୱରଭଙ୍ଗ), ଉଠି

Digitized by srujan ka@gmail.com

ଅଳପ ବୁଦ୍ଧି ନୟନ ଦୁଇ ପୁଣି ବୁଜଇ ଭାବେ
ଗୋପୀମୋହନ ହେ ଶ୍ୟାମଘନ ବୋଲି ଆରତେ ଭାବେ ।୧୪
ମୁଁ ହୀନ ମୂଢ଼ ପାପିଷ୍ଠ ଗାଢ଼ ନାହିଁ ମୋହର ଭାଗ୍ୟ
ସତେ କି ଥରେ ନେତ୍ର ପଥରେ ଦେଖିବି ଗୋପମାର୍ଗ ।୧୫
ନମିମି ପାଦେ ଅତି ଆନନ୍ଦେ କୋଳ ଧରିବେ ହରି
ରାମ ସହିତେ ଦ୍ରୁହାସେ ମୋତେ ପ୍ରେମାଲିଙ୍ଗନ କରି ।୧୬

କହୁ ଏସନ ବସିଲା ଯାନ ବାହଇ ଧୀରେ ଧୀରେ
ତୁରିତେ ଯାଇ ପ୍ରବେଶ ହୋଇ ଗୋପର ସୀମାନ୍ତରେ ।୧୭
ଦେଖିଲା ଗୋଷ୍ଠେ ଗୋପାଳ ମେଣ୍ଢେ ଗାବ ଦୁହିଁନ୍ତି ହରି
ନୀଳ ଜୀମୂତ— ବରନ ପୀତ ବସନ ବିଦୁ ଘରି ।୧୮
ଶିରେ ହିମୁଣ୍ଡୀ କି ଅବା ମଣ୍ଡି ଥୋଇଛନ୍ତି ଇନ୍ଦ୍ରଧନୁ
ଭ୍ରମର ଶ୍ରେଣୀ ଚୁମ୍ବନ୍ତି ଜାଣି ସୁଗନ୍ଧ ଗନ୍ଧ ଯେଣୁ ।୧୯

ପଡ଼ିବା (ଉନ୍ମାଦ), ଆକୁଳରେ କମ୍ପିବା (ବେପଥୁ) ବାଉଳ ହେବା (ଉନ୍ମାଦ), ଅଚେତନ ହେବା (ମୂର୍ଚ୍ଛା) – ଏସବୁ ସାତ୍ତ୍ୱିକ ବିକାର ।

୧୫ । ମୂଢ଼—ଅଧମ; ଗାଢ଼—ନିର୍ଦ୍ଦୟ; ଗୋପମାର୍ଗ—ଗୋପପୁରର ବାଟ ।

୧୬ । ନମିମି—ନମସ୍କାର କରିବି; ହରି—ଶ୍ରୀକୃଷ୍ଣ; ଦ୍ରୁହାସେ—ଦରହାସରେ, ଟିକିଏ ହସି; ଆଲିଙ୍ଗନ କରିବା—କୋଳ କରିବା ।

୧୭ । ଯାନ—ରଥ; ତୁରିତେ—ଶୀଘ୍ର; ଗୋପସୀମାନ୍ତ—ଗୋପପୁରର ଶେଷ ଭାଗରେ ।

୧୮ । ଗୋପାଳମେଣ୍ଢେ—ଗଉଡ଼ମାନଙ୍କ ମେଳରେ; ଗାବ—ଗାଈ; ହରି—ଶ୍ରୀକୃଷ୍ଣ ।

୧୯ । ହିମୁଣ୍ଡୀ—ଏକପ୍ରକାର ଚୂଡ଼ା ।

Digitized by srujan ka@gmail.com

ଅଳକାପନ୍ତ   ଝଳ ଝଳନ୍ତ   ଭ୍ରୂଲତା ପୁଷ୍ପଚାପ
ନୟନ ବାଣ   ଅଞ୍ଜନ ଗୁଣ   କର୍ଣ୍ଣ ପର୍ଯ୍ୟନ୍ତେ ଧାପ ।୨୦

ତିଳକୁସୁମ   ନାସାସୁଷମ   ଅଧର ପାରଜାତ
କର୍ଣ୍ଣ କୁଣ୍ଡଳ   ରବି ମଣ୍ଡଳ   ନିନ୍ଦଇ ଶତପତ୍ର ।୨୧
ଓ୍ଠଳମ୍ବ ଯାଜ   ରଦନ ଚ୍ଛେଜ   ରୁଚି ନିନ୍ଦଇ ଇନ୍ଦୁ
ଦ୍ରହାସ କାଳେ   ଘୂର୍ଣ୍ଣିଲେ ଡୋଳେ   ଭୁଲିବେ କୁଳବଧୂ ।୨୨
କଣ୍ଠରେ ଦାମ   ଗଞ୍ଜଇ କାମ   ନାନା ରତନମାନ
ବାହେ ଭୂଷଣ   ମଣିକଙ୍କଣ   ଦୋହନ କାଳେ ସ୍ୱନ ।୨୩

ପରିଧାପନ   ପୀତ ବସନ   ଘନେ ଅଙ୍ଗିର ପଗ୍ର
ପାଦେ ନୂପୁର   ନାଦ ମଧୁର   ଶୁଣି ଜେ ହେବ ଧୀର ।୨୪

---

୨୦ । ଅଳକାପନ୍ତି—ଚୂନଚୂନିଆ ବାଳସବୁ; ଝଳ—ସୁନ୍ଦର; ପୁଷ୍ପଚାପ—ଫୁଲର ଧନୁ (ଭ୍ରୂଲତା ଫୁଲର ଧନୁପରି); ନୟନବାଣ—ଚକ୍ଷୁ ଶରପରି; ଅଞ୍ଜନଗୁଣ—କଜ୍ଜଳ ଗାର, ସେ ଧନୁର ଗୁଣପରି; ଧାପ—ଦଉଡ଼; ଧାପ ଦେଇଛି—ଲମ୍ବି ଯାଇଛି ।

୨୧ । ତିଳକୁସୁମ—ପେଶି ଗଛର ଫୁଲ; ସୁଷମ—ସୁନ୍ଦର; ଅଧର—ଓଷ୍ଠ; ପାରିଜାତ—ସ୍ୱର୍ଗର ମନ୍ଦାର ଫୁଲ (ଏହାର ବର୍ଣ୍ଣ ଲାଲ); ରବି—ସୂର୍ଯ୍ୟ (କାନର କୁଣ୍ଡଳ ସୂର୍ଯ୍ୟମଣ୍ଡଳ ଅପେକ୍ଷା ଆହୁରି ସୁନ୍ଦର); ଶତପତ୍ର—ପଦ୍ମ ।

୨୨ । ଯାଜ—ମଣ୍ଡି; ରଦନଚ୍ଛେଜ—ଦାନ୍ତର ଦୀପ୍ତି; ରୁଚି—କାନ୍ତି; ଇନ୍ଦୁ—ଚନ୍ଦ୍ର; ଦ୍ରହାସ=ଦରହାସ, ଅଳ୍ପ ହସ ।

୨୩ । ଦାମ—(ଫୁଲ) ମାଳ; କାମ—କନ୍ଦର୍ପ; ବାହେ—ବାହୁରେ; ସ୍ୱନ—ଧ୍ୱନି ।

୨୪ । ପରିଧାପନ—ପରିଧାନ, ପିନ୍ଧା; ଘନେ ଅଙ୍ଗିର ପଗ୍ର—ମେଘରେ ବିଜୁଳି ପରି ।

Digitized by srujan ka@gmail.com

ପୁଣି ସୁବର୍ଣ୍ଣ   ରୋହିଣୀବଳା   ଶିରେ ସପଟଫେଣୀ
ମଣି ମୁକୁଟ   ଲଲାଟ ପଟ   ଅଳକା ଭୃଙ୍ଗଶ୍ରେଣୀ ।୨୫।

ଗୋକ୍ଷୀର ବର୍ଣ୍ଣ   ନପୂନ ଧୂମ   ଅଳସ ପ୍ରାୟେ ଘୂର୍ଣ୍ଣେ
କର୍ଣ୍ଣେ କୁଣ୍ଡଳ   କ ମାରତଣ୍ଡ   ଚନ୍ଦ୍ରମା ପାଶେ ରହେ ।୨୬।

ଅଧର ରଙ୍ଗ   ବଶଇ, ସଙ୍ଗ   ହେଲକ କଞ୍ଜଜବା
ନାସାରେ ହେମ   ବସଣୀ ସମ   ଲକ୍ଷ୍ୟ କାହାକୁ ଦେବା ।୨୭।

ବାହେ ବାହୁଟୀ   ଦିବ୍ୟଭୂଷଣ   କଟୀରେ ନୀଳ ପଟ
ଚରଣେ ନାନା   କମ ମଞ୍ଜୀର   ଶବଦ ପରକଟ ।୨୮।

ଦୁହନ୍ତ ଗାଣ୍ଠି   ସୋଦର ଦୁଇ   ସଙ୍ଗେ ବହୁତ ବାଳ
ବାଛୁରୀମାନେ   ଅଙ୍ଗ ଲିହନ୍ତେ   ଲାଗି ରହନ୍ତି ଲାଳ ।୨୯।

ଦୁହିଁନ୍ତ ତ୍ୱରେ   ଭରନ୍ତ ଭାଣ୍ଡେ   ହୁଅନ୍ତ ଉଚାଉଚ
ଗୋପ ନନ୍ଦନେ   ବାଦବଚନେ   ଏକ ଆରକେ ବଳ ।୩୦।

---

୨୫ । ରୋହିଣୀବଳା—ରୋହିଣୀଙ୍କ ପୁଅ ବଳରାମ; ଅଳକାଭୃଙ୍ଗ ଶ୍ରେଣୀ—ଚୂନଚୂନିଆ ବାଳଗୁଡ଼ିକ ଭଅଁରର ଧାଡ଼ିପରି ।

୨୬ । ଗୋକ୍ଷୀରବର୍ଣ୍ଣ—ଗାଈଦୁଧ ପରି ଧଳା ବର୍ଣ୍ଣ; ଘୂର୍ମ—ଢୁଳାଇଲା ଭଳି; ମାର୍ତ୍ତଣ୍ଡ—ସୂର୍ଯ୍ୟ; (କାନ ଚନ୍ଦ୍ରପରି, କୁଣ୍ଡଳ ସୂର୍ଯ୍ୟପରି) ।

୨୭ । କଞ୍ଜ—ପଦ୍ମ; ଜବା—ମନ୍ଦାର (ମୁଖ ପଦ୍ମପରି, ଓଷ୍ଠ ମନ୍ଦାର ପରି) ହେମ—ସୁନା; ଲକ୍ଷ୍ୟ—ତୁଳନା ।

୨୮ । ବାହୁଟୀ—ବାହୁର ଅଳଙ୍କାର; କଟୀ—ଅଣ୍ଟା; ନୀଳପଟ—ନୀଳ-ରଙ୍ଗର ବସ୍ତ୍ର; ମଞ୍ଜୀର—ନୂପୁର ।

୨୯ । ସୋଦର—ଭାଇ; ଲିହନ୍ତେ—ଚାଟିବା ବେଳେ ।

୩୦ । ତ୍ୱରେ—ଶୀଘ୍ର, ଚଞ୍ଚଳ ଚଞ୍ଚଳ କରି; ଭାଣ୍ଡ—ପାତ୍ର ।

Digitized by srujan ka@gmail.com

ସମ ବସନ ସମ ଗମନ ସମ ଚାହିଁବା ଠାଣି
ଚିହ୍ନି ନ ପାରି କେ ରାମହରି ଭ୍ରମଇ ମନ୍ତ୍ରୀମଣି ।୩୧।
ନନ୍ଦନନ୍ଦନ ଜାଣି ତା ମନ ସଦୟ ଚିତ୍ତ ଜ୍ଞାନ
ଏ ସେ ଅକ୍ରୂର କଂସ ଡଗର ମୋହର ପ୍ରାଣ ସରି ।୩୨।
ମୋର ଭଗତ ସଫଳାସୁତ ଦ୍ୱିତୀୟେ ତାତ ଭ୍ରାତ
ଏହାକୁ ମାୟା କଲେ ନ ପୁଣ ଡରଇ ହୋଇ ତ୍ରସ୍ତ ।୩୩।
ଏତେ ବିଚାରି ମାୟା ସଂହରି ଅକ୍ରୂର ଦେଲା ଚାହିଁ
କାତରଚିତରେ କମ୍ପେ ଅଥିରେ ପାଦେ ପଡ଼ିଲା ଶୋଇ ।୩୪।
ବାହୁ ପ୍ରସାରି ଟେକିଲେ ହରି ଝାଡ଼ି ଅଙ୍ଗରୁ ଧୂଳି
ରାମ ସହିତେ ଆନନ୍ଦ ଚିତ୍ତେ ଅକ୍ରୂରେ କୋଳାକୋଳି ।୩୫।
ନୟନୁ ଧାରି ବହିଣ ଝରି ତିନ୍ତିଲେ ଚାହିଁ ଚାହିଁ
ଜଳେ ଲବଣ ପ୍ରାୟେ ପ୍ରେମେଣ ମିଳିଲେ କହୁଁ କହୁଁ ।୩୬।
ଦାସ-ଜୀବନ ଜାଣି ତା ମନ ପୁଣି ଉତ୍ତମ ଭାବେ
କନ୍ଧରେ କର ପକାଇ ଧୀର ଗମନ୍ତି ତ୍ରିଯାଦବେ ।୩୭।

---

୩୧ । ଗୋପବାଳକମାନେ ଏକାପରି ଲୁଗା ପିନ୍ଧି, ଥିଲେ, ଏକାପରି ଚାଲୁଥିଲେ, ଏକାପରି ଚାହୁଁଥିଲେ । ତେଣୁ ଅକ୍ରୂର ସେମାନଙ୍କ ମଧ୍ୟରୁ ରାମକୃଷ୍ଣଙ୍କୁ ଚିହ୍ନି ପାରି ନଥିଲେ । ଶ୍ରୀକୃଷ୍ଣଙ୍କ ମାୟାରୁ ଏପରି ହୋଇଥିଲା ।

୩୨ । ନନ୍ଦନନ୍ଦନ—ଶ୍ରୀକୃଷ୍ଣ; ଚିତ୍ତ—ହୃଦୟ, ମନ ।

୩୩ । ସଫଳାସୁତ—ସଫଳାର ପୁତ୍ର ଅକ୍ରୂର; ତାତଭ୍ରାତ—ପିତାଙ୍କର ଭାଇ, ଖୁଡ଼ୁତା; ତ୍ରସ୍ତ—ଭୀତ, ଚକିତ ।

୩୪ । ସଂହରି—ଦୂର କରି ।

୩୬ । ଜଳେ ଲବଣ—ପାଣିରେ ଲୁଣ ପଡ଼ିଲେ ଯେପରି ମିଳେଇଯାଏ ।

୩୭ । ଦାସଜୀବନ—ଭକ୍ତମାନଙ୍କ ପ୍ରାଣସ୍ୱରୂପ; ତ୍ରିଯାଦବ—ଯଦୁବଂଶୀୟ ବଳରାମ, ଶ୍ରୀକୃଷ୍ଣ ଓ ଅକ୍ରୂର ଏହି ତିନିଜଣ ।

Digitized by srujan ka@gmail.com

ମନ୍ଦିରେ ନେଇ ଆସନ ଦେଇ ଜଳେ ଧୋଇଲେ ପାଦ
ଷଡ଼ଧ ପୂର— ପିଷ୍ଟକ ସର ଲବଣୀ ଆଦି ଖାଦ୍ୟ ।୩୮।
ମୁଖେ ଭୁଞ୍ଜାଇ ପାନ ଭଙ୍ଗାଇ କର୍ପୂର ସଙ୍ଗ ଦେଇ
ବାସ ଚନ୍ଦନ ଅଙ୍ଗେ ଲେପନ କରନ୍ତି ବେନି ଭାଇ ।୩୯।
ଆସିବା ବେଳେ ହୃଦ ମଣ୍ଡଳେ ଷଡ଼ୁର ଥିଲା ଯାହା
ଦାସ ବତ୍ସଳ ଯଶୋଦା ବାଳ ଜାଣି କରନ୍ତି ତାହା ।୪୦।
ରତ୍ନ ପଲଙ୍କେ କ୍ଷୀନବସନ ଶେଯାଇ ପୁଷ୍ପ ଷଞ୍ଚି
ଶିରକୁ ସୀମ— ସ୍ତ୍ରାନ ଯୋଗାଇ କର୍ପୂର ଧୂଳି ସିଞ୍ଚି ।୪୧।
ଅକ୍ରୂର ବୀର ତହିଁ ଉପର ଶୋଇଲା ଶାନ୍ତ ହୋଇ
ରାମ ଗୋବିନ୍ଦ ବେନି ସୋଦର ସ୍ତୁପେ ଚରଣ ଦୁଇ ।୪୨।
ମଥୁରା କଥା ପଚାରି ବାରି ନୟନୁ ଝରି ଝରି
ମାତା ପିତାଙ୍କ କୁଶଳ ଟିକ କହ ହେ ମନ୍ତ୍ରୀବର ।୪୩।
କଂସ ଅସୁର ମାଇଲା ମୋର ଯେତେ ସୋଦର ଜାତ
ସେ କଥା ଜାଣି ଜନକ ଆଣି ମୋତେ ଥୋଇଲା ଏଥି ।୪୪।
ଦୁସ୍ତର ଦୁଃଖ ଦିଅଇ, ସୁଖ ତିଳ ପ୍ରମାଣେ ନାହିଁ
ଯାଦବ କୁଳ କାଳ ଅନଳ ହୋଇଲା ଭୋଜସାଇଁ ।୪୫।

---

୩୮ । ମନ୍ଦିର—ଗୃହ; ପୂର-ପିଷ୍ଟକ—ପୂରଦିଆ ପିଠା ।
୩୯ । ଲେପନ କରନ୍ତି—ବୋଳନ୍ତି ।
୪୦ । ହୃଦମଣ୍ଡଳେ— ମନଭିତରେ; ଦାସବତ୍ସଳ— ଭକ୍ତର ପ୍ରିୟ; ଯଶୋଦାବାଳ—ଯଶୋଦାଙ୍କ ପୁଅ ଶ୍ରୀକୃଷ୍ଣ ।
୪୧ । କ୍ଷୀନ ବସନ—ସରୁ ଲୁଗା, ସୀମସ୍ତ୍ରାନ—ତକିଆ ।
୪୩ । ବାରି—ଜଳ, ଲୁହ ।
୪୪ । ଜନକ—ପିତା ବସୁଦେବ । ଏଥି—ଏଠାରେ ।
୪୫ । ଦୁସ୍ତର— କଠୋର, ଘୋର; ତିଳପ୍ରମାଣ— ଲବମାତ୍ର; ଭୋଜସାଇଁ—କଂସ ।

Digitized by srujan ka@gmail.com

ଦୁର୍ମିଳା ସୁତ   ଅଜ୍ଞାନ ନଷ୍ଟ   ସେ ଥିବ ଯେତେ ଦିନ
କାହାର ଧନ   ଜୀବନ ଚିର   ନୋହିବ ହୋଇବ ହାନି ।୪୬।
ହେ ତାତ, ସତ   କହ କି କାର୍ଯ୍ୟ   ଆଇଲ ଗୋପ ଦେଶ
ଶୁଣି ଅକ୍ରୂର   ବୋଲଇ, ତୁ କି   ନ ଜାଣୁ ପୀତବାସ ।୪୭।
ପାରିଲେ ରଖି,   ହେଲୁ ଅରେଖ   କଂସର ଦର୍ପ ହରି
ଏହି ବିଷୟେ   ଆସିଛି ମୁହିଁ,   ପତ୍ରରୁ ଭଙ୍ଗୀ କରି ।୪୮।
ପେଷିଛି ନୃପ   ତୋଠାରେ କୋପ କରି ବହୁତ ବାଗେ
ଧରାଇ ନେଇ   ମାରିବା ପାଇଁ   ପତ୍ର ଲେଖିଛି ରାଗେ ।୪୯।
ଏ ବାଣୀ ଶୁଣି   ଶାରଙ୍ଗପାଣି   ବୋଲନ୍ତି ଦରହାସେ
ଲେଖିଛି କିସ   ନୃପତି କଂସ   ଦିଅ ପିତାଙ୍କ ପାଶେ ।୫୦।
କିସ ବୋଲନ୍ତି   ବ୍ରଜପତି   ତାହା ଶୁଣିମା ଦେଖି
ସେ ଯେବେ 'ଯାଅ' ବୋଲିବେ ତେବେ ଯାଇବେ ହେବେ ସୁଖୀ ।୫୧।
ନ ଯିବେ ସୁତ   ବୋଇଲେ ତାତ   କେମନ୍ତେ ଯିବୁ ଆଉ
ଏ ବାଣୀ ଶୁଣି   ସେ ମନ୍ତ୍ରୀମଣି   ହୃଦେ ପଶିଲା ଦାଉ ।୫୨।
କଂସର ଚର   କରେ ବିଚାର   କିସ କରିବି ମୁହିଁ
କୃଷ୍ଣ ନ ନେଲେ   ମୋତେ କି ଭଲେ   ରଖିବ ଭୋଜ ସାଇଁ ।୫୩।

---

୪୬ । ଦୁର୍ମିଳାସୁତ—ଦୁର୍ମିଳାର ପୁଅ କଂସ; ନଷ୍ଟ—ଦୁଷ୍ଟ; ଚିର—ସ୍ଥାୟୀ ।
୪୭ । ତାତ—ପିତା, (ଏଠାରେ ପିତୃବ୍ୟ ବା ଖୁଡ଼ୁତା) ।
୪୮ । ଅରେଖ—ଅରକ୍ଷ; ଦର୍ପ—ପ୍ରତାପ; ଭଙ୍ଗୀକରି—ଛଳେଇ ।
୪୯ । ବାଗେ—ପ୍ରକାରରେ ।
୫୦ । ଶାରଙ୍ଗପାଣି—ଶାରଙ୍ଗ ନାମକ ଧନୁ ପାଣି ବା ହସ୍ତରେ ଯାହାର ଅର୍ଥାତ୍ ଶ୍ରୀକୃଷ୍ଣ ।
୫୧ । ବ୍ରଜପତି—ଗୋପପୁରର ରାଜା ନନ୍ଦ ।
୫୨ । ସୁତ—ପୁଅ ଅର୍ଥାତ୍ ରାମକୃଷ୍ଣ; ଦାଉ—ଦୁଃଖ ।
୫୩ । ଭୋଜସାଇଁ—କଂସ ।

Digitized by srujan ka@gmail.com

ବ୍ରହ୍ମାଣ୍ଡମାଳେ   ଯା ରୋମମୂଳେ   ନିବାସ କରନ୍ତି
ପାଦ ପାତାଳ,   ଶିର ଅମ୍ବର,   ଯାକୁ ନ ଜାଣେ ଶ୍ରୁତି ।୫୪।
ରୂପ ଅରୂପ   କ୍ଷଣ କ୍ଷଣକେ   ହୁଅଇ ଇଚ୍ଛା ସୁଖେ
ଏହା ନ ଗଲେ   କେ ନେଇପାରେ,   ବୋଲି ଝୁରଇ ଦୁଃଖେ ।୫୫।
ଅକ୍ରୂର ମନ   ଜାଣିଲେ ଶ୍ୟାମ,   ବୋଲନ୍ତି ଶୁଣ ମନ୍ତ୍ରୀ
ମଥୁରା ଯିବ   କଂସ ମାରିବ   ମନେ ନ କର ଭ୍ରାନ୍ତି ।୫୬।
ଚିଟାଉ ତାର   ନନ୍ଦ ଆଗର   ଦଣ୍ଡ ସଫଳା-ସୂତ
ଶୁଣି ଅକ୍ରୂର   ନନ୍ଦ ଆଗର   କହଇ କୋପଚିତ୍ତ ।୫୭।
ନିଦ୍ରାରେ ମୋହ   ହୋଇଣ ଥିଲ   ଉଠିଲ ଚେତାପାଇ
କଂସର ପାତ୍ର   ବୋଲଣ ଗାତ୍ର   କମ୍ପାଇ ଉଭା ହୋଇ ।୫୮।
ବୋଲେ ଅକ୍ରୂର   ହେ ଗୋପବୀର   ରାଜାର ଆଜ୍ଞା ଘେନ
ଉତ୍ତର ହେଲେ   ନ ବର୍ତ୍ତି ଭଲେ   ଲେଖିଛୁ ଯେଉଁ ମାନ ।୫୯।
ଶୁଣି କାତର   ହୋଇ ପାତର   ଶିରେ ଲଗାଇ ପଡ଼େ
କହେ ଭଗତ—   ଚରଣ ଦାସ   ଅକ୍ରୂର କୋପ ଗାଢ଼େ ।୬୦।

---

୫୪ । ବ୍ରହ୍ମାଣ୍ଡମାଳେ—ମାଳମାଳ ବ୍ରହ୍ମାଣ୍ଡ ବା ଅସଂଖ୍ୟ ବ୍ରହ୍ମାଣ୍ଡ; ଅମ୍ବର—ଆକାଶ; ଶ୍ରୁତି—ବେଦ ।

୫୫ । ରୂପ—ଶରୀରଧାରୀ; ଅରୂପ—ନିରାକାର ।

୫୬ । ଶ୍ୟାମ—ଶ୍ରୀକୃଷ୍ଣ; ଭ୍ରାନ୍ତି—ଭ୍ରମ ।

୫୭ । କୋପଚିତ୍ତ—କ୍ରୁଦ୍ଧମନରେ ।

୫୮ । ପାତ୍ର—ମନ୍ତ୍ରୀ ବା ରାଜକର୍ମଚାରୀ; ଗାତ୍ର—ଶରୀର; ଉଭା—ଠିଆ ।

୫୯ । ବର୍ତ୍ତିବା—ବଞ୍ଚିବା, ରହିବା ।

୬୦ । ପାତର—(କଂସର) ପାତ୍ର ବା ଚିଠି; ଗାଢ଼—ଅତ୍ୟନ୍ତ ।

Digitized by srujan ka@gmail.com

ତୃତୀୟ ଛାନ୍ଦ

(ରାଗ—ବଙ୍ଗଳାଶ୍ରୀ)

ଲେଖିଅଛି କଂସ   ହୋଇ ମହାରୋଷ
ଆହେ ଗୋପପତି ନନ୍ଦ
ଆଜ୍ଞା ପ୍ରମାଣେ   ତତକାଳେ ଆସିବୁ
ନୋହିଲେ ଛେଦିବି କନ୍ଧ ।୧।
ଜାଣୁଛ ମୋହର   ବଳ ବୀର୍ଯ୍ୟ ଯେତେକ
ଅରିର କୁଳକୁ କେତୁ
ପ୍ରତିଜ୍ଞାରେ ରଣ   ତେଜ ରଣସଜ
ପ୍ରହେ ହିଁ ଲଭନ୍ତି ମୃତ୍ୟୁ ।୨।
କୋପ କଲେ ମହୀ   ଦୋହଲି ଉଠଇ
ମେରୁ ହୋଏ ଥର ହର
ରଣ ଦେଲେ ଜନ୍ତୁ—   ପତି ଭୟ କରେ
ଆଉମାନେ କେତେ ଛାର ।୩।
ଗଦା-ଘାତେ ଚଣ୍ଡ—   କୂଟ କୁଧରକୁ
କରିପାରଇ ମୁଁ ଚୂନା
ଅରିର ଉର-ଶଲ-   ବାହା ବହଇ
ଶରଣକୁ ବଜ୍ର-ସେହ୍ନା ।୪।

---

୨ । ବୀର୍ଯ୍ୟ—ତେଜ; ଅରିର କୁଳକୁ—ଶତ୍ରୁମାନଙ୍କ ପ୍ରତି; କେତୁ—ଧୂମକେତୁ (ଧୂମକେତୁ ଦେଖାଦେଲେ ରାଜ୍ୟ ନାଶ ପ୍ରଭୃତି ଅମଙ୍ଗଳ ଘଟେ) । ରଣ—ଯୁଦ୍ଧ ।

୩ । ମେରୁ—ମେରୁ ପର୍ବତ । ଜନ୍ତୁପତି—ଯମ ।

୪ । କୁଧର—ପର୍ବତ; ଅରିର—ଶତ୍ରୁ; ଉର-ଶଲ—ଶୂଳଭଳି ଭେଦ-କାରୀ ଭୁଜ; ଶରଣକୁ—ଆଶ୍ରିତ ପ୍ରତି; ବଜ୍ର-ସେହ୍ନା—ବଜ୍ର ନିର୍ମିତ କବଚ; ତେଣୁ ରକ୍ଷାକାରୀ ।

Digitized by srujan ka@gmail.com

ଦାତା ପଣକୁ ସୁନାସୀର ପରାଏ
ଗମ୍ଭୀର ପଣେ ଜଳଧି
ପଣ୍ଡିତ ପଣେ ଦେବଗୁରୁ ହାରଇ
ବେଦ ବେଦାନ୍ତରେ ବିଧି ।୫।

ଧାର୍ମିକ ପଣେ କେହ୍ନ ସମ ନୁହନ୍ତି
ପରଜା ପାଳନେ ତାତ
ମୋର ଦେଶରେ ଭୟ କରି ପ୍ରଚଣ୍ଡ
ହୋଇ ନ ବହଇ ବାତ ।୬।

ଅଗ୍ନି ଦେବତା ଶିଖାମାନ ନଉନ
ଦେଖି ମୋର ତେଜ ବଳ
ସୁଜନ ରକ୍ଷି ଦୁର୍ଜନକୁ ମାରଇ
ଏ କଥା ମୋହର ମୂଳ ।୭।

ଗଡ଼ ଦେଖି ବଡ଼ କ୍ଷତ୍ରୀମାନେ ଆଡ଼
ହୁଅନ୍ତି ବହୁତ ଦୂରୁ
କଟକାଇ କଲେ ଅମରେ ପଳାଇ
ଯାଆନ୍ତି ଅମର ପୁରୁ ।୮।

ଯାଦବ କୁଳ କୁମୁଦବନ ପ୍ରାଏ
ମୁଁ ଚନ୍ଦ୍ର କି ନିଶାମଣି

---

୫ । ସୁନାସୀର—ଇନ୍ଦ୍ର; ଜଳଧି—ସମୁଦ୍ର; ଦେବଗୁରୁ—ବୃହସ୍ପତି; ବିଧି—ବ୍ରହ୍ମା ।

୬ । ତାତ—ପିତାମହ ବ୍ରହ୍ମା; ବାତ—ପବନ ।

୭ । ନଉନ—ଊଣା; ସୁଜନ—ସାଧୁ ଲୋକ; ଦୁର୍ଜନ—ଦୁଷ୍ଟଲୋକ ।

୮ । କ୍ଷତ୍ରୀ—କ୍ଷତ୍ରିୟ ଜାତି; କଟକାଇ—ଯୁଦ୍ଧଯାତ୍ରା; ଅମରେ—ଦେବତାମାନେ; ଅମରପୁର—ସ୍ୱର୍ଗପୁର ।

Digitized by srujan ka@gmail.com

ସୁନ୍ଦର ପଣେ କାମ ସର ନୂହଇ
ସତ୍ତ୍ୱବା ପଣେ ଧରଣୀ ।୯।
ପୂଷ୍ଟ ନକର ଯୋଦ୍ଧାମାନ ଜଣିଲ
ବ୍ରହ୍ମାଣ୍ଡ ହୋଇଲ ମୋର
ଏସ୍ଥଠାରେ ଥାଇ ଦର୍ଶନେ ନ ଆସୁ
ଏଡ଼େ ଗାରିମା ତୋହର ।୧୦।
ରଢ଼ ଗୋଷ୍ଠାକେ ସର୍ବ ଜନ୍ତୁ ମରିବେ
ତିନି ପୁରରେ ଥିବେ ଯେତେ
ଦୟାକର ତାଙ୍କୁ ଶରଣ ରଖିଲ
ଯେଣୁ ଆଶ୍ରେ କଲେ ମୋତେ ।୧୧।
ଇନ୍ଦ୍ର ଚନ୍ଦ୍ର ସୂର୍ଯ୍ୟ ସଙ୍ଗେ ଅଷ୍ଟଭୁଜ
ସମସ୍ତେ ମୋହର ବଶ
ମହା ଦୁଷ୍ଟମାନେ ଗୁଡ଼ ପଳାଇଲେ
ଶୁଣି ମୋର ଷୀର ଘୋଷ ।୧୨।
ଗୁର ଗଳ୍ପଡ଼ ଅଟୁ ତୁ ଏଡ଼େ ମୂଢ଼
ନ ଦେଇ ମୋହର କର
ଦେବ ଯେବେ ଧାପ ରଖିବନ୍ତି ବାପ ?
ଅନଳେ ଦହିବ ପୁର ।୧୩।

---

୯ । ଯାଦବକୁଳ···ନଶାମଣି—ଚନ୍ଦ୍ର ଯେପରି କଇଁଫୁଲକୁ ପ୍ରଫୁଲ୍ଲ କରେ ମୁଁ ସେହିପରି ଯଦୁବଂଶର ଆନନ୍ଦଦାୟୀ । କୁମୁଦ—କଇଁ; ନଶାମଣି—ଚନ୍ଦ୍ର; ଧରଣୀ—ପୃଥିବୀ ।

୧୦ । ଗାରିମା—ବଡ଼ପଣ ।

୧୨ । ଅଷ୍ଟଭୁଜ—ଆଠବାହୁ ଯାହାର ଅର୍ଥାତ୍ ବ୍ରହ୍ମା; ଷୀରଘୋଷ—ଷୀରରଡ଼ ।

୧୩ । ମୂଢ଼—ମୂର୍ଖ, ଅଧମ; କର—ରାଜସ୍ୱ; ଧାପ—ପ୍ରତିଯୋଦ୍ଧା; ଅନଳ—ନିଆଁ ।

Digitized by srujan ka@gmail.com

ଶ୍ୱଶୁର ଯାର ଜରାସନ୍ଧ ଦଇତ
ସଖା ଯାର ବୀର କେଶୀ
ଏକା ନିମେଷକେ ଚରାଚର ମହୀ
ପକାଇ ପାରଇ ଧ୍ୱଂସି ।୧୪।
ଶୂର, ନାରକା, ବ୍ୟୋମ, ଅଘା, ପ୍ରଲମ୍ବା,
କଦମ୍ବା, ଦୃଢ ବୀର
ଚାଣୁର, ମୁଷ୍ଟିକ, ଶଲ୍ୟ ଆଦି ମାନେ
ଅଛନ୍ତି ମୋ ହନ୍ତକାର ।୧୫।
କେବଳ ଶିରୀଷ— କୁସୁମକୁ ମହା—
ପ୍ରଳୟ ବରଷା ଲୋଡ଼
ସେହି ପ୍ରାୟେ ମୁହିଁ ସେହି ପ୍ରାୟେ ତୁହି
ଶିଶିରେ ଯିବୁ ତୁ ସଢ଼ି ।୧୬।
ଏବେ ମୋର ଧନୁ— ଉତ୍ସବ ହୋଇଛୁ
ସମ୍ଭାର ଘେନାଇ ଆସ
ସମସ୍ତ ଦୋଷ ତୋର କ୍ଷମା ହୋଇଲା
ମନେ ନ କରିବୁ ତ୍ରାସ ।୧୭।

---

୧୪ । ଜରାସନ୍ଧ ଦଇତ—ଅସୁର ଜରାସନ୍ଧ (ସେ ମଗଧର ରାଜା ଥିଲା) । ସଖା—ସଙ୍ଗୀ, ମିତ୍ର; ନିମେଷକେ—ମୁହୂର୍ତ୍ତିକରେ; ଚରାଚର—ସଜୀବ ଓ ନିର୍ଜୀବ ।

୧୫ । ଶୂର ନାରକା······ଶଲ୍ୟ ଆଦି—ଏମାନେ କଂସର ମିତ୍ର ଓ ବୀର ଥିଲେ । ହନ୍ତକାର—ଘାତକ, ହତ୍ୟାକାରୀ ।

୧୬ । କେବଳ···ସଢ଼ି—ତୁ ଶିରୀଷ ଫୁଲ ପରି, ମୁଁ ପ୍ରଳୟ ବର୍ଷା ପରି । ସାମାନ୍ୟ ଶିଶିରରେ ମଧ୍ୟ ତୁ ସଢ଼ିଯିବୁ, ପ୍ରଳୟ ବର୍ଷା ଲୋଡ଼ୁଛୁ କାହିଁକି ? ଅର୍ଥାତ୍ ତୋତେ ବିନାଶ କରିବା ମୋ ପକ୍ଷରେ ଅତି ସାମାନ୍ୟ କଥା ।

୧୭ । ତ୍ରାସ—ଭୟ; ସମ୍ଭାର—ଉପହାର ଦ୍ରବ୍ୟ ।

Digitized by srujan ka@gmail.com

ସନ୍ତାପ ଦଧି ଶତେ ଭାର ଯୋଗାଇ
ଗୋଟିକା ଅଧାମ ଆଦ
ସଙ୍ଗେ ଗୋପ ଦଳ- ପଞ୍ଚାଶ ଆଣିବୁ
କରିବେ ସେ ଯାତ୍ରାବଧି ।୧୮
ରାମକୃଷ୍ଣ ବେନି ଭାଇଙ୍କ ଅକ୍ରୂର—
ସଙ୍ଗେ ସଙ୍ଗ କରିଦେବୁ
କେତେ ହେଲେଣି ତୋର ବେନି ନନ୍ଦନ
ତାହାଙ୍କୁ ଆମ୍ଭେ ଦେଖିବୁ ।୧୯
ସେହି ଦେଖିବେ ମହା ଧନୁ ଉଚ୍ଛବ
ଶୁଭ କଥା ସିନା ତୋତେ
ବଡ଼ ଲୋକ ସଙ୍ଗେ ସଙ୍ଗ ହୋଇଯିବେ
ଭୟ ନ ରହିବ ଚିତ୍ତେ ।୨୦
ବୃଦ୍ଧ ଶରୀର କେତେ ଦିନ କଞ୍ଚିବୁ
ମିଥ୍ୟା ମାଟି କଳେବର
ତୋହ ଥାଉଁ ଥାଉଁ କୁମର ବେନିଙ୍କି
ଆମ୍ଭରେ ପରଚେ କର ।୨୧
ଶାଢ଼ୀ ବନ୍ଧାଇ ରାଜନ ପଣ ଦେଇ
ସୁଖେ ଗୃହେ ବସିଥାଅ
ଆମ୍ଭର ଯେତେ ହାନିଲାଭ ହୋଇବ
କରିବେ ତୋହର ପୁଅ ।୨୨

---

୧୮ । ଗୋଟିକା, ଅଧାମ—ପେଡ଼ା, ରବଡ଼ି ପରି ଦୁଗ୍ଧ ପ୍ରସ୍ତୁତ ମିଷ୍ଟାନ୍ନ ।

୨୧ । କଳେବର—ଶରୀର, ଦେହ । ପରଚେ—ପରିଚୟ, ଚିହ୍ନା ।

Digitized by srujan ka@gmail.com

ଜଣି ପାନ୍ଥରେ ଧନୁପୂଜା ହୋଇବ
ଅଳସ ନ କର ଆସ
ଏମନ୍ତ ବୋଲି ଚିଠାଉ ଲେଖିଅଛୁ
ଛଡି ନନ୍ଦ ହେଲେ ତୋଷ ।୨୩
ବସୁସ୍ଥ-ଚିତ୍ତରେ ହୃଦସ୍ଥ ଭିତରେ
କଲ୍ଲ ମହା ଘୋର ଧ୍ୱାନ୍ତ
ଯହୁଁ ଶୁଣିଲ ମଥୁରା ଯିବେ ଦୂତ —
ସଙ୍ଗେ ରାମ ଶ୍ରୀପତି ।୨୪
ପରିଜନ ରାଇ ବୋଲେ ଗୋପସାଇଁ
ଗୋପରେ ଘୋଷଣା ଦିଅ
ଜଣି ପାନ୍ଥରେ ମଥୁରାପୁର ଯିବେ
ସମ୍ଭାର ସଜାଡ଼ି ଥାଅ ।୨୫
ଏତେକ ଭାଷି ଅକ୍ରୂରକୁ ଚରନ୍ତୁ
କରଇ ବରଜରାଜା
ବୋଲେ ବଇରାଗୀ ଭଗତ ଚରଣ
ଗୋପରେ ବାଜଇ ବାଜା ।୨୬

———

୨୩ । ଅଳସ—ଡେରି, ବିଳମ୍ବ ।
୨୪ । ଦୂତ—ଭୃତ୍ୟ; ଶ୍ରୀପତି—ଶ୍ରୀକୃଷ୍ଣ ।
୨୫ । ପରିଜନ—ଦାସଦାସୀ; ରାଇ—ଡାକ ।

Digitized by srujan ka@gmail.com

ଦଶମ ଛାନ୍ଦ

(କଳସାବାଣୀ)

ଏଥି ଅନ୍ତରରେ ଶୁଣ ହରିଷ ଚରିତ
ରାମକୃଷ୍ଣ ସଙ୍ଗେ ଘେନି ସଫଳାର ସୁତ ।୧
ବାହୁଲ ଅପୂର୍ବ କରି ଗୋପଦାଣ୍ଡେ ରଥ
କି ଅବା ମାତଳି ସଙ୍ଗେ ହରିକି ଶଚୀନାଥ ?୨
ମଦନ ହରିଷ୍ୟେ କିଏ ଶମ୍ବର-ସମରେ ?
ଚନ୍ଦ୍ର କି ଗମନ କରି ଯାଉଛୁ ଅମ୍ବରେ ?୩
ଶବଦ କରନ୍ତି ବାଦ୍ୟ ରଥାଙ୍ଗ ସମୃଦ୍ଧ
ଶିଙ୍ଘା ବେଣୁ ଘାରେ ଶୁଭୁ— ଅଛୁ ଗଡ଼ଗଡ଼ ।୪
ଗୋପସିନ୍ଧୁ ମଧ୍ୟେ କିଏ ସୁବର୍ଣ୍ଣ ବୋଇତ ?
ଭାସି ଆସୁଛୁ, ବୋଇତ— କାର ନନ୍ଦସୁତ ।୫
କି ଅବା ଗୁଣ୍ଡିଚ୍ଛ ହରିଜେ କଲେ ଜଗନ୍ନାଥ ?
ପୟୋଧି-ମନ୍ଥନେ କିବା ହୋଇଲେ ଆଗତ ? ୬

---

୧ । ସଫଳାର ସୁତ—ଅକ୍ରୁର ।

୨ । ମାତଳି—ଇନ୍ଦ୍ରଙ୍କର ସାରଥି; ଶଚୀନାଥ—ଶଚୀପତି ଇନ୍ଦ୍ର ।

୩ । ମଦନ—କନ୍ଦର୍ପ; ତାଙ୍କର ପତ୍ନୀ ରତିଙ୍କୁ ଶମ୍ବର ଦୈତ୍ୟ ହରଣ କରି ନେବାରୁ କନ୍ଦର୍ପ ଶମ୍ବର ସଙ୍ଗେ ଯୁଦ୍ଧ କରିଥିଲେ । ଯୁଦ୍ଧରେ ଶମ୍ବର ମରିବାରୁ କନ୍ଦର୍ପ ରତିଙ୍କୁ ଆଣିଥିଲେ । ଅମ୍ବର—ଆକାଶ ।

୪ । ରଥାଙ୍ଗ—ରଥର ଚକ୍ର ।

୫ । ଗୋପପୁର ସମୁଦ୍ର ପରି । ସେଥିରେ ରଥ ହେଲା ସୁନାର ବୋଇତପରି । ବୋଇତକାର—ବୋଇତର ଚାଳକ ବା କର୍ଣ୍ଣଧାର ।

୬ । ପୟୋଧି—ସମୁଦ୍ର ମନ୍ଥନ ବେଳେ କୂର୍ମରୂପୀ ବିଷ୍ଣୁ ନିଜ ପିଠିରେ ମନ୍ଦର ପର୍ବତକୁ ଧରିଥିଲେ ।

Digitized by srujan ka@gmail.com

ଶିଙ୍ଗା, ବେଣୁ ପଟହ— କାହାଳୀ ଭୁଷା ବାଜେ
ମଥୁରା ଯିବାକୁ ବ୍ରଜ— ସିଂହ ରଙ୍ଗେ ସାଜେ ।୭
ଅକ୍ରୂର ବାହଇ ରଥ ଅଶ୍ୱକୁ ହାନ୍ଦୋଳ
ଛଡ଼କାଳେ ଗୋପର ସୀମାନ୍ତ ଗଲା ବଳ ।୮
କୃଷ୍ଣ ମୁଖ ଶ୍ରବଣ କହଇ କଂସଚର
ଯମୁନାରେ ସ୍ନାହାନ କରିବ, ଅକ୍ରୂର ।୯
ଶୁଣି ଗୋବିନ୍ଦ ବୋଲନ୍ତି କର ଅବଗାହ
ବିଳମ୍ବ ନ କରି ଆସି ରଥବର ବାହ ।୧୦
ଶୁଣି ଶମନବହ୍ନଣୀ— ଛଟେ ମନ୍ତ୍ରୀମଣି
ଦଣ୍ଡବତ କରି ହୃଦେ ଚିନ୍ତି ଚକ୍ରପାଣି ।୧୧
ଆନନ୍ଦ ହୋଇଣ ଜଳେ କରେ ଅବଗାହ
ଦେଖିଲା ଅପୂର୍ବ କଥା, କମ୍ପଇ ବିଗ୍ରହ ।୧୨
ଦିବ୍ୟ ଭୁବନେ ବିଜୟେ ବ୍ରଜ ସୁନ୍ଦର
ନବୀନ-ନୀରଦ-ତନୁ ଅତି ମନୋହର ।୧୩

---

୭ । ପଟହ କାହାଳୀ—ଏକପ୍ରକାର ମୁଖବାଦ୍ୟ; ବ୍ରଜସିଂହ—ବ୍ରଜପୁରର ସିଂହ ସଦୃଶ ଶ୍ରୀକୃଷ୍ଣ ।

୮ । ହାନ୍ଦୋଳ—ଏଣେତେଣେ ଚଳାଇ । ସୀମାନ୍ତ—ଶେଷଭାଗ ।

୯ । କଂସଚର—ଅକ୍ରୂର ।

୧୦ । ଅବଗାହ— ସ୍ନାନ; ରଥବର—ଉତ୍କୃଷ୍ଟ ରଥ ।

୧୧ । ଶମନ ବହ୍ନଣୀ—ଯମୁନା—(ସୂର୍ଯ୍ୟଙ୍କର ପୁଅ ଯମ, ଝିଅ ଯମୁନା; ତେଣୁ ଯମୁନା ଯମଙ୍କର ଭଉଣୀ) । ଶମନ—ଯମ; ବହ୍ନଣୀ—ଭଉଣୀ; ଚକ୍ରପାଣି—ବିଷ୍ଣୁ, ଅର୍ଥାତ୍ କୃଷ୍ଣ ।

୧୨ । ବିଗ୍ରହ—ଶରୀର ।

୧୩ । ବ୍ରଜସୁନ୍ଦର—ଶ୍ରୀକୃଷ୍ଣ; ନବନୀରଦତନୁ—ଯେଉଁ ଦେହ ନୂଆ ମେଘ ପରି ।

Digitized by srujan ka@gmail.com

ଅକ୍ରୂର ସେ ରୂପ ଦେଖି କରଇ ବିଚାର
କଂସ ଡରେ ପଳାଇ କି ଅଇଲେ ଶ୍ରୀଧର ? ୧୪

ଜଳେ ଆସି ଲୁଚିଅଛନ୍ତି କି ବୁଦ୍ଧି କରିବି
ବାହୁଡ଼ିଗଲେ କଂସକୁ କି ବୋଲି କହିବି ?୧୫

ଏମନ୍ତ ବିଚାରି ଜଳୁଁ ଉଠି ଦେଲା ବୁଡ଼ି
ଦେଖିଲା ରଥରେ ବସି ରାମ ଭବଗ୍ରାହୀ ।୧୬

ଚକିତ ଚିତ୍ତରେ ପୁଣି ଭାଳଇ ମନରେ
କି ଦେଖିଲି ବାତୁଳ କି କଲା ନ କି ମୋରେ ? ୧୭

ଯାହାଙ୍କୁ ଦେଖିଲି ଜଳେ ସେ ତ ଅଛନ୍ତି କୂଳେ
ଦେଖି ପରୀକ୍ଷା କରଇ କନା ଆରବେଳେ ।୧୮

ଏତେ ବୋଲି ବୁଡ଼ିଲା ସେ ସଫଳା-ତନୁଜ
ଦେଖିଲା ବଚିତ୍ରପୁର କୋଟି-ସୂର୍ଯ୍ୟ-ତେଜ । ୧୯

ମଧ୍ୟରେ ବିଜୟେ କରି ଛନ୍ତି ଦେବରାଜେ
ଶିରେ ସପ୍ତଶାଖା ହେମ— ମୁକୁଟ ବିରାଜେ ।୨୦

---

୧୪ । ଶ୍ରୀଧର—ବିଷ୍ଣୁ ଅର୍ଥାତ୍ ଶ୍ରୀକୃଷ୍ଣ ।
୧୫ । ଭବଗ୍ରାହୀ—ଶ୍ରୀକୃଷ୍ଣ ।
୧୬ । ଚକିତ ଚିତ୍ତରେ—ବିସ୍ମିତ ମନରେ ।
୧୮ । ଆର ବେଳେ—ଆଉଥରେ ।
୧୯ । ସଫଳାତନୁଜ—ଅକ୍ରୂର ।
୨୦ । ଦେବରାଜ—ଶ୍ରୀକୃଷ୍ଣ; ହେମ—ସୁନା ।

Digitized by srujan ka@gmail.com

ବାଳଭୃଙ୍ଗ ପନ୍ତ ପ୍ରାୟେ ବେଢ଼ଇ ଅଳକା
ମୁଖ ପଦ୍ମ ବେଢ଼ି କି ଚୁମ୍ବନ୍ତ ମଧୁରେଖା ? ୨୧
ସୁନ୍ଦର ବେଢ଼ଇ ନୀଳ— ଇନ୍ଦୀବର ପର
ନାସାରେ ମୁକୁତା କସେ ଚନ୍ଦ୍ର ପାଶେ ତାର ? ୨୨
ଶ୍ରୁତିମୂଳେ ମକର- କୁଣ୍ଡଳ ନନ୍ଦେ ରବି
ଜବା କୁସୁମକୁ ନନ୍ଦେ ବିମ୍ବାଧର ଛବି ।୨୩
କମ୍ବୁ-କଣ୍ଠେ ମୋତି ଦାମ ବେଢ଼ଇ ମଞ୍ଜୁଳ
ନୀଳଜୀମୂତ ଅଙ୍କରେ କିବା ବକମାଳ ? ୨୪
କଞ୍ଜ-କର ଜିଣି ସ୍ଥିର ଭୁଜଦଣ୍ଡ ସାଜେ
ଶଙ୍ଖ ଚକ୍ର ଗଦା ପଦ୍ମ ନିରତେ ବିରାଜେ ।୨୫

---

୨୧ । ବାଳଭୃଙ୍ଗ ପନ୍ତ—ଭଅଁର ଛୁଆଙ୍କ ଧାଡ଼ି; ଅଳକା—ଚୂର୍ଣ୍ଣକୁନ୍ତଳ, ଚୂନଚୂନିଆ ବାଳ; ମଧୁରେଖା—ଭଅଁର ।

(ଶ୍ରୀକୃଷ୍ଣଙ୍କ ମୁହଁ ହେଲା ପଦ୍ମ; ମୁହଁକୁ ବେଢ଼ିଥିବା ଅଳକା ହେଲା ପଦ୍ମକୁ ବେଢ଼ିଥିବା ଭ୍ରମରପନ୍ତ ।)

୨୨ । ଇନ୍ଦୀବର—ନୀଳକଇଁ; (ନାକର ମୁକ୍ତା ତାର ସଙ୍ଗେ ଓ ମୁଖ ଚନ୍ଦ୍ର ସଙ୍ଗେ ତୁଳନା କରା ଯାଇଅଛି ।)

୨୩ । ଶ୍ରୁତି—କାନ; ମକରକୁଣ୍ଡଳ—ମଗର ଆକୃତି ବିଶିଷ୍ଟ କୁଣ୍ଡଳ; ରବି—ସୂର୍ଯ୍ୟ; ଜବାକୁସୁମ—ମନ୍ଦାରଫୁଲ; ବିମ୍ବାଧର—ବିମ୍ବ (ପାଚିଲା କୁଆ-ମଇତା) ସଦୃଶ ରକ୍ତିମ ଓଷ୍ଠ ।

୨୪ । କମ୍ବୁକଣ୍ଠ—ଶଙ୍ଖ ପରି ସୁନ୍ଦର ଗଳା; ମୋତିଦାମ—ମୁକ୍ତାର ହାର; ମଞ୍ଜୁଳ—ସୁନ୍ଦର; ଜୀମୂତ—ମେଘ; ଅଙ୍କ—କୋଡ଼; ବକ—ବଗ ।

୨୫ । କଞ୍ଜକର—ହାତଗଣ୍ଠି; ସାଜେ—ଶୋଭାପାଏ; ନିରତେ—ସର୍ବଦା ।

Digitized by srujan ka@gmail.com

କଟୀରେ ଶୋଭଇ ପୀତ ସୁର୍ଝୀନ ଅମ୍ବର
କଳାମେଘ କୋଳେ କି ଏ ସ୍ଥକତ ଅଙ୍ଗିର ? ୨୬
ଚରଣ ଯୁଗଳେ ଶୋଭା ବାଜେଣୀ ନୂପୁର
ଅଷ୍ଟଚିହ୍ନ ଯେଉଁ ପାଦ — ପଦ୍ମେ ପରସ୍ତର ।୨୭
ଚଉପାଟଶ ବିଳାସିନୀ କରନ୍ତି ଗାୟନ
କିନ୍ନରେ ବଜାନ୍ତି ବୀଣା ଦେଇ ତାଳ ମାନ ।୨୮
ଲକ୍ଷ୍ମୀ ଆଉ ସରସ୍ୱତୀ କରନ୍ତି ମଙ୍ଗଳ
ନାରଦ ସଙ୍ଗତେ ଛନ୍ତି ଅନେକ ଅମର ।୨୯
ସ୍ତୁତି ପଢ଼ୁଛନ୍ତି ତଙ୍କ — ମୁଖେ ବେଦବର
ଅନନ୍ତ ମସ୍ତକେ ଧରି କରନ୍ତି ଜୁହାର ।୩୦
ଏମନ୍ତ ସ୍ୱରୂପ ଦେଖି ଆନନ୍ଦ ଅନ୍ତର
ପ୍ରେମେ ଥରଥର ତନୁ କି ରମ୍ଭାପତର ।୩୧
ଆନନ୍ଦ ମନରେ ବନ୍ଧୁ — ମତେ କଲେ ସ୍ତୁତି
କହଇ ଭଗତ ଦାସ ଶ୍ରବେ ଭଜ ମତି ।୩୨

---

୨୬ । ସୁର୍ଝୀନ—ଅତସୀ ପୁଷ୍ପ; ଅମ୍ବର—ବସ୍ତ୍ର, ଲୁଗା; ଅଙ୍ଗିର—ବିଜୁଳି ।

୨୭ । ଚରଣଯୁଗଳ—ପାଦ ଯୋଡ଼ିକ; ଅଷ୍ଟଚିହ୍ନ—ପଦ୍ମ, ଶଙ୍ଖ, ମକର, କଚ୍ଛପ, ମୁକୁନ୍ଦ, କୁନ୍ଦ, ନୀଳ, ଖର୍ବ । ପରସ୍ତର—ସେବା ।

୨୮ । ବିଳାସିନୀ—ବିଳାସପ୍ରିୟା ରମଣୀ; କିନ୍ନର—ଦେବ ଯୋନି ବିଶେଷ ।

୨୯ । ମଙ୍ଗଳ କରନ୍ତି—ମଙ୍ଗଳ ଗାନ କରନ୍ତି; ଅମର—ଦେବତା ।

୩୦ । ବେଦବର—ବ୍ରହ୍ମା; ଅନନ୍ତ—ଶେଷଦେବ ।

୩୧ । ରମ୍ଭାପତର—କଦଳୀପତ୍ର ।

Digitized by srujan ka@gmail.com

ଏକାଦଶ ଛାନ୍ଦ

(ରାଗ—କାଳୀ)

ଅକ୍ରୂର ସ୍ତବ ଶୁଣି ମାଧବ ଜଳୁଁ ଅନ୍ତର ହୋଇ
ନୀଳ ଜଳଦ ଅଙ୍କେ ଜଳଦ ଅଂଶ ଯେସନେ ଯାଇ ।୧
ତକ୍ଷଣେ ନୀର ଭିତରୁ ଧୀର ହୋଇ ବାହାର ଯଦୁ
ଗୋବିନ୍ଦ ପାଶେ ମିଳି ହରଷେ ପୁଚ୍ଛନ୍ତି ବ୍ରଜବନ୍ଧୁ ।୨
ଗଲ ଯେ ନୀର ଶୁଣ ହେ ତାତ କି କି ଦେଖିଲ କହ
କପଟ ଦୂର— କର ସେ କଥା ବିସ୍ତାରି ରଥ ବାହ ।୩
ଏ ବାଣୀ ଶୁଣି ସେ ମନ୍ତ୍ରୀମଣି କହେ ବିନୟ ହୋଇ
ଶ୍ରୀଦେବ, ତୋତେ ଦେଖିଲି ନେତ୍ରେ ଜଳଭିତରେ ଯାଇ ।୪
ଜାଣୁ ତ ହରି, ପୁଣି ପଚାରି ବୁଝ, ଚତୁର ପଣେ
ଦୀନବାନ୍ଧବ ଜାଣି ତା ଭାବ ହସିଲେ ଚନ୍ଦ୍ରାନନେ ।୫
ସଫଳାସୂତ ବସିଲା ରଥ ବାହିଲା ବେଗକରି
ତୁରିତେ ଯାଇ ମଥୁରାଗଡ଼ ନିକଟେ ଯାନ ମିଳି ।୬

---

୧ । ଅନ୍ତର ହୋଇ—ବାହାର ଯାଇ; ଜଳଦ—ମେଘ; ନୀଳଜଳଦ···ଯେସନେ ଯାଇ—ଖଣ୍ଡିଏ ନୀଳ ମେଘ ସଙ୍ଗେ ଅନ୍ୟ ଏକ ମେଘ ମିଶିଗଲାପରି ଜଳରୁ ବାହାରିଥିବା କୃଷ୍ଣ ରଥରେ ବସିଥିବା କୃଷ୍ଣଙ୍କ ସଙ୍ଗେ ମିଶିଗଲେ ।

୨ । ଯଦୁ—ଅକ୍ରୂର (ଯେ ଯଦୁବଂଶୀୟ); ବ୍ରଜବନ୍ଧୁ—ଶ୍ରୀକୃଷ୍ଣ ।

୩ । ବିସ୍ତାରି—ବିସ୍ତୃତ ଭାବରେ କହ ।

୬ । ଦୀନବାନ୍ଧବ—ଦରିଦ୍ରର ବନ୍ଧୁ ଶ୍ରୀକୃଷ୍ଣ; ଭାବ—ମନର କଥା; ଚନ୍ଦ୍ରାନନ—ଚନ୍ଦ୍ରପରି ମୁଖ ।

Digitized by srujan ka@gmail.com

ଅକ୍ରୂର କର ଧରି ଶ୍ରୀଧର ବୋଲନ୍ତି ଶୁଣ ବୀର
ଦଣ୍ଡେ ବିଳମ୍ବ କର, ଆସନ୍ତୁ ମାତା ପିତର ମୋର ।୭
ଗୋରସମାନ ଘେନାଇ ଆସୁ ଅଛନ୍ତି ପଛେ ପଛେ
ସଙ୍ଗେ ବରଜ ବାଳକମାନେ ଚାଲି ଆସନ୍ତି ଦୁଖେ ।୮
ଏମନ୍ତ କହୁଁ କହୁଁ ସକଳ ଗୋପାଳେ ହେଲେ ଠୁଳ
ବଜାନ୍ତି ନାନା ରଙ୍ଗେ ମୁରଲୀ ନାଚନ୍ତି ଗେଲ ଗେଲ ।୯
ଅକ୍ରୂର କହେ ଶ୍ରେ ଦେବସ୍ୱଏ, ଆସ ମୋ ପୁତ୍ରର ପିତା
ସବକ ରହି ପ୍ରଭାତୁଁ ଯାଇ କଂସରେ ଭେଟ ହେବା ।୧୦
ଶାରଙ୍ଗଧର କହନ୍ତି ଧୀର କରି ଅମିୟ ଗିର
ଏକଥା ତାତ ନୋହେ ଉଚିତ ନସିବ ଚୋର ଘର ।୧୧
ଶୁଣିଲେ କଂସ କରିବ ରୋଷ ସେ ଯେ ଦୁର୍ଜନମତି
ଆଣିଛି ଧରି ମାରିବ ବୋଲି ଅଜ୍ଞାନ ଭୋଜପତି ।୧୨
କିସ କରିବ କିସ ବୋଲିବ ଜାଣିମା ତାହା କାଲି
ତୁ ଏବେ ନିଜ ଭୁବନେ ଯାଅ ବୋଇଲେ ବନମାଳୀ ।୧୩
ଆଗ ମୁଁ କଂସ କରାଇ ନାଶ ତୋଷଇ ବନ୍ଧୁଜନ

---

୭ । ଶ୍ରୀଧର—ଶ୍ରୀକୃଷ୍ଣ; ପିତର—ପିତା (ନନ୍ଦ) ।

୮ । ଗୋରସ—ଦୁଧ; ବ୍ରଜବାଳକ—ଗୋପପୁରର ଗୋପାଳ-ବାଳକମାନେ ।

୯ । ମୁରଲୀ—ମୁଖବାଦ୍ୟ ବିଶେଷ ।

୧୧ । ଶାରଙ୍ଗଧର—ଯେ ଶାରଙ୍ଗନାମକ ଧନୁକୁ ଧାରଣ କରନ୍ତି, ଅର୍ଥାତ୍ ଶ୍ରୀକୃଷ୍ଣ; ଅମିୟଗିର—ଅମୃତ ପରି କଥା ।

୧୨ । ରୋଷ—କ୍ରୋଧ; ଦୁର୍ଜନମତି—ଦୁଷ୍ଟବୁଦ୍ଧି ।

୧୩ । ଭୁବନ—ଘର; ବନମାଳୀ—ଶ୍ରୀକୃଷ୍ଣ ।

Digitized by srujan ka@gmail.com

ତେବେ ତୋ ପୁତ୍ର ଯିବ ନକର   ସତ୍ୟ ସଫଳା-ନାନ ।୧୪
ଆଜକ ମଧୁ   ବନେ ରହଣି   କରବୁଁ, ତୁମ୍ଭେ ଯାଅ
ଶୁଣି ସାନନ୍ଦ   ହୋଇ ଅକ୍ରୁର   ନନ୍ଦଙ୍କୁ ବନ୍ଦେ ଲୁଅ ।୧୫
ଚରଣ ତଳେ   ପଡ଼ି କାତରେ   ଉଠି ମେଲାଣି ମାଗି
ଚଢ଼ିଲ ରଥେ   ମଥୁରା ପଥେ   ଗମଇ ବେଗି ବେଗି ।୧୬
କଂସର ଗଡ଼   ଦୁଆରେ ବଡ଼   ମାର୍ଗରେ ବୀର ପଶି
ଦେଖିଣ କଂସ   ହେଲା ହରଷ   ପାଛୋଟି ନେଲ ଆସି ।୧୭
ଆସନ ଦେଇ   ପାଶେ ବସାଇ   କହଇ କର୍ଣ୍ଣମୂଳେ
ହେଲା କି କାର୍ଯ୍ୟ   ନନ୍ଦତନୁଜ   ଆସିଲେ ଟିକ ଭଲେ ?୧୮
କହଇ ପାତ୍ର   କମ୍ପାଇ ଗାତ୍ର,   ଆଜ୍ଞା ପ୍ରମାଣେ ଗଲି
ରାମ ଗୋବିନ୍ଦ   ସହିତେ ନନ୍ଦ   ଆଣିଲି ଦଣ୍ଡଧାରୀ ।୧୯
ତୁମ୍ଭରେ ମୁହିଁ   କହିବା ପାଇଁ   ଅଇଲି ନରେଶ୍ୱର
ହେ ଦେବ ବୀର   ମୁକୁଟମଣି   ଯେ ଇଚ୍ଛା ଏବେ କର ।୨୦

---

୧୪ । ନକର—ନଗରସ୍ଥ; ସଫଳାନାନ—ସଫଳାର ସୁତ ଅକ୍ରୁର; ନ ନ-ନନ୍ଦନ—ପୁତ୍ର ।

୧୫ । ମଧୁବନ—ମଥୁରାପୁରର ଅଂଶ ବିଶେଷ; ରହଣି କରବୁ—ରହିବୁ; ସାନନ୍ଦ—ଆନନ୍ଦିତ; ଲୁଅ—ଲୁବ୍ଧ ।

୧୭ । ମାର୍ଗ—ରାସ୍ତା, ବାଟ; ବୀର—ଅକ୍ରୂର ।

୧୮ । କର୍ଣ୍ଣମୂଳେ—କାନପାଖରେ; ନନ୍ଦ ତନୁଜ—ନନ୍ଦଙ୍କ ପୁଅ ବଲରାମ ଓ କୃଷ୍ଣ ।

୧୯ । ପାତ୍ର—ମନ୍ତ୍ରୀ ଅକ୍ରୂର; ଗାତ୍ର—ଦେହ; ଆଜ୍ଞା ପ୍ରମାଣେ—ଆଦେଶ ଅନୁସାରେ; ଦଣ୍ଡଧାରୀ—ରାଜା ।

୨୦ । ନରେଶ୍ୱର—ରାଜା; ବୀର ମକୁଟମଣି—ବୀର ଶ୍ରେଷ୍ଠ ।

Digitized by srujan ka@gmail.com

ଶୁଣି ଭୂପତି ପ୍ରସନ୍ନ ମତି ହୋଇଲା ଅକ୍ରୂରକୁ
ଧନ ବସନ ମାଳ ଚନ୍ଦନ ବହୁତ ଦେଲା ତାକୁ ।୨୧
ହୋଇଲା ରାଜା ବଜାଇ ବାଜା ମିତ୍ରକୁ ଛାଡ଼ି ଆସ
ଏହା ପ୍ରସାଦେ ବଇରି ମାର ଭୁଞ୍ଜିବ ସୁଖ ଯଶ ।୨୨
ଏସନ ଭଣି ଦେଲା ମେଲାଣି ଅକ୍ରୂର ଗଲା ଘର
କହେ ଭଗତ ଚରଣ ଦାସ ସୁମର ଗିରିଧର ।୨୩

---

୨୧ । ପ୍ରସନ୍ନମତି—ଆନନ୍ଦିତମନ; ବସନ—ବସ୍ତ୍ର, ଲୁଗା ।

୨୨ । ମିତ୍ରକୁ—ଅକ୍ରୂରଙ୍କୁ; ପ୍ରସାଦ—ଅନୁଗ୍ରହ; ବଇରି—ଶତ୍ରୁ ।

୨୩ । ଭଣି—କହି; ମେଲାଣି—ବିଦାୟ; ସୁମର—ସ୍ମରଣ କର, ମନେ ପକାଇ; ଗିରିଧର—(ଗୋବର୍ଦ୍ଧନ) ଗିରିକୁ ଧାରଣ କରିଥିବା ଶ୍ରୀକୃଷ୍ଣଙ୍କୁ ।

Digitized by srujan ka@gmail.com

ପଞ୍ଚଦଶ ଛାନ୍ଦ

(ରାଗ—କାଫି । ଅବକାଶ ବୃତ୍ତ)

ଶ୍ରୀକୃଷ୍ଣ ବିଜୟେ ଅବନୀ ଶୋଭା
ଦେଖି ମନ ନେତ୍ର ହୁଅଇ ଲୋଭା ।
ଦେଖିଲେ ଆସଇ ରଜା-ରଜକ
କନ୍ଧେ ଘେନ ଅଛି ବସ୍ତ୍ର ଅନେକ ।
ଆଗରେ, ଶଙ୍ଖ ବାଜଇ ତାର
ପରିଜନେ ଆଡ଼ କରନ୍ତି ନର । ୧

ଦେଖି ଡ଼ାକନ୍ତି ଜଗତ ଜୀବନ
ରହ ଭାଇ ଆମ୍ଭ ବଚନ ଘେନ
ରଜାର ଭଣ୍ଡା ଅଟଇ ମୁହିଁ
ଦେଖ ମୋ ଉଜ୍ଜ୍ୱଳ ବସନ ନାହିଁ
ଏଣୁ ମୁଁ କହୁଅଛି ତୁମ୍ଭଙ୍କୁ
ଉତ୍ତମ ବସ୍ତ୍ର ଦେଇ ଯା ଆମ୍ଭଙ୍କୁ ।୨

ଶୁଣି ନରବର ହୋଇବେ ତୋଷ
ଆନନ୍ଦେ ତୋଳେ ଦେବେ ଗ୍ରାମଦେଶ
ବସନ ପିନ୍ଧି ଆରମ୍ଭେ ବୁଲିବୁଁ
ରଜାଭଣ୍ଡା ପରାୟେ ଦିଶିବୁଁ
ବୋଲୁଛୁଁ, ଏତେ ମାତ୍ରକ କର
ମନେ ନୋହର କଷ୍ଟ ନ ଦସ୍ତୁର ।୩

---

୧ । ଅବନୀ—ପୃଥିବୀ; ରଜକ—ଧୋବା; ପରିଜନ—ଭୃତ୍ୟ, ଚାକର ।

୨ । ଜଗତ ଜୀବନ—ଜଗତର ଜୀବନସ୍ୱରୂପ ଶ୍ରୀକୃଷ୍ଣ; ବଚନ ଘେନ—କଥା ମାନ; ଉଜ୍ଜ୍ୱଳବସନ—ପରିଷ୍କାର ଲୁଗା ।

୩ । ତୋଷ—ସନ୍ତୁଷ୍ଟ; ଆରମ୍ଭେ—ଆଡ଼ମ୍ବରରେ ।

Digitized by srujan ka@gmail.com

ମୂଢ଼ ନ ଶୁଣଇ ଗୋବିନ୍ଦ ବାଣୀ
ଯେସନେକ ଜନ୍ମବଧିର ପ୍ରାଣୀ
ଗେଲ ଗେଲ ହୋଇ ଗଲେ ଗରବେ
ଦେଖି ଗୋବିନ୍ଦ ଓଗାଳିଲେ ଆଗେ
ପୁଅଙ୍କୁ, ବୃନ୍ଦଁ ବୋଲନ୍ତି ହରି
ସର୍ବେ ବସନ ନଅ ଜୁର କରି ।୪
ଶୁଣି କୁମରେ ହେଲେ ଲଗଲଗ
ଅନାଇଁ ରଜକ ହୋଇଲା ରାଗ
ବୋଲଇ ଶୁଣ ହେ ନନ୍ଦର ସୁତ
ଯେତେ କହୁଛ ସବୁ ବିପରୀତ
ରାଜାର, ଅଙ୍ଗ ଭୋଗ ଦୁକୂଳ
ସୁନ୍ଦର ଦେଖି ହେଉଛ ବିକଳ । ୫
କର୍ମେ ଯାହାର ଯେଉଁ କଥା ଥାଇ
କାଳ ଜାଣି ତାହା ଭୋଗ କରଇ
ତୁମ୍ଭ କରମରେ ଏମନ୍ତ ଅଛି
ଜାତିରେ ହୀନ ଗଉଡ଼ କରିଛି
ଖାଇବ, ନାହିଁ ସୁବର୍ଣ୍ଣ ପାତ୍ରେ
ଖାଇଲେ ଖାଅ ଶିଳେ, ନାନା ପତ୍ରେ ।୬

---

୪ । ମୂଢ଼—ଅଧମ, ମୂର୍ଖ; ଗୋବିନ୍ଦବାଣୀ—ଶ୍ରୀକୃଷ୍ଣଙ୍କ କଥା; ଜନ୍ମବଧିର—ଜନ୍ମରୁ କାଲ; ପୁଅଙ୍କୁ—ଗୋପାଲବାଳକମାନଙ୍କୁ; ଜୁରକର—ଲୁଟିକର ।

୫ । କୁମରେ—ଗୋପବାଳକମାନେ; ଲଗଲଗ ହେଲେ—ପାଖକୁ ଲାଗି ଆସିଲେ; ବିପରୀତ—ଓଲଟା; ଦୁକୂଳ—ପାଟଲୁଗା ।

Digitized by srujan ka@gmail.com

ମିଳଇ ନାହିଁ ଉତ୍ତମ ବସନ
ସୁସ୍ୱାଦୁ ହୋଇଣ ନାନା ଅଶନ
ଶୟନକୁ ଶଯ୍ୟା ପାଇବ ନାହିଁ
ତୁମ୍ଭ ଲଲାଟେ ଏହା ଅଛି ଲିଖି
ତାହା ମୁଁ ; ଭଲେ ଅଛଇ ଜାଣି
ବନଜନ୍ତୁ ସଙ୍ଗେ ତୁମ୍ଭଙ୍କୁ ଗଣି ।୭

ଆଜଯାଏ ଥିଲ କେବଣ ଦେଶ
ଅଭାଗ୍ୟ ବେଳକୁ ମଥୁରା ଆସ
ରାଜ୍ୟରେ ବ୍ୟର୍ଥେ କରୁଛ ଗୋଳ
ଶୁଣିଲେ କଂସ ମାରିବ ସକଳ
ଏହାଙ୍କ, ଗୋପପୁର କରନ୍ତ
ଦୁଷ୍ଟ ସ୍ୱଭାବ ଛାଡ଼ି ନ ପାରୁଛ ।୮

ଲାଜ ନ ମାଡ଼ଇ ମୁଖେ ତୁମ୍ଭର
ଓଗାଳନ୍ତ ନେବ ନୃପତି-ଚୀର
ଛାଡ଼ିଦିଅ ମୋତେ ହେବ ବୋଲଣା
ରାସ ଅନ୍ତେ ସର୍ବେ ହୋଇବ ହଣା
ପଳାଇ, ଗଲେ ପଶିବ କାହିଁ
ପ୍ରତାପୀ କଂସ ମାରିବ ଗୋଡ଼ାଇ ।୯

---

୬ । ସୁବର୍ଣ୍ଣ ପାତ୍ର—ସୁନାର ବାସନ; ଶିଳେ—ପଥରରେ; ନାନାପତ୍ରେ—ନାନାଜାତି ଗଛର ପତ୍ରରେ ।

୭ । ଅଶନ—ଭୋଜନ, ଆହାର; ଶୟନକୁ—ଶୋଇବାପାଇଁ; ଶଯ୍ୟା—ଶେଯ; ଲଲାଟେ—କପାଳରେ; ଲିଖି—ଲେଖାଅଛି ।

୮ । କେବଣ—କେଉଁ; ଅଭାଗ୍ୟ ବେଳକୁ—କପାଳ ମନ୍ଦ ହେଲା ବେଳକୁ; ବ୍ୟର୍ଥେ—ଅକାରଣରେ ।

୯ । ନୃପତିଚୀର—ରଜାଙ୍କ ଲୁଗା; ବୋଲଣା—ଗାଳି ।

Digitized by srujan ka@gmail.com

ଶୁଣି ଗୋବିନ୍ଦ କୋପେ ଥରହର
ଓଷ୍ଠ କାମୋଡ଼ି ଧାଇଁଲେ ପ୍ରଖର
ବାମ ଭୁଜଦଣ୍ଡେ ଗୃପୋଡ଼େ ମାରି
ଛିଡ଼ିଲା ମୁଣ୍ଡ ମଲା ରଜକାରି
ପଶିଲା, ପ୍ରାଣ ଗୋବିନ୍ଦ ଅଙ୍ଗ
ନୀର ମିଶେ ଯେହ୍ନେ ପୟର ସଙ୍ଗେ ।୧୦

ଅଶେଷ ଜନ୍ମର ଦୁରିତ ଗଲା
କୃଷ୍ଣ ବଦନ ଯେଣୁ ଚାହିଁ ମଲା
କୈବଲ୍ୟ-ମୁକତି ପାଇଲା ଅନ୍ତେ
ଯେହୁ ନ ମିଳଇ ସାଧିଲେ କଳ୍ପେ
ଧନ୍ୟ ସେ, କେତେ ତପସ୍ୟା କଲା
ଦୁଷ୍ଟ ଭାବରେ ହରିଙ୍କି ପାଇଲା ।୧୧

ମୃତ୍ୟୁ ଲଭିଲା ଯହୁଁ ସେ ରଜକ
ବେଗେ ବେଢ଼ିଲେ ବରଜବାଳକ
ନନ୍ଦନନ୍ଦନ ଫେଡ଼ି ବସ୍ତ୍ରପୁଡ଼ା
ବାଛି ଘେନିଲେ ମଢ଼ିଆଳ ଯୋଡ଼ା
ଚାଲନ୍ତି, କାନ୍ଧେ ପକାଇ ହରି
ଆଉ ବସନ ପୋଏ କଲେ ଚୁରି ।୧୨

---

୧୦ । କୋପ—କ୍ରୋଧ, ରାଗ; ବାମଭୁଜ—ବାଆଁ ହାତ; ରଜକାରି—ଧୋବା; ନୀର···ସଙ୍ଗେ—ପାଣି ଦୁଧ ସଙ୍ଗେ ମିଶିଗଲା ପରି ଧୋବାର ପ୍ରାଣ ଶ୍ରୀକୃଷ୍ଣଙ୍କ ଶରୀରରେ ମିଶିଗଲା । ପୟ—ଦୁଧ; ନୀର—ପାଣି ।

୧୧ । ଦୁରିତ—ପାପ; ବଦନ—ମୁହଁ; କୈବଲ୍ୟ ମୁକ୍ତି—ଯେଉଁ ପ୍ରକାର ମୁକ୍ତିରେ ଜୀବାତ୍ମା ପରମାତ୍ମା ସଙ୍ଗେ ମିଳିଯାଏ, ସାଯୁଜ୍ୟ ମୁକ୍ତି । (ମୁକ୍ତି ଚାରି ପ୍ରକାର—ସାଯୁଜ୍ୟ, ସାରୂପ୍ୟ, ସାଲୋକ୍ୟ, ସାମୀପ୍ୟ) ।

୧୨ । ମଢ଼ିଆଳ—ପୁରୁଣା ଲୁଗା । ପୋଏ—ଗୋପବାଳକମାନେ ।

Digitized by srujan ka@gmail.com

କଂସର ବେଶକାରୀ ଆସୁଥିଲା
କୃଷ୍ଣର ରୂପ ଦେଖି ମୋହଗଲା
ଶିରେ କର ଦେଇ ବୋଲେ ଶ୍ରୀବତ୍ସି
ଆଜ୍ଞା ହୋଇଲେ ପିନ୍ଧାଇବି କାନ୍ଥି
ଯାହାକୁ, ସର୍ବରୂପେ ଶୋଭିବ
ଶୁଣି ହସିଲେ ଅଳପ ମାଧବ ।୧୩

ଗନ୍ଧାର୍ପିତ କରେ ଦେଲେ ବସନ
ତୁରିତ କୁଞ୍ଚିଲା କରି ଯତନ
ସିଂହ କଟିରେ ଆଚ୍ଛାଦନ ନେଇ
ବଟନ କରି କୃଷ୍ଣଙ୍କୁ ପିନ୍ଧାଇ
ଉତ୍ତୁଙ୍ଗ, କନ୍ଧେ ପକାଇ ଦେଲା
ବାବୁ ସେ ଛବି ଜଗତ ମୋହିଲା ।୧୪

ରାମଙ୍କୁ ସେହିମତ କଲା ସଜ
ବସ୍ତ୍ରେ ମଣ୍ଡିଲା କି ଏ ଶ୍ୱେତ ଗଜ
ଗୋପସୁତଙ୍କୁ ଭିନ୍ନେ ଭିନ୍ନେ ବେଶ
କୃଷ୍ଣ ଭାବଗ୍ରାହୀ ହୋଇଲେ ତୋଷ
ବୋଲନ୍ତି, ବର ମାଗ ବଦନ
ଗନ୍ଧାର୍ପିତ କହେ ଶୁଣ ମୋହନ ।୧୫

---

୧୩ । ବେଶକାରୀ—ଯେ ରାଜାଙ୍କୁ ବେଶ କରନ୍ତି; ଶ୍ରୀବତ୍ସି—ଶ୍ରୀବତ୍ସ ଅର୍ଥାତ୍ ଶ୍ରୀକୃଷ୍ଣ; ଶୋଭିବ—ଶୋଭା ପାଇବ ।

୧୪ । ଗନ୍ଧାର୍ପିତ—ସରଧରିଆ (ଏଠାରେ ବେଶକାରୀ); ତୁରିତ—ଶୀଘ୍ର; ସିଂହ କଟିରେ—ସିଂହର କଟିପରି କ୍ଷୀଣ ଶ୍ରୀକୃଷ୍ଣଙ୍କ କଟିରେ; ଉତ୍ତୁଙ୍ଗ—ଉତ୍ତରୀୟ—ଚାଦର ।

୧୫ । ଶ୍ୱେତଗଜ—ଧଳାହାତୀ ବା ଐରାବତ ।

Digitized by srujan ka@gmail.com

ଧନ ଜନ ଉଚ୍ଚପଦକୁ ସ୍ତୁତ
ତହିଁ କାର୍ଯ୍ୟ ନାହିଁ ଗରୁଡ଼ାରୂଢ଼
ହୋ ପଦପଙ୍କଜେ କର ମଧୁପ
ହେଉ ବୋଇଲେ ଗୋକୁଳ-ଉଡୁପ
ସେଠାରୁ, ବଜେ ପୁଚ୍ଛନାଶପୁ
ନବପୟୋଦ କ ଉଦୟ ବପୁ ।୧୬

ଗଡ ମନ୍ଦ ମନ୍ଦ ମେଦିନୀ ଶୋଭା
ଧ୍ୱନି ଅଶେଷ ଜନମନ ଲୋଭା
ସୁଦାମାନାମେ ଏକ ମାଳାକାର
ମିଳିଲେ ଯାଇ ତାହାର ଦୁଆର
ଡାକନ୍ତି, ଗ୍ରାମ ଗୋବିନ୍ଦ ବେନ
ଅଇଲ କ୍ଷଣି ଶୋଭିଲା ମେଦିନୀ ।୧୭

ଚରଣ ଧୋଇ ଆନନ୍ଦ ହୋଇଲା
ପୂର୍ବ ବାସନା କଥା ଚହ୍ଲୋଇଲା
ଆନନ୍ଦେ ଗର୍ଭକୁ କ୍ଷେପିଲା ବାଣ
ଭବ କଳ୍ମଷ ପକାଇଲା ହରି
ଆନନ୍ଦ, ଜଳ ନେତ୍ରୁ ବରଷେ
ଉଠିଲା ପ୍ରେମ ଗୋବିନ୍ଦ ପରଶେ ।୧୮

---

୧୬ । ଗରୁଡ଼ାରୂଢ଼—ଯେ ଗରୁଡ଼ରେ ଆରୋହଣ କରନ୍ତି, ଏପରି ଯେ କୃଷ୍ଣ; ପଦପଙ୍କଜ—ପାଦପଦ୍ମ; ମଧୁପ—ଭ୍ରମର; ଉଡୁପ—ଚନ୍ଦ୍ର; ଗୋକୁଳ-ଉଡୁପ—ଗୋପପୁରର ଚନ୍ଦ୍ରମା ସଦୃଶ ଶ୍ରୀକୃଷ୍ଣ; ନବ ପୟୋଦ—ନୂଆ ମେଘ; ବପୁ—ଶରୀର ।

୧୭ । ମେଦିନୀ—ପୃଥିବୀ ।

୧୮ । ପୂର୍ବ ବାସନା—ପୂର୍ବରୁ ଥିବା ଇଚ୍ଛା; ଚହ୍ଲୋଇଲା—ମନେ ପକାଇଲା; ଭବକଳ୍ମଷ—ସଂସାରର ପାପ ।

Digitized by srujan ka@gmail.com

ଘାବେ ଗଦଗଦ ନପାରେ କହି
କୃଷ୍ଣ ମୁଖକୁ ରହିଛୁ ଅନାଇ
ଶିର ହୃଦୟକୁ ଠାଣ୍ଡଲେ ଡରି
ଢାଞ୍ଚ ମୋତେ ପୃଷ୍ଟେ ସୁବେଶ କରି
ତତକ୍ଷଣେ, ମାଳି ସଦନେ ଗଲା
ସଞ୍ଜିଲା କୁସୁମହାର ଆଣିଲା ।୧୯
ଗ୍ରନ୍ଥି ରଖିଅଛୁ ଆଗତ ଜାଣି
ଜାଣି ଶରଧା କଲେ ବେଣୁପାଣି
ବାବୁ ସେ ଭଗତ ଜନଙ୍କ ବନ୍ଧୁ
ଏଣୁ ନାମ ଗୋଟି କରୁଣାସିନ୍ଧୁ
ଆପଣା, ଭୃତ୍ୟ ବଳେ ତାରନ୍ତି
ଦୁଷ୍ଟ ଦେଖିଲେ ଅବଧି ମାରନ୍ତି ।୨୦
ସେହି ଗୋବିନ୍ଦ ଚରଣ ପଙ୍କଜେ
ବଇରାଗୀ ଭକ୍ତଚରଣ ଭଜେ
ଅନ୍ୟ ପ୍ରସଙ୍ଗ ଅନ୍ୟ ଦେବପୂଜା
ସକଳ ଦୂରେ କଲି ମୁହିଁ ତେଜ୍ୟା
କେବଳ, ନନ୍ଦନନ୍ଦନ ଭଜନେ
ଆନ ନ ରସଇ ମୋହୋର ମନେ ।୨୧

— ✳ —

୧୯ । ଶିର—ମୁଣ୍ଡ; ହୃଦୟ—ଗ୍ରୀବ ।

୨୦ । ଆଗତ—ଭବିଷ୍ୟତ; କରୁଣାସିନ୍ଧୁ—ଦୟାସାଗର; ଅବଧି—ଶେଷ ହେବାଯାଏ ।

୨୧ । ପ୍ରସଙ୍ଗ—ବିଷୟ; ତେଜ୍ୟା—ତ୍ୟାଗ ।

Digitized by srujan ka@gmail.com

ଏକବିଂଶ ଛାନ୍ଦ

(ରାଗ— କାଫି, ଅବକାଶ ବୃତ୍ତ)

କୃଷ୍ଣ ବଚନ ଶୁଣି ମୂଢ଼ ଯନ୍ତା
ମନରେ ବଢ଼ିଲା ଗରୁ ଅହନ୍ତା
ବୋଲଇ ଶୁଣ ହେ ନନ୍ଦ କୁମର
ତୁମ୍ଭେ ତୋଳନ୍ତ ପରା ଗିରିବର
ମାରନ୍ତ ଷଣ୍ଢା, ଶକଟା, ବକା
ତୃଣା କେଶୀ ଆଉ ବତ୍ସା, ଧେନୁକା ।୧
ବ୍ୟୋମା ସଙ୍ଗତେ ପୂତନା ନାଶିଲ
କାଳୀୟ ଗରବ ଜଳେ ଧ୍ୱଂସିଲ
ଏତେ ବୀର ହୋଇ ଡ଼ର କାହିଁକି ?
ଯାହା କରନ୍ତ ତା ମନେ ନାହିଁକି ?
ରଜାର, ଲାଗି ବସନ ନେଲ
ପୁଷ୍ପଚନ୍ଦନ ଆଦି ଜୁରି କଲ ।୨
ସହସ୍ରେ ସିଂହର ବଳ କାର୍ମୁକ
ତାହା ଭାଙ୍ଗିଲ ଦେଖିଛନ୍ତି ଲୋକ
ଛାଡ଼ କୁବଳୟା ଅଟଇ କେତେ
ପେଲି ଦେଇ ଯାଅ କହୁଛି ଏତେ
ମାହୁନ୍ତ, ଏହା କହିଲା ଯହୁଁ
ଜଗତଜୀବନ ବୋଲନ୍ତି ତହୁଁ ।୩

୧। ଯନ୍ତା—ମହୁନ୍ତ; ଅହନ୍ତା—ଶତ୍ରୁତା, କ୍ରୋଧ; ଗରୁ—ଗୁରୁ, ଅତ୍ୟନ୍ତ; ତୋଳନ୍ତ—ଟେକି ଧରନ୍ତ; ଗିରିବର—ଗୋବର୍ଦ୍ଧନ ।

୨। ରଜାର ଲାଗି ବସନ—ଯେଉଁ ଲୁଗା ରଜାଙ୍କୁ ଲାଗିହୁଏ ଅର୍ଥାତ୍ ରଜାଙ୍କ ସେବାରେ ଲାଗେ ।

୩। କାର୍ମୁକ—ଧନୁ; କୁବଳୟା—କଂସର ହାତୀର ନାମ ।

Digitized by srujan ka@gmail.com

କହୁଅଛୁ ଶୁଣ ହସ୍ତୀପାଳକ
ଆମ୍ଭେ ଜାଣିଲୁ ତୁ ବଡ଼ ବିବେକ
ଯାହା ବୋଇଲୁ ସେକଥା ପ୍ରମାଣ
ହସ୍ତୀ ସଙ୍ଗେ କାହିଁ ମନୁଷ୍ୟ ରଣ ?
ସ୍ୱଭାବେ, ପୁଣି ବାଳକମଣ୍ଡ
କାଚର ହେଉଁ ଦେଖି ଘୋଡ଼ା ହାଣ୍ଡ ।୪

ଗାଈ ଚରାଇ ବନ ମଧ୍ୟେ ଥାଉଁ
କ୍ଷୁଧା ହେଲେ ନାନା ଫଳ ଖାଉଁ
ସନ୍ଧ୍ୟାକାଳେ ଆସି ହେଉଁ ମନ୍ଦିରେ
ଭୋଜନ କରୁ ବଢ଼ାଇ ଅନ୍ଧାରେ
ନ ଥାଇ, ସୁଖ ହୋଇ ବ୍ୟଞ୍ଜନ
ଶଯ୍ୟା ନ ଥାଇ ଭୂମିରେ ଶୟନ ।୫

ଆର ଦିନ ପୁଣି ବନକୁ ଯାଉଁ
ସେହି ପ୍ରକାରେ ନାନା ଦୁଃଖ ପାଉଁ
ଏବେ ସୁଭାଗ୍ୟ ହୋଇଲା ଆମ୍ଭର
ଡାକ ଆଣିଲା ମାମୁଁ କଂସାସୁର
ନିଶ୍ଚିନ୍ତ, ହୋଇ ଭୁଞ୍ଜିବୁ ସୁଖ
ଆଜ୍ଠୁଁ ପାସୋରିବୁଁ ସକଳ ଦୁଃଖ । ୬

---

୪ । ହସ୍ତୀପାଳକ—ହାତୀର ମାହୁନ୍ତ; ବିବେକ—ବିଚାରବନ୍ତ; ପ୍ରମାଣ—ଯଥାର୍ଥ; ରଣ—ଲଢ଼େଇ ।

୫ । କ୍ଷୁଧା—ଭୋକ; ମନ୍ଦିରେ—ଘରେ; ବ୍ୟଞ୍ଜନ—ତରକାରୀ ।

୬ । ଆଜ୍ଠୁଁ—ଆଜଠୁଁ, ଆଜିଠାରୁ ।

Digitized by srujan ka@gmail.com

ଏହା ଶୁଣି କହେ ଦାରୁଣମନ୍ତ
କେତେ ଛଳକୁ ଯାଉଛ ଶ୍ରୀପନ୍ତ
ଆଜଯାଏ ଲୁଚିଥିଲ ଗୋପରେ
ଏବେ ପଡ଼ିଲ କୃତାନ୍ତ ସମ୍ମୁଖରେ
ନସ୍ୱତ, ହେଲେ ଗୁଡ଼ିବ ନାହିଁ
ଏହା କି ଗୋପ କରିଛ କହ୍ନାଇ । ୭

ବଂଶୀ ବଜାଇ ନାନାରଙ୍ଗେ ନାଚ
ଗୋପ କୁମାରୀଙ୍କ ଖୁଆଅ ଲାଞ୍ଚ
କୁଞ୍ଜବନେ ନେଇ କର ଅମୀତ
କୋମଳ କନ୍ଧ କଣ ତାଙ୍କ ମନ୍ତ
ସେକଥା, ନାହିଁ ମଥୁରାପୁରେ
ଯେଉଁ ଦେଶ ଦେଖି ଡରନ୍ତି ସୁରେ । ୮

ଏଥିରେ ଆସି ହୁରି ଜୁରି କର
ହାନି ଲାଭକୁ କିଛି ନ ବିଚାର
ଦୁଇ ଭାଇଙ୍କ ଯେନିବ ଜୀବନ
ହସ୍ତିହସ୍ତରେ କରାଇ ବନ୍ଧନ
ନୃପତି, ଆଗେ ଭେଟିବ ଯାଇ
ଶୁଣି ବଧାଇ ଦେବ ଭୋଜସାଇଁ । ୯

---

୭ । ଦାରୁଣମନ୍ତ—କଠୋରହୃଦୟ ମାହୁନ୍ତ ; କୃତାନ୍ତ—ଯମ; ସମ୍ମୁଖରେ—ଆଗରେ; ନସ୍ୱତ = ନିଃସତ୍ତ୍ୱ—ଦୁର୍ବଳ ।

୮ । ଅମୀତ—ଅନ୍ୟାୟ ଆଚରଣ; ସୁରେ—ଦେବତାମାନେ ।

୯ । ହୁରି—ଗୋଳମାଳ; ଜୁରି—ଲୁଟପାଟ; ହାନିଲାଭ—ଭଲମନ୍ଦ; ହସ୍ତିହସ୍ତ—ହାତୀର ଶୁଣ୍ଢରେ; ନୃପତି—ରାଜା କଂସ; ବଧାଇ—ପୁରସ୍କାର । ଭୋଜସାଇଁ—ଭୋଜସ୍ୱାମୀ କଂସ ।

Digitized by srujan ka@gmail.com

ଶୁଣିଲେ ହରି ମାହୁନ୍ତ ବଚନ
କର୍କଶ କରି ବୁଲାଇ ନୟନ
ବୋଇଲେ ହସ୍ତୀକି କାଢ଼ ଛୋହରି
ଜାଣିବା କେଡ଼େ ବଡ଼ କରିବର
ଏମନ୍ତ, ବୋଲି ହୋଇଲେ କାଛୁ
ଅଣ୍ଟାରେ ବଂଶୀ ଖୋସିଲେ ଶ୍ରୀବତ୍ସୀ । ୧୦

ଦେଖି ମାହୁନ୍ତ ଟିପିଲା ମାତଙ୍ଗ
କରାଳ ବଦନ ନୟନ ପିଙ୍ଗ
ଧର ଧର ବୋଲି ଅଙ୍କୁଶ ମାରି
ଧାଇଁଲା ନାଗ ଘୋର ନାଦ କରି
ଊର୍ଦ୍ଧ୍ୱକୁ, ଟେକି ରହିଛି ଶୁଣ୍ଢ
ଦନ୍ତ ଉଷର ଦିଶଇ ପ୍ରଚଣ୍ଡ । ୧୧

ଚରଣ ପଡ଼ନ୍ତେ କମ୍ପଇ ରସା
ସିଂହ ପଛେ ଯେହ୍ନେ ଖେଳଇ ଶଶା
ଗୋବିନ୍ଦ ପଛେ ସେହ୍ନ ମତ ଦିଶେ
ମୃଗାଦନ ପଛେ ଛାଗଳ କି ସେ
ପାମର, ଗଜ ଜାଣଇ ନାହିଁ
ମରିବ ବୋଲି ଆଗେ ଅଛି ଧାଇଁ । ୧୨

---

୧୦ । କରିବର—ହସ୍ତୀଶ୍ରେଷ୍ଠ; ଶ୍ରୀବତ୍ସୀ—ଶ୍ରୀକୃଷ୍ଣ; କାଛୁ ହୋଇଲେ—ମାଲକଚ୍ଛ ମାରିଲେ ।

୧୧ । ଟିପିଲା—ପାହାର ଦେଇ ଚଳାଇଲା; ମାତଙ୍ଗ—ହାତୀକୁ; ପିଙ୍ଗ—ପିଙ୍ଗଳ, ରକ୍ତିମ; ନାଗ—ହାତୀ, ଉଷର—ଟେକା ।

୧୨ । ରସା—ପୃଥିବୀ; ଶଶା—ଠେକୁଆ; ମୃଗାଦନ—ମୃଗ ଅଦନ ବା ଭୋଜନ ଯାହାର ଅର୍ଥାତ୍ ସିଂହ; ଛାଗଳ—ଛେଳି; ପାମର—ଅଧମ, ହୀନ; ଗଜ—ହାତୀ ।

Digitized by srujan ka@gmail.com

ଯାର ରୋମମୂଳେ ମେଦଗୀମାଳ
ଭ୍ରମନ୍ତ ହୋଇ ଅତି ଅନ୍ତରାଳ
ନେତ୍ର ଚନ୍ଦ୍ରସୂର୍ଯ୍ୟ, ଶିର ଅମ୍ବର
କଟି ବ୍ରହ୍ମାଣ୍ଡ, ପାତାଳ ପମ୍ବର
ଶରୀର-ରୁହ ଶଇଳମାନ
ଅଣଗୁଣ ନବ ନାସା ପବନ । ୧୩

ସୁଜନ ବାନ୍ଧବ, ଦୁର୍ଜନ ଯମ
ଶରଣ ତାରଣ, କାମିନୀ କାମ
ରୂପ ଅରୂପ ନାନା ଗତି ହୋଏ
ଯା ନାମେ ଅଶେଷ କଳୁଷ ଦହେ
ତାହାର, ସଙ୍ଗେ କରଇ ରଣ
ଜାଣଇ ନାହିଁ ଲଭିବ ମରଣ । ୧୪

ଆଗେ ଧାଇଁଛନ୍ତି ନନ୍ଦ ତନୁଜ
ପଛେ ଗୋଡ଼ାଇଛନ୍ତି ବଳିଷ୍ଠ ଗଜ

---

୧୩ । ଅନ୍ତରାଳେ—ଛଡ଼ା ଛଡ଼ା ହୋଇ, ପରସ୍ପରଠାରୁ ଦୂରରେ ରହି; ପମ୍ବର—ପାଦ; ଶରୀରରୁହ—ରୋମ; ଶଇଳ—ପାହାଡ଼; ଅଣଗୁଣ—ପ୍ରବଳ ପବନ । (ବାୟୁ ଦେବଙ୍କ ଗର୍ଭରେ ଥିଲା ବେଳେ ବୈମାତ୍ରେୟ ଭ୍ରାତା ବଳବାନ୍ ହେବ ବୋଲି ଜାଣି ଇନ୍ଦ୍ର ମାୟାବଳରେ ଗର୍ଭରେ ପଶି ଗର୍ଭସ୍ଥ ଶିଶୁକୁ ସାତ ଖଣ୍ଡ କରି ପୁଣି ପ୍ରତ୍ୟେକ ଖଣ୍ଡକୁ ସାତ ଖଣ୍ଡ କରିଦେଲେ । ତେଣୁ ପବନ ଅଣଗୁଣ ଖଣ୍ଡ ହେଲା ।)

୧୪ । ଦୁର୍ଜନ ଯମ—ଦୁଷ୍ଟକୁ ନାଶ କରିବାପାଇଁ ଯମ ସଦୃଶ; ଶରଣ ତାରଣ—ଶରଣାଗତ ଲୋକର ରକ୍ଷାକର୍ତ୍ତା ; କାମିନୀ କାମ—ନାରୀମାନଙ୍କ ପକ୍ଷରେ କନ୍ଦର୍ପ ତୁଲ୍ୟ; କଳୁଷ—ପାପ ।

Digitized by srujan ka@gmail.com

ମାୟା ଭଣ୍ଡାର ଆରମ୍ଭିଲେ କୂଟ
ଯେସନେ ଇନ୍ଦ୍ରଜାଳିକ କପଟ
ଜାଣନ୍ତା, ନୋହେ ଦେଖିବା ଜନ
ସତ ସପନେ ଭଗୁରନ୍ତ ମନ । ୧୫
ସେହି ପ୍ରକାରେ ଆରମ୍ଭିଲେ ଛନ୍ଦ
ନିସତେ ଧାଇଁ ନପାରି ଗୋବିନ୍ଦ
ମନ୍ଦ ଗତି ଦେଖି ପିଟିଲା ଯନ୍ତା
"ନିର୍ବଳ ହେଲଣି ମାର ରେ ଦନ୍ତା"
ବୋଲନ୍ତେ, ଗଜ ଧଇଲା ଯାଇ
ଯତନେ ଗୋବିନ୍ଦ ପଡ଼ିଲେ ଶୋଇ । ୧୬
ପଡ଼ି ଶୂନ୍ୟ ହେଲେ ଜଗତବନ୍ଧୁ
ଅନାଇ ଅଛନ୍ତି ମଥୁରାବଧୂ
ହାହାକାର ଧ୍ୱନି ଶୁଭଇ ଉଚେ
କ୍ଷୀରସିନ୍ଧୁ ମେଳା ହେଲା କି ମଞ୍ଚେ
କେ ବୋଲେ, ଅବିବେକ ବିରଞ୍ଚି
କାହାକୁ କଉଁ ଦଶା ଥାଇ ସଞ୍ଚି । ୧୭

---

୧୫ । ନନ୍ଦ ତନୁଜ—ଶ୍ରୀକୃଷ୍ଣ; କୂଟ—କପଟ, ଛଳନା; ମାୟାଭଣ୍ଡାର—ମାୟାମୟ ଶ୍ରୀକୃଷ୍ଣ; ଇନ୍ଦ୍ରଜାଳିକ—ବାଜିକର ।

୧୬ । ଛନ୍ଦ—ମାୟା, କପଟ; ନିସତେ—ଦୁର୍ବଳ ହୋଇ; ଯନ୍ତା—ମାହୁନ୍ତ; ଦନ୍ତା—ଅଣ୍ଡିରାହାତୀ ।

୧୭ । ଶୂନ୍ୟ ହେଲେ—ଉଭେଇ ଗଲେ; ମଥୁରାବଧୂ—ମଥୁରାର ନାରୀମାନେ; ମଞ୍ଚ—ମର୍ତ୍ତ୍ୟପୁର; କ୍ଷୀରସିନ୍ଧୁ ମେଳା—ମଥୁରା ରମଣୀମାନେ କ୍ଷୀର ସମୁଦ୍ର ପରି ଶୁକ୍ଳ ବର୍ଣ୍ଣ । ସେମାନେ ଏକଜ ହୋଇଥିବାରୁ କ୍ଷୀରସମୁଦ୍ର ପୃଥିବୀ ଉପରେ ଏକାଠି ହେଲା ପରି ବୋଧ ହେଲା । ବିରଞ୍ଚି—ବିଧାତା ।

Digitized by srujan ka@gmail.com

ତଥାପି ଶର ନୁହଇ ଏ ତାର
କପାଇଁ କଲ ଏଡ଼େ ଅବେଗ୍ଭର
ଦେଖ ଜନମନ ମୋହନ କରେ
ସୁଖୀ ସମ୍ପଦ, ଦୁଃଖୀ ଦୁଃଖ ହରେ
କେମନ୍ତେ, ସଚ ବଲ୍ଲ ତାର
ଗଜ ହାତରେ କରଏ ପ୍ରହାର । ୧୮

କେ ବୋଲେ ଲବଣ୍ୟ ଶରୀର ଗୋଟି
ତୀକ୍ଷ୍ଣ ଦନ୍ତ ଲଗି ଯିବ ଗୋ ଫୁଟି
ଦେଖି ଜୀବନ ରହିବ କାହାର
ପିଣ୍ଡକୁ ଗୁଣ୍ଡ ହୋଇବ ବାହାର
କେ ବୋଲେ, ସଖି, ଶୁଣ ମୋ ବାଣୀ
ଗ୍ରଲ ଏଠାରୁ ଯିବା ସର୍ବପ୍ରାଣୀ । ୧୯

ଏଡ଼େ ପାପପୂରେ ନଥିବା ଦଣ୍ଡେ
ଆସ ଗୋ ଅନଳ ଜାଳିବା ପିଣ୍ଡେ
ଏ ଘନଶ୍ୟାମ ଦୁଃଖ ନ ଦେଖିବା
ମତ୍ସ୍ୟ ଭକ୍ଷି ପରାଣ ହାରିବା
କାହ୍ନିକ, ରଖିଥିବା ଜୀବନ
ଦଣ୍ଡକେ ସରିଲ ଅମୂଲ୍ୟ ଧନ । ୨୦

---

୧୮ । ଅବେଗ୍ଭର—ଅନ୍ୟାୟ କାର୍ଯ୍ୟ ।

୧୯ । ଲବଣ୍ୟ ଶରୀର—ଲବଣ୍ୟମୟ ଦେହ; ତୀକ୍ଷ୍ଣ—ମୁନିଆ; ପିଣ୍ଡ—ଦେହ ।

୨୦ । ଅନଳ ଜାଳିବା ପିଣ୍ଡ—ଦେହକୁ ନିଆଁରେ ପୋଡ଼ିଦେବା; ଘନଶ୍ୟାମ—ଘନ ବା ମେଘପରି ଶ୍ୟାମବର୍ଣ୍ଣ ଯେ ଅର୍ଥାତ୍ ଶ୍ରୀକୃଷ୍ଣ; ମତ୍ସ୍ୟ—ଏକ ପ୍ରକାର ବିଷ; ଭକ୍ଷିବା—ଖାଇବା ।

Digitized by srujan ka@gmail.com

କେ ବୋଲେ ସଜନି ଶୁଣ ମୋ କଥା
ଦେଖିଲେ ଜନକୁ ଲାଗଇ ବ୍ୟଥା
ଗର୍ଭଧାରୀ ତାର କରିବ କସ
ଏ ପୁତ୍ର ଯେବେ ନଷ୍ଟ ଯିବ ନାଶ
ପଡ଼ିବ, ଅଗ୍ନି କୁଣ୍ଡରେ ଡେଇଁ
ଏହା ଶୁଣି ଆର ସଖୀ କହଇ । ୨୧

ଏ କନ୍ୟା ନୋହିଲା ଆମ୍ଭ ନନ୍ଦନ
ଦୁଃଖୀ ଗର୍ଭେ କନ୍ୟା ହେଲା ଜନମ
ଇଷ୍ଟ ଦେବତାରୁ କରନ୍ତୁ ଶ୍ରେଷ୍ଠ
କାହିଁକି ଲଭନ୍ତା ପରମ କଷ୍ଟ
ଏବାଣୀ, ଶୁଣି ଆରକ ଭଣି
ଏମନ୍ତ କନ୍ୟା ବୋଇଲୁ ତରୁଣୀ । ୨୨

ଯାହାର ଯେ ଭାଗ୍ୟ ଅଭାଗ୍ୟ ଥାଇ
କାଳ ବେଳ ଜାଣି ଭୋଗ କରଇ
ମୋ ମନକୁ ସହି, ଏମନ୍ତ ଆସେ
ତା ଶୁଣି ଆର ଚନ୍ଦ୍ରାନନା ଭାଷେ
ସଜନି, ଏହା କାହିଁକି କହୁ
ଲେଶେହେଁ ସୁନ୍ଦରୀ ହୃଦେ ନ ବହୁ । ୨୩

---

୨୧ । ବ୍ୟଥା—ଦୁଃଖ, କଷ୍ଟ; ଗର୍ଭଧାରୀ—ଜନ୍ମଦାତ୍ରୀ ମାଆ ।
୨୨ । ନନ୍ଦନ—ପୁଅ; ତରୁଣୀ—ଯୁବତୀ ନାରୀ ।
୨୩ । ଭାଗ୍ୟ ଅଭାଗ୍ୟ—ସୁଖଦୁଃଖ, ଭଲମନ୍ଦ; ଚନ୍ଦ୍ରାନନା—ଚନ୍ଦ୍ରମୁଖୀ, ସୁନ୍ଦରୀ ନାରୀ ।

Digitized by srujan ka@gmail.com

ଜୀବନ ଉଡ଼ି ଯାଉଛି ମୋହର
ନୟନେ ନ ଦେଖି ବରଜବର
ଏହିକ୍ଷଣି ହସ୍ତୀ ଆଗରେ ଥିଲେ
ଦଣ୍ଡ ଲଗନ୍ତେ କହିଁ କନ୍ତ ଗଲେ
ଏବାଣୀ, ଶୁଣି ବୋଇଲେ ବାଳୀ
ପାମର ହସ୍ତୀ ଅବା ଦେଲା ଗିଳି । ୨୪

କେ ବୋଲେ ଅଧରେ ଅଛି ଫୁରୋଇ
କେ ବୋଲେ ପାଦେ ଗୋ ଦେଲା ଉଡାଇ
କେ ବୋଲେ ପଳାଇ ଗଲେ କି ସନ୍ତ ?
କେ ବୋଲେ ଛାହା ନ ଦେଖିଲେ କେନ୍ତ
କେ ବୋଲେ, ଗଜ ବୁଲେ କାହିଁକି
କେ ବୋଲଇ ଅବା ପାଇ ନାହିଁକି ? ୨୫

ମଥୁରାନାଥଙ୍କ ବିକଳ ଶୁଣି
ଦୟାସାଗର ପ୍ରଭୁ ଚକ୍ରପାଣି
ହସ୍ତୀ ଉଦର ଛଳେ ହେଲେ ଯାଇ
ଗଜ'ଇ କଣ୍ଠ ଅଙ୍ଗବାସ ପାଇ
ଫେରଇ, ପୁଣ ଧାଇଁଲେ ହରି
ମଥୁରାନାଥ ଜୟ ଜୟ କରି । ୨୬

---

୨୪ । ବରଜବର—ବ୍ରଜପୁରର ଶ୍ରେଷ୍ଠ ପୁରୁଷ ଶ୍ରୀକୃଷ୍ଣ ; ବାଳୀ—ସ୍ତ୍ରୀ ।

୨୫ । ଅଧର – ଓଷ୍ଠ, ପାଟି ।

୨୬ । ଅଙ୍ଗବାସ—ଦେହର ଗନ୍ଧ ; କଣ୍ଠ—ଘ୍ରାଣ ।

Digitized by srujan ka@gmail.com

କେ ବୋଲେ ଦେଖ ଗୋ ପରାଣମିତ
ଏହାକୁ ସାହା ହୋଇଛନ୍ତି ବିଧାତ
ଦୁଷ୍ଟ କଂସ ନିଶ୍ଚେ ହୋଇବ ନାଶ
ଏହାକୁ ରଖିବେ ରମାବିଳାସ
ଏମନ୍ତ, କହି ଆନନ୍ଦ ହେଲେ
ହେ ଧର୍ମଦେବତା, ରଖ ବୋଇଲେ ।୧୭

ହରିଙ୍କି କରୀ ଯେ ଥିଲା ଗୋଡ଼ାଇ
ବଳ ଛୁଟିଲା ନ ପାରିଲା ଧାଇଁ
ଜଗତଜୀବନ ବ୍ୟାପିଲେ ମାୟା
ତଜନ୍ଦଗରେ ବିସ୍ତାରିଲେ କାୟା
ଯେଣିକ, ବୃଦ୍ଧେ ବଳଷ୍ଟ ହାତୀ
ତେଣେ ଦେଖଇ ବଟକ ଦାଶରଥି । ୧୮

କାହାକୁ ଧରନ୍ତି କରେ ବଗ୍ଧର
ଭୟେ ବୁଲଇ ଚକର ଆକାର
ପଛ ଦେଶେ ଥିଲେ ରୋହିଣୀବତ୍ସ
ଧାଇଁ ବାମଭୁଜେ ଧଇଲେ ପୁଚ୍ଛ
ସିଂହକ, ଅବା ଧଇଲା ମୃଗ
ଗରୁଡ଼ କବା ଧଇଲା ଉରଗ ? ୧୯

---

୧୭ । ସାହା—ସହାୟ; ରମାବିଳାସ—ବିଷ୍ଣୁ ଅର୍ଥାତ୍ ଶ୍ରୀକୃଷ୍ଣ ।

୧୮ । ହରି—ଶ୍ରୀକୃଷ୍ଣ; କରୀ—କୁବଳୟା ହାତୀ; କାୟା—ଶରୀର, ଦେହ; ଦାଶରଥି—ରାମଚନ୍ଦ୍ର (ଶ୍ରୀକୃଷ୍ଣ ପୂର୍ବରୁ ରାମଚନ୍ଦ୍ର ଅବତାର ହୋଇଥିବାରୁ ଏଠାରେ ଶ୍ରୀକୃଷ୍ଣ ଅର୍ଥରେ ବ୍ୟବହୃତ) ।

୧୯ । ରୋହିଣୀବତ୍ସ—ରୋହିଣୀଙ୍କ ପୁତ୍ର ବଳରାମ; ପୁଚ୍ଛ—ଲାଙ୍ଗୁଳ; ଉରଗ—ସର୍ପ ।

Digitized by srujan ka@gmail.com

ସେହିମନ୍ତ ବନେ ମତ୍ତମାତଙ୍ଗ
ଗୋବିନ୍ଦ ଠାଣିଲେ ଉଚ୍ଛୁଡ଼ ବେଗ
ଜାଣି ଟାଣିଲେ ଶ୍ରେଣୀର ବଳା
ଶତେ ଧନୁପାଏ ଘୋଷରି ଗଲା
ନପରେ, ଆଣ୍ଠୁ ମାଡ଼ିଲା ମସ୍ତୀ
ବେଗେ ଧାଇଁଲେ ଛଇଳ କହ୍ନାଇ । ୩୦

ବେଣୁ ଠୁକିଲେ ହସ୍ତୀ ଭାଲପଟେ
ପ୍ରାଣ ବାହାରିଲା ନୟନ ବାଟେ
ଦୀନବନ୍ଧୁ ଅଙ୍ଗେ ପଶିଲା ଯାଇ
ଅଶେଷ ଜନ୍ମ କଳୁଷ ହରାଇ
ବାବୁ ସେ, ଗଜ କି ତପ କଲା ?
କଞ୍ଚର ଦୋଷେ ପଶୁ ହୋଇଥିଲା । ୩୧

ଯାହା ଊର୍ଦ୍ଧ୍ୱରେତା ପାଇ ନାହାନ୍ତି
ପାଇବା ପାଇଁ ଧ୍ୟାନ କରୁଛନ୍ତି
ସେ ଗତି କ୍ଷଣକେ ପାଇଲା ଗଜ
ଅଧମ ଉଦ୍ଧାରଣ ଦେବରାଜ
ସୁଜନେ, ସେହି ହରିଙ୍କି ଭଜ
ଭବ ସନ୍ତାପ ଦୂରେ ବେଗେ ତେଜ । ୩୨

---

୩୦ । ମତ୍ତ ମାତଙ୍ଗ—ମତୁଆଲ ହାତୀ; ଉଚ୍ଛୁଡ଼—ଟାଣିନଥ; ଧନୁ—ସ୍ୱରହାତ ପରିମାଣ; ନପରେ—ଦୁର୍ବଳ ହୋଇ ।

୩୧ । ଠୁକିଲେ—ପିଟିଲେ; ଭାଲପଟେ—କପାଳଉପରେ; ନୟନ—ଆଖି; ଦୀନବନ୍ଧୁ—ଶ୍ରୀକୃଷ୍ଣ ।

୩୨ । ଊର୍ଦ୍ଧ୍ୱରେତା—ଯୋଗୀ; ଧ୍ୟାନ କରୁଛନ୍ତି—ଯୋଗ ସାଧୁଅଛନ୍ତି; ଭବସନ୍ତାପ—ସଂସାରର ଯନ୍ତ୍ରଣା ।

Digitized by srujan ka@gmail.com

ହସ୍ତିନିଧନ ଦେଖି ହସ୍ତିପାଳ
କୃଷ୍ଣଙ୍କୁ ଉଞ୍ଚାଇଲା କରବାଳ
ଦେଖି ଗୋବିନ୍ଦ ଦନ୍ତା-ଦନ୍ତ ତାଡ଼
ମୁଢ଼ ମାହୁନ୍ତ ଉପରେ କଣ୍ଟଡ଼
ଛାଡ଼ିଲା, ପ୍ରାଣ ପାଇଲା ହରି
ଅସୁର ଜନ୍ମ ଦୁର୍ବାସନା ହରି । ୩୩

ଦେଖି ନରନାରୀ ହୋଇଲେ ତୋଷ
ଗୋଟି ଗୋଟି ହୋଇ ମିଳିଲେ ପାଶ
ଗୋପାଳପୋଏ ନାନାରଙ୍ଗେ ନାଚ
ଆକାଶୁ ବିଡ଼ୌଜା କୁସୁମ ବର୍ଷ
ବଜାଇ, ଦେବେ ଦେବତା-ବାଦ୍ୟ
ଡାକନ୍ତି ଅସାଧ୍ୟକୁ କର ସାଧ । ୩୪

ସେଠାରୁ ବିଜୟେ ସୋଦର ବେନି
ଗମନେ ଶୋଭା ପାଉଛି ଧରଣୀ
ରଙ୍ଗସଭା ତଳେ ହୋଇଲେ ଯାଇ
ରଙ୍ଗେ ନାଚନ୍ତି ମୁରଲୀ ବଜାଇ
ଗୃହାନ୍ତି, ଦେଖି ଗଜନଗଣେ
ପୋଏ ଗୋଡ଼ାଇ ଅଛନ୍ତି ଗହଣେ । ୩୫

---

୩୩ । ହସ୍ତିନିଧନ—ହାତୀର ମରଣ; ହସ୍ତିପାଳ—ମାହୁନ୍ତ; କରବାଳ—ଖଣ୍ଡା; ଦନ୍ତାଦନ୍ତ—ହାତୀର ଦାନ୍ତ; ତାଡ଼—ଉପାଡ଼, ଦୁର୍ବାସନା—ମନ୍ଦ ମନୋଭାବ; ହରି—ତ୍ୟାଗକରି, ଛାଡ଼ିଦେଇ ।

୩୪ । ବିଡ଼ୌଜା—ଇନ୍ଦ୍ର; ଅସାଧ୍ୟକୁ ସାଧ କର—ଦୁଷ୍ଟକୁ ଦମନ କର ।

୩୫ । ବେନି ସୋଦର—ରାମ ଓ କୃଷ୍ଣ ଦୁଇ ଭାଇ; ଗହଣେ—ସଙ୍ଗରେ ।

Digitized by srujan ka@gmail.com

ଅପୂର୍ବ ମୂରତି ନିନ୍ଦଇ କାମ
କାନ୍ତି କି କାନଡ଼ କୁସୁମ ସମ ?
ଶିରେ ହର-ସୁତ-ବାହନ-ପୁଚ୍ଛ
ଜମ୍ଭଭେଦୀଧନୁ ହୋଇବ ତୁଚ୍ଛ
ଲଲାଟେ, ଖେଳେ ଅଳକାପନ୍ତି
ଅଳି କି ପଦ୍ମକୁ ବେଢ଼ି ଅଛନ୍ତି ? ୩୬

ନାସେ ଗଜମୋତି, କର୍ଣ୍ଣେ କୁଣ୍ଡଳ
ଗଣ୍ଡେ ମକର, ଅଧରେ ତାମ୍ବୂଳ
କଣ୍ଠେ କଉସ୍ତୁଭ, ଭୁଜେ କଙ୍କଣ
କଟିକି ଘୋଟିଛି ପୀତ ବସନ
ଚରଣେ, ଶୋହେ ନୂପୁର ଦୁଇ
ମନ୍ଦ ଗମନକୁ ମଧୁର କହି । ୩୭

ଯହିଁ ସଜ୍ଜନେ ହୋଇଲେ ଠିଆ
ଉଲସି ଉଠଇ ସବୁର ହିଆ
କୋଳ କରିବାକୁ କରନ୍ତି ମନ
ବୁଢ଼ ଯାଉଛି ଚେତା ଚଇତନ
ବାବୁ ସେ, ନବନାଗର କାହ୍ନୁ
ଦେଖି ପାସୋରିବ କିଏ ସେ ମନୁ ? ୩୮

---

୩୬ । କାନେଇ କୁସୁମ—କାନଶିର ଫୁଲ (ନୀଳବର୍ଣ୍ଣ) । ହରସୁତ—କାର୍ତ୍ତିକେୟ, ତାଙ୍କର ବାହନ ମୟୂର, ତାର ପୁଚ୍ଛ ହରସୁତ ବାହନ ପୁଚ୍ଛ—ମୟୂର ଚନ୍ଦ୍ରିକାଃ; ଜମ୍ଭଭେଦୀ—ଇନ୍ଦ୍ର; ଜମ୍ଭଭେଦୀ ଧନୁ-ଇନ୍ଦ୍ରଧନୁ (ମୟୂର ଚନ୍ଦ୍ରିକାର ଶୋଭା ଇନ୍ଦ୍ରଧନୁଠାରୁ ଅଧିକ) । ଅଳି···ଅଛନ୍ତି—ମୁଖ ହେଲା ପଦ୍ମ, ତାକୁ ବେଢ଼ିଥିବା ଅଳକା ହେଲା ଅଳି ବା ଭ୍ରମର ।

୩୭ । ଗଜମୋତି—ହାତୀର ମସ୍ତକରୁ ବାହାରିଥିବା ମୁକ୍ତା; ମକର—ମକରାକୃତି ଚନ୍ଦ; କୌସ୍ତୁଭ—ମଣି ବିଶେଷ ।

୩୮ । ହିଆ—ହୃଦୟ; ଚଇତନ—ଚୈତନ୍ୟ ।

Digitized by srujan ka@gmail.com

ଶିଶୁଙ୍କୁ ଦିଶନ୍ତି ଶିଶୁ ପରାଏ
ନାରୀଙ୍କ ଦୃଷ୍ଟିକି ମଦନରାଏ
ବୃଦ୍ଧଙ୍କୁ ବାଳକସ୍ୱଭାବ ମତି
ଜ୍ଞାନୀଙ୍କି ନିର୍ଗୁଣରୂପ ଶ୍ରୀପତି
ଭକ୍ତଙ୍କୁ, ନନ୍ଦନନ୍ଦନ ପରି
ନାନାରୂପ ଧରେ ମନ୍ଦରଧାରୀ । ୩୯

ଦୁଷ୍ଟଙ୍କୁ ଯମ ପରାଏ ଦିଶନ୍ତି
ଦେଖି ଡରିଲା କଂସ ନରପତି
ମଲ୍ଲେ ଯେ ପ୍ରତିଜ୍ଞାରେ କହୁଥିଲେ
ରୂପ ଦେଖି ଚକ୍ଷୁ ବୁଜି ରହିଲେ
କ୍ଷଣକେ, ଫେଡ଼ୁ ନୟନମାନ
ଡାକନ୍ତି ରହ ରହ ରାମ ଶ୍ୟାମ । ୪୦

ଶୁଣି ଅନାଇଲେ ଶାରଙ୍ଗଧର
ବୋଲନ୍ତି କାହିଁକି ଡାକ ହେ ବୀର
'ରହ ରହ' ବାଣୀ ଶୁଣିଲେ ଡରୁଁ
ବାଳକ ସିନା ଦୂରୁ ଅପସରୁଁ
ସରିସା, ହେଲେ ରହୁ ପାଲଟି
ବଳଷ୍ଠ ହୋଇଲେ ଯାଉଁ ଲେଉଟି । ୪୧

---

୩୯ । ମଦନରାଏ—କନ୍ଦର୍ପ ରାଜା; ନିର୍ଗୁଣ—ସତ୍ତ୍ୱ, ରଜଃ ଓ ତମୋଗୁଣ ଶୂନ୍ୟ; ଶ୍ରୀପତି—ଲକ୍ଷ୍ମୀପତି ବିଷ୍ଣୁ; ମନ୍ଦରଧାରୀ—ଯେଉଁ ଶ୍ରୀକୃଷ୍ଣ ମନ୍ଦର ପର୍ବତ ଧରିଥିଲେ ।

୪୦ । ମଲ୍ଲେ—ମଲ୍ଲମାନେ; ଫେଡ଼ୁ—ଫିଟାଇ; ଶ୍ୟାମ—ଶ୍ରୀକୃଷ୍ଣ ।

୪୧ । ଶାରଙ୍ଗଧର—ଶ୍ରୀକୃଷ୍ଣ ; ଅପସରୁଁ—ଦୂରକୁ ଖସିଯାଉଁ ; ସରିସା—ସଦୃଶ—ସମାନ; ପାଲଟି—ଫେରିପଡ଼ି ।

Digitized by srujan ka@gmail.com

ଶୁଣି ମାଲମାନେ ବୋଲନ୍ତି ହସି
କେତେ ସାନକୁ ଯାଅ ନନ୍ଦଶିଷି
ଯେ ଯେତେ ବଡ଼ ସେ କହଇ ନାହିଁ
କାର୍ଯ୍ୟ ପଡ଼ିଲେ ଅବଶ୍ୟ କରଇ
ଲୁଚଇ ନାହିଁ କୁସୁମ ପ୍ରାୟେ
ଫୁଟିଲେ ବାସେ, ଦେବଆଳେ ଯାଏ । ୪୨

ପ୍ରତକ୍ଷେ ଦିଶୁଛୁ ସାଧିଲା ପ୍ରାୟେ
ଗୋଟି ଗୋଟି ହୋଇ ଫଳନ୍ତୁ ବାହେ
ଆସ ଆସ ଦେଖି ଲଗିବା ଥରେ
କେହୁ ଧନ ଦେଇନାହିଁ କାହାରେ
ଷତ୍ରିର, ବୃତ୍ତି ସାଧିଲେ ସିନା
ଧନକୁ ଧନ ବଢ଼ିଲେ ବଢ଼େନା । ୪୩

ଶୁଣି ଦୀନବନ୍ଧୁ ବୋଲନ୍ତି ହସି
ମସ୍ତକ ଅନାଇ ଚରଣ ଘଷି
ରାଜାର ନନ୍ଦନ ନୋହୁ ନା ଆମ୍ଭେ
ସାଧିବା କଥା ଜାଣି ସିନା ତୁମ୍ଭେ
ରଜାର, ଭୃତ୍ୟ ବର୍ତ୍ତନ ଖାଅ
ବଳିଷ୍ଠ ପଣେ ନେତ ବାନ୍ଧିଥାଅ । ୪୪

---

୪୨ । ନନ୍ଦଶିଷି—ନନ୍ଦପୁଅ ; ଦେବଆଳ—ଦେଉଳ ।

୪୩ । ସାଧିଲ ପ୍ରାୟେ—ମଲ୍ଲବିଦ୍ୟା ଅଭ୍ୟାସ କଲାପରି; ଗୋଟି··· ବାହେ—ମଲ୍ଲବିଦ୍ୟା ସାଧିବାର ଫଳ ତୁମ ବାହୁରେ ପ୍ରକାଶ ପାଉଛି । ସାଧିଲେ—ଶତ୍ରୁକୁ ଦମନ କରିପାରିଲେ ।

୪୪ । ସାଧିବା କଥା—ଧର୍ମଯୁଦ୍ଧ କରି ଶତ୍ରୁକୁ ଦମନ କରିବା; ବର୍ତ୍ତନ—ପଣ୍ଡ, ବେତନ; ନେତ ବାନ୍ଧିଥାଅ—ଶାଢ଼ୀ ବାନ୍ଧିଥାଅ ।

Digitized by srujan ka@gmail.com

ଆମ୍ଭେ ବନରେ ଚରାଉ ବାଛୁରି
ଅନ୍ନ ଖାଉଁ ପତ୍ରେ ମିଶାଇ ବାରି
ସୁନ୍ଦର ଅର୍ଥେ ରଙ୍ଗମାଟି ଅଙ୍ଗେ
ବୋଲ ହୋଇ ଖେଳୁ ବାଳକ ସଙ୍ଗେ
ଏଥି କି, ମାଲପଣ ହୁଅଇ ?
ଏହା ଶୁଣି କ୍ରୋଧେ ଚାଣୂର କହଇ । ୪୫

ତୁମ୍ଭେ ବେନି ବସୁଦେବ ନନ୍ଦନ
ଲୁଚି ରହିଥିଲ ଗୋପ ଭୁବନ
ଏବେହେଁ ଆସି ପଡ଼ିଲ ଭେଟ
ମାରି ପାରିବୁ କରିପାରି କଷ୍ଟ
କାହିଁକି, ଯିବ କହିଲେ ଏହା
ତୁମ୍ଭେ ଯେ ଆମ୍ଭ ନରେଶ-ଦ୍ରୋହେଦା ।୪୬

ଏହା ଶୁଣି ବ୍ରଜନନ୍ଦନ ଭଣି
ବୋଲନ୍ତି ଶୁଣ ହେ ଆମ୍ଭର ବାଣୀ
ଯାହା ବୋଇଲ ଦ୍ରୋହେଦା ତୁମ୍ଭର
ଏକଥା ସତ ଜାଣନ୍ତି ଅମର
କେବଳ, ଆମ୍ଭେ ଶାବକ ପିଲା
ଶତ୍ରୁ ମଇତ୍ର ନ ଜାଣୁ ଆମ୍ଭେ ଭଲା । ୪୭

---

୪୬ । ବସୁଦେବ ନନ୍ଦନ—ବସୁଦେବଙ୍କର ପୁଅ; ଗୋପଭୁବନ—ଗୋପପୁର; ନରେଶ ଦ୍ରୋହେଦା—ଆମ କଂସରାଜାର ଶତ୍ରୁ ।

୪୭ । ବାଣୀ—କଥା; ଦ୍ରୋହେଦା—ଶତ୍ରୁ; ଅମର—ଦେବତାମାନେ; ଶାବକ—ପିଲା ।

Digitized by srujan ka@gmail.com

ତୁମ୍ଭେ ଯେବେ ଆମ୍ଭ ସଙ୍ଗେ ଯୁଝିବ
ଅଧର୍ମ କଲ୍ପ ପରାଏ ଦିଶିବ
ସାକ୍ଷାତେ ଦିଶୁଛ ପର୍ବତ ମତ
ଦେଖି ଡରନ୍ତି ନର ଦଇବତ
                ସମାନ, ଆମ୍ଭେ ହୋଇବୁଁ କେମନ୍ତ
                ତୁମ୍ଭ ସମାନ ବୀର ଲୋଡ଼ ଯାଇ । ୪୮

ଏହା ଶୁଣି ବୋଲେ ଚାଣୁର ମୂଢ଼
ଆହେ ମାଲଗଣ କୃଷ୍ଣଙ୍କୁ ବେଢ଼
ଷଣ୍ଢ଼ ଶକଟା ପୂତନାଦି ଯେତେ
ସବୁଙ୍କୁ ଏହି ମାରିଛି କଷ୍ଟତେ
                ଏଠାରେ, ଏହା କହଇ ଢଙ୍ଗେ
                ଦେଖ, ବୀର ଘଣ୍ଟି ବାନ୍ଧିଛି ଜଙ୍ଘେ । ୪୯

ଏତେ ଭାଷି କୃଷ୍ଣ-ଭୁଜ ଧଇଲା
ଦେଖି ମୁଷ୍ଟିକ ପୃଷ୍ଠରେ ଧାଇଁଲା
ସୀରପାଣିଙ୍କ ଧଇଲା ଆକର୍ଷି
ଅମ୍ବରେ ଦେଖନ୍ତି ଅମ୍ବରବାସୀ
                ଲାଗିଲା, ମହା ପ୍ରବଳ ଯୁଦ୍ଧ
                ରଖ ରଖ ମହୀ କରେ ଶବଦ । ୫୦

---

୪୮ । ଦଇବତ—ଦେବତା ।

୪୯ । କଷ୍ଟେ—ଅକ୍ଲେଶରେ; ଢଙ୍ଗେ—ଛଳେଇକରି ।

୫୦ । ସୀରପାଣି—ହଳଧର ବଳରାମ; (ସୀର ବା ଲଙ୍ଗଳ, ପାଣି ବା ହସ୍ତରେ ଯାହାର); ଅମ୍ବର—ଆକାଶ; ଅମ୍ବରବାସୀ—ସ୍ୱର୍ଗରେ ଥିବା ଦେବତାମାନେ ।

Digitized by srujan ka@gmail.com

ମୂଢ଼େ ନ ଜାଣନ୍ତି ମାଧବ ବଳ
ଅଗାଧ ଜଳେ ଲୋଡଛନ୍ତି ଥଳ
ପ୍ରଚଣ୍ଡ ଅଗ୍ନିରେ ଦଅନ୍ତି ଝାସ
ଭୁଲା ବାଡ଼ ଦ୍ୟନ୍ତି ଦେଖି ବତାସ
ବଜ୍ରକୁ, ଆଡ଼ ଶିଖର ପୃଷ୍ଠ
ବୋଲେ ଭକ୍ତ ଦାସ ମାଲେ ବାଳଣ । ୫୧

---

୫୧ । ମୂଢ଼—ଅଧମ; ବାଳଣ—ମୂର୍ଖ ।

Digitized by srujan ka@gmail.com

ଦ୍ୱାବିଂଶ ଛାନ୍ଦ

(ରାଗ—ଆହାରୀ)

କୃଷ୍ଣ ଚାଣୁର ସମର ଗୁରୁତର ଥରଥର ଧରା ହୋଇଲା ।
କୃଷ୍ଣ ବଳବୀର୍ଯ୍ୟ ଜାଣି ନିଶାଚର ହସ୍ତରେ ମରଣ ହୋଇଲା ।
କାହିଁକ, କଲଟି ରାଜନ-ବଚନ ।
ହର କୋପାନଳ ଅଛନ୍ତି ପ୍ରବଳ ଦହିବ ମୋ ତୃଣ-ଜୀବନ । ୧

ଏତେବେଳେ ଯେବେ ନିସତ ହୋଇବ ନିନ୍ଦା କରିବେ ରାଜାମାନେ ।
ସମରେ ଜୀବନ ହୋଇଲେ ନିଧନ ସୁଖେ ବସିବ ସ୍ୱର୍ଗସ୍ଥାନେ ।
ଏମନ୍ତ, ଭାଳି କରେ ଗାଢ଼ ସମର ।
ମୁଷ୍ଟିକି ମୁଷ୍ଟି ପଡ଼ତାଳ କରନ୍ତେ ଶବଦେ କମ୍ପେ ତିନିପୁର । ୨

ବାହେ ବନ୍ଧାବନ୍ଧ ମୁଣ୍ଡେ କୋଡ଼ାକୋଡ଼ି ହୁଆକୁ ହୁଆ ପ୍ରହାରନ୍ତି ।
ଜାନୁକୁ ଜାନୁ ପାଦକୁ ପାଦ ଛନ୍ଦି ପଡ଼ି ଉଠି ପୁଣି ଗଡ଼ନ୍ତି ।
ନାସିକା, ପବନ କି ଅବା ବତାସ ।
ଅଙ୍ଗକୁ ଅଙ୍ଗ ଠେସା ଠେସି ହୁଅନ୍ତେ ବାହାର ହୁଅଇ ହୁତାଶ । ୩

---

୧ । ସମର—ଯୁଦ୍ଧ; ଧରା—ପୃଥିବୀ; ନିଶାଚର—ରାକ୍ଷସ ଚାଣୂର; ରାଜନ ବଚନ—ରାଜା କଂସର କଥା; କୋପାନଳ—କ୍ରୋଧରୂପକ ଅଗ୍ନି; ମୋ ତୃଣ-ଜୀବନ—ମୋର ଜୀବନରୂପକ ତୃଣକୁ ।

୨ । ନିସତ—ଦୁର୍ବଳ; ମୁଷ୍ଟି—ହାତମୁଠା; ପଡ଼ତାଳ—ପ୍ରତିତାଳ—ପାହାର; ତିନିପୁର—ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।

୩ । କୋଡ଼ାକୋଡ଼ି—ଘଷାଘଷି ; ହୁଆକୁ ହୁଆ—ଘୁଷିକୁ ଘୁଷି; ଜାନୁ—ଜଙ୍ଘ; ବତାସ—ପ୍ରବଳ ପବନ; ହୁତାଶ—ନିଆଁ ।

Digitized by srujan ka@gmail.com

ଯେତେ ସାଧନ କଂସକୁ କହୁଥିଲେ ସେ କାହିଁ ହୋଇଲା ଅନ୍ତର ।
କୁଳବଧୂ ଯେହ୍ନେ ବଭଳିତ ହୋଇ କେ କଲେ ମୋହିନୀ ମନ୍ତ୍ର ।
ଗୋବିନ୍ଦ, ଉଙ୍ଗ ଲଗି ହେଲା ଚେତନ ।
ମତ୍ତ ନକୁଳକୁ ନୟନେ ଦେଖିଲେ ମୃତ୍ତିକା-ମାର୍ଜାର ଯେସନ ।୪।

ବିଷ୍ଣୁ-ରଥ ଘାତ ପାଇଲେ ଯେମନ୍ତ ନସତ ହୁଅଇ କୁଣ୍ଡଳୀ ।
ମତ୍ତ ଦ୍ୱିପିନ ହମ୍ମୁଖେ ପଡ଼ିଗଲେ ଯେହ୍ନେ କାତର ହୋଏ ଛେଳି ।
ମାତଙ୍ଗ, ସଙ୍ଗରେ କିବା ଯୁଝେ ଖର ।
ବନପତି ସଙ୍ଗେ ଗୁର ଶଶା ସମ ମୂଷିକ ମାର୍ଜାର ସଙ୍ଗର ।୫।

ବକ ଶାମଳ କାହିଁ ସମ ହୋଇବେ ସମୁଦ୍ର ସଙ୍ଗେ କ୍ଷୁଦ୍ର ନଦୀ ।
ଶ୍ୟେନ ସଙ୍ଗରେ ଆନ ଖଗ ତୁଲ କି, ନରେଶ ସଙ୍ଗେ ଜମ୍ଭଭେଦୀ ।
ତେମନ୍ତ, କୃଷ୍ଣ ସଙ୍ଗେ ଦୁଷ୍ଟ ଅସୁର ।
ବେଳକୁ ବେଳ ବଳ କ୍ଷୀନ ହୋଇଲା ନସତେ ହୋଇଛୁ ଜର୍ଜର ।୬।

---

୪ । ସାଧନ—ମାଲବିଦ୍ୟାର କୌଶଳ; ବଭଳିତ—ବିହ୍ୱଳିତ—ବିଚଳିତ ମନ; ମୋହନ ମନ୍ତ୍ର—ଯେଉଁ ମନ୍ତ୍ରରେ ଲୋକ ମୁଗ୍ଧ ହୋଇଯାଏ; ମତ୍ତ ନକୁଳ—ମତୁଆଲ ନେଉଳ; ମୃତ୍ତିକାମାର୍ଜାର—ମାଟିବିରାଡ଼ି—ସାପ ।

୫ । ବିଷ୍ଣୁରଥ—ବିଷ୍ଣୁଙ୍କ ବାହନ ଗରୁଡ଼; ନସତ—ବଳହୀନ; କୁଣ୍ଡଳୀ—ସାପ; ଦ୍ୱୀପିନ—ବାଘ; ମାତଙ୍ଗ—ହାତୀ; ଖର—ଗଧ; ବନପତି—ସିଂହ; ମାର୍ଜାର—ବିରାଡ଼ି । (ଏଠାରେ କୃଷ୍ଣଙ୍କୁ ଗରୁଡ଼, ବାଘ, ହାତୀ, ସିଂହ, ବିରାଡ଼ି ସଙ୍ଗେ ଓ ଶତ୍ରୁଙ୍କୁ ଯଥାକ୍ରମେ ସାପ, ଛେଳି, ଗଧ, ଶଶା ଓ ମୂଷା ସଙ୍ଗେ ତୁଳନା କରାଯାଇଅଛି ।)

୬ । ଶାମଳ—ଷଞ୍ଚାଣ ପକ୍ଷୀ; ଶ୍ୟେନ—ବାଜପକ୍ଷୀ; ଖଗ—ପକ୍ଷୀ; (ଖ ଅର୍ଥାତ୍ ଆକାଶରେ ଯେ ଗମନ କରେ); ଜମ୍ଭଭେଦୀ—ଇନ୍ଦ୍ର; କ୍ଷୀନ—କ୍ଷୀଣ; ଜର୍ଜର—ଛଡ଼ା ।

Digitized by srujan ka@gmail.com

ଦେଖି ପୁର ନର ନାରୀ ବିସ୍ମରନ୍ତି କଂସ ଠାରୁ ନାହିଁ ଦାରୁଣ ।
କହିଁ ସୁଖଶିରୀ ଅର୍ଜିବ ଏ ନନ୍ଦ—ନନ୍ଦନ ଦୁହିଁଙ୍କ ମାରଣ ।
ଦଇବ, ଧର୍ମ ଯେବେ ସତ ହୋଇବ ।
ରାମ ଗୋବିନ୍ଦଙ୍କୁ ସଙ୍କଟୁ ରଖିବ, କଂସକୁ ସମ୍ପୋତ୍ତେ ଦଣ୍ଡିବ ।୭।

ମଞ୍ଚାରେ ଅନାଇ ଜନକ ଜନନୀ ହୃଦରେ କରନ୍ତି ବିଚାର ।
କରିବୁଁ ନାନା ଦାନ ଦେବଅର୍ଚ୍ଚନା ଏଥର ବଞ୍ଚିଲେ କୁମର ।
ବ୍ରାହ୍ମଣ, ମୁଖେ ଦେବୁଁ ମିଷ୍ଟ ଭୋଜନ ।
ଏତେ ଭାଳି ନେତ୍ରୁଁ ଲୋତକ ବରଷେ ମସ୍ତକ ଲମ୍ବାଇ ଆନନ ।୮।

ଛାତି ମାତି ନର ନାରୀଙ୍କ ବିକଳ ଜାଣିଲେ ଜଗତ ଜୀବନ ।
ମତ୍ତ ମାଲଶିରେ ମୁଥ ପ୍ରହାରିଲେ ଗିରି ପରେ ବଜ୍ର ଯେସନ ।
ଶବଦ, ଶୁଣି ରଙ୍ଗ-ସଙ୍ଗ ଚମକ ।
ବୀରମାନଙ୍କର ମନେ ପ୍ରତେ ହେଲା ଯମରାଜା ବିଜେ କଲା କି ? ।୯।

ଗୋବିନ୍ଦ ପ୍ରହାର ବାଜି ଝର ଝର ଶ୍ରୋଣି ବହେ ଫାଟି ମୂର୍ଦ୍ଧନ
ଜ୍ଞାନ ହାରି ମଲ୍ଲ ଉପରେ ଶୋଇଲା ଆନନ୍ଦ ହେଉଛନ୍ତି ଅବନୀ ।
କ୍ଷଣକେ, ପୁଣି ଚେତା ପାଇ ଉଠିଲା ।
ଗୋପୀନାଥ ଶିରେ ବଜ୍ର ସମ କରି ମୁଷ୍ଟିଏ ନେଇ ପ୍ରହାରିଲା ।୧୦।

---

୭ । ଦାରୁଣ—ନିର୍ଦ୍ଦୟ; ସଙ୍କଟ—ଘୋର ବିପଦ; ସମ୍ପୋତ୍ତେ—ଅକ୍ଳେଶରେ, ଅବହେଳାରେ ।

୮ । ଜନକ ଜନନୀ—ନନ୍ଦ ଯଶୋଦା, ବସୁଦେବ ଦେବକୀ; କୁମର—ପୁତ୍ର; ଆନନ—ମୁହଁ ।

୯ । ଗିରି·····ଯେସନ—ପର୍ବତ ଉପରେ ବଜ୍ର ପଡ଼ିଲା ପରି; ପ୍ରତେ—ପ୍ରତ୍ୟୟ—ବିଶ୍ୱାସ ।

୧୦ । ଶ୍ରୋଣି—ଶୋଣିତ, ରକ୍ତ; ମୂର୍ଦ୍ଧନ—ମୂର୍ଦ୍ଧା, ମୁଣ୍ଡ; ଅବନୀ—ପୃଥିବୀ ।

Digitized by srujan ka@gmail.com

ମତ୍ତ ହସ୍ତୀକି କୁସୁମମଣ୍ଡା ପ୍ରହାରିଲେ ସେ ହୁଅଇ ଯେମନ୍ତ ।
ସେହିରୂପେ କୃଷ୍ଣ ଅଙ୍ଗକୁ ଲାଗିଲା ଦୁଷ୍ଟ ରାକ୍ଷସ ମୁଷ୍ଟିଘାତ ।
ସେ ଘାତ, ସହି ଦକ୍ଷ କରେ ଧଇଲେ ।
ଚନ୍ଦ ଗତି କରି ବୁଲାଇ ନିର୍ଘାତ କରି ଭୂମିରେ କଚାଡ଼ିଲେ ।୧୧।

ଛାଡ଼ିଲା ଜୀବନ ହୋଇଗଲା ଲୀନ ଗୋବିନ୍ଦ ଶ୍ରୀଅଙ୍ଗ ଦେଶରେ ।
କାମନା ଦହିଲା, ଶାନ୍ତିକି ବହିଲା, ପାତକ ଖଣ୍ଡିଲା ସତ୍ୱରେ ।
ପାମର, ମହିମା ନାହିଁକି କାଳରେ ।
ଶତ୍ରୁ ଭାବରେ ଶ୍ରୀକୃଷ୍ଣ କରେ ମଲା, ରହିଲା ଅପୂର୍ବ ଧାମରେ ।୧୨।

ଚାଣୂର ନିଧନ ଦେଖି ଚମ ଚମ ହୋଇଲେ ରୋହିଣୀ ନନ୍ଦନ ।
ମୁଷ୍ଟିକ ମୁଣ୍ଡରେ ମୁଷ୍ଟି ପ୍ରହାରିଲେ ଗିରିଶିରେ ବଜ୍ର ଯେସନ ।
ଫାଟିଲା, ମୂର୍ଦ୍ଧନ ଛାଡ଼ିଲା ପ୍ରାଣକୁ ।
ପାଇଲା ସୁଗତି ପରମ ସମ୍ପତ୍ତି ହରିଲା କଳୁଷ ଭାରକୁ ।୧୩।

ଅସୁରକୁ ମାରି ଅସୁର-ବଇରି ମୁହୂର୍ତ୍ତେ ବିଶୋଇ ନାହାନ୍ତି ।
କୂଟ୍‌କୂଟ ନାମେ ଏକ ଦୈତ୍ୟ ପ୍ରବେଶ ହୋଇଲା ରାମଚନ୍ଦ୍ର କତି ।
ତାହାକୁ, ମୁଷ୍ଟି ଘାତେ ରାମ ମାଇଲେ ।
ଆଉ ଯେତେ ମାଲେ ପ୍ରଖରେ ଧାଇଁଲେ ସେହି ତାହାଙ୍କ ସଙ୍ଗେ ଗଲେ ।୧୪

---

୧୧ । ଦକ୍ଷକର—ଡାହାଣ ହାତ; ନିର୍ଘାତ—ନିଷ୍ଠୁର ।

୧୨ । ଲୀନ ହେଲା—ମିଶିଗଲା; କାମନା—ସଂସାରିକ ବାସନା; ପାତକ—ପାପ ; ସତ୍ୱରେ—ଶୀଘ୍ର, ତତ୍‌କ୍ଷଣାତ୍ ; ପାମର—ଅଧମ; ଶତ୍ରୁଭାବରେ—ଶତ୍ରୁରୂପେ; ଅପୂର୍ବ ଧାମରେ—ବୈକୁଣ୍ଠପୁରରେ ।

୧୩ । ନିଧନ—ବିନାଶ, ମରଣ ; ରୋହିଣୀ-ନନ୍ଦନ—ବଳରାମ ; ଚମତମ—ଚକିତ । ସୁଗତି—ଉତ୍ତମ ଗତି ବା ମୁକ୍ତି; କଳୁଷଭାର—ପାପଭାର ।

୧୪ । ବଇରି - ଶତ୍ରୁ ; ବିଶୋଇବା—ବିଶ୍ରାମ ନେବା ; କତି—ପାଖରେ ।

Digitized by srujan ka@gmail.com

ଦେଖି କଂସାସୁର କମ୍ପେ ଥରହର ବୋଲଇ ଶୁଣ ହେ ଉଗରେ ।
ନନ୍ଦ ଯଶୋଦା ଦେବକୀ ବସୁଦେବ ବହନ ବସାଅ ଶୂଳୀରେ ।
ଯେତେକ, ଯାଦବ ସବୁଙ୍କୁ ହାଣ ।
ରାମ କୃଷ୍ଣ ଦୁଇ ଭାଇଙ୍କ ସନ୍ଧାତେ ମୂର୍ଦ୍ଧି ପେଷିବ ଯମ ପାଶ ।୧୫।

ଏହା ଶୁଣି ହରି ଧାଇଁଲେ କେଶରୀ ଯେସନେ ଧରଇ ମୃଗକୁ ।
କବା ଖଗବର ଫଣୀକି ଗ୍ରାସିଲା ଫଣୀ ଗ୍ରାସିଲାକି ବେଙ୍ଗକୁ ।
ତେମନ୍ତ, ପରସ୍ପେ ଝାମ୍ପିଲେ ମୋହନ ।
ମଞ୍ଚାରେ ଉଠିଲେ ଦେଖି କଂସବୀର କୃପାଣ ଧଇଲା ବହନ ।୧୬।

ଧାଇଁ ପୀତବାସ ବାମ କରେ କେଶ ଧଇଲେ ହୋଇ କୋପମୂର୍ତ୍ତି ।
ଦଇତ ଦଇତାରି ମୁଖ ଅନାଇ ଜୀବନ ଛାଡ଼ିଲା ତଡ଼ନ୍ତ ।
ନିର୍ବାଣ, ମୁକତି ପଥରେ ପଶିଲା ।
ଅଶେଷ ଜନ୍ମର କଲ୍ମଷ ଯେତେକ ଗୋବିନ୍ଦ-ଦର୍ଶନେ ନାଶିଲା ।୧୭

କଂସ କବରୀ ଧରି ବ୍ରଜସୁନ୍ଦର ଡେଇଁଲେ କେଶରୀ ପରିରେ ।
ତଳେ ପଡ଼ିଲେ କଂସକୁ ତଳ କରି ଶାମଳ କି ବକ ଉପରେ ।
ଯତନେ, ବୋଲନ୍ତି ଜଗତ ଜୀବନ ।
ଛାଡ଼ ଛାଡ଼ ମାମୁ ଉଚିତ ନୁହଇ ମୁଁ ତୁମ୍ଭ ବହିଣୀ ନନ୍ଦନ ।୧୮।

---

୧୫ । ବହନ—ଶୀଘ୍ର; ସନ୍ଧାତେ—ସହିତ; ପେଷିବ—ପଠାଇବ ।

୧୬ । କେଶରୀ—ସିଂହ ; ଖଗବର—ଗରୁଡ଼ ; ଫଣୀ—ସର୍ପ ; କୃପାଣ—ଖଣ୍ଡା ।

୧୭ । ଦଇତ—ଅସୁର କଂସ; ଦଇତାରି—ଅସୁରକୁଳର ଶତ୍ରୁ, ଶ୍ରୀକୃଷ୍ଣ; ତଡ଼ନ୍ତ—ଶୀଘ୍ର, ତତ୍କ୍ଷଣାତ୍; ନିର୍ବାଣ ମୁକ୍ତି—ଯେଉଁ ମୁକ୍ତି ପାଇଲେ ସାଂସାରିକ ବିଷୟବାସନାରୁ ନିବୃତ୍ତି ମିଳେ ।

୧୮ । କବରୀ—ବାଳଫେଣ୍ଟା ; କେଶରୀ ପରିରେ—ସିଂହ ଭଳି; ଶାମଳ—ସଞ୍ଚାଣ ; ବହିଣୀ ନନ୍ଦନ—ଭଉଣୀର ପୁଅ ଅର୍ଥାତ୍ ଭଣଜା; (ବହିଣୀ—ଭଗିନୀ) ।

Digitized by srujan ka@gmail.com

ଘୁଡ଼ିଲେ ବାଳ ନାଚନ୍ତି ନନ୍ଦବାଳ ସଙ୍ଗରେ ଗୋପାଳଶାବକ ।
କୁସୁମ ବରଷି ଜୟ ଜୟ ଭଣି ଆନନ୍ଦ ହେଲେ ତିନ ଲୋକ ।
ଗନ୍ଧର୍ବେ, ଗାଇଲେ, ନାଚିଲେ କନ୍ନର ।
ବୈଶ୍ୱାନର ଶିଖାମାନ ପ୍ରକାଶିଲ ସଧୀରେ ବହିଲ ସମୀର ।୧୯।

ବିଦ୍ୟାଧର କୁଳ ହରଷ ହୋଇଲେ ସ୍ତୁତି କରଇ ବେଦବର ।
ବସୁମତୀ ମତି ଯାହା ହେଉଅଛି ତାହା ଜାଣନ୍ତି ଗଦାଧର ।
ବରୁଣ, କୁବେର, ଅରୁଣ, ଶଶାଙ୍କ,
ଅତି ଆନନ୍ଦରେ ନିମଗ୍ନ ହୋଇଲେ, ଶଙ୍କା ଛାଡ଼ି ହେଲେ ନିଶଙ୍କ ।୨୦

କୃତ୍ତିବାସ ରଙ୍ଗେ ତାଣ୍ଡବ କରନ୍ତି ସହିଲ ଯହୁଁ ଦୁଃଖଭାର ।
ଅଙ୍ଗ ଉଲ୍ଲସାଇ କୁଳିଶଧାରଣ ମୁଖ କଲ ପଦ୍ମ ଆକାର ।
ଗୋବିନ୍ଦ, ରଖିଲେ ସକଳ ଅମର ।
ବୋଲେ ବଇରାଗୀ ଭଗତ ଚରଣ ଜନଙ୍କ ସମ୍ପଦ ସାଗର ।୨୧ ।

———

୧୯ । ଗୋପାଳ ଶାବକ—ଗଉଡ଼ ପୁଅମାନେ; କୁସୁମ—ଫୁଲ; ତିନ ଲୋକ—ତିନିପୁର; ଗନ୍ଧର୍ବ, କନ୍ନର—ଦେବଯୋନି ବିଶେଷ; ବୈଶ୍ୱାନର—ଅଗ୍ନି; ସମୀର—ପବନ ।

୨୦ । ବିଦ୍ୟାଧର—ଦେବଯୋନି ବିଶେଷ ; ବେଦବର—ବ୍ରହ୍ମା ; ବସୁମତୀ—ପୃଥିବୀ; ମତି—ମନ ; ଗଦାଧର—ଶ୍ରୀକୃଷ୍ଣ (ଏହି ଗଦାର ନାମ କୌମଦକୀ); ଅରୁଣ—ସୂର୍ଯ୍ୟ; ଶଶାଙ୍କ—ଚନ୍ଦ୍ର; ନିଶଙ୍କ—ନିର୍ଭୟ ।

୨୧ । କୃତ୍ତିବାସ—ଶିବ; ତାଣ୍ଡବ—ଭୟଙ୍କର ନୃତ୍ୟ ; କୁଳିଶ—ବଜ୍ର; କୁଳିଶଧାରଣ—ବଜ୍ରଧର, ଇନ୍ଦ୍ର ।

Digitized by srujan ka@gmail.com

ତ୍ରୟୋବିଂଶ ଛାନ୍ଦ

(ରାଗ – ଦେଶାକ୍ଷ । ମଧୁପ ଚଉତ୍ତଶା ବାଣୀ)

କଂସ ନିଧନ ସତ୍ତୁଁ ଦେଖିଲେ
ରାଜାମାନେ ବେଗେ ପଳାଇଲେ
କଙ୍କ ଧଙ୍କ ଶତ୍ରଜିତ ମହାସେନ
ରାମକୃଷ୍ଣଙ୍କୁ ଯାଇ ବେଢ଼ିଲେ ସେ । ଅସୁରେ ।୧।

ଦେଖି ଧାଇଁଲେ କାଳନ୍ଦୀଭେଦୀ
ବୃତ୍ରଯୁଦ୍ଧେ ଯେହ୍ନେ ଜମ୍ଭଭେଦୀ
ଲୋହ ମୁଷଳ ଉଗ୍ର ହୋଇ ପିଟିଲେ
ମଲେ ଗଲେ ସେ ଶମନ ଭୂମି ସେ । ଅସୁରେ ।୨।

ରାଣୀମାନେ ଯେ ଥିଲେ ସଦନେ
ଲୋକେ କହିଲେ, ମଲେ ରାଜନେ
ଶୁଣି ରାଜାସୁଣୀ ଧାଇଁଲେ ବହନ
ଯାଇ ହେଲେ କାନ୍ତ ସନ୍ନିଧାନେ ସେ । ସୁନ୍ଦରୀ ।୩।

---

୧ । କଙ୍କ—କଂସର ଭାଇ; ଧଙ୍କ, ଶତ୍ରଜିତ, ମହାସେନ—ଏମାନେ କଂସର ପକ୍ଷପାତୀ ଥିଲେ ।

୨ । କାଳନ୍ଦୀଭେଦୀ—ବଳରାମ (ଯେ କାଳନ୍ଦୀ ବା ଯମୁନାକୁ ଲଙ୍ଗଳରେ ହଳ କରିଥିଲେ) । ବୃତ୍ର—ଏହି ଅସୁରର ଅତ୍ୟାଚାର ହେତୁ ଇନ୍ଦ୍ର ଏହା ସଙ୍ଗେ ଯୁଦ୍ଧ କରି ଏହାକୁ ବଧ କରିଥିଲେ । ଜମ୍ଭଭେଦୀ—ଇନ୍ଦ୍ର; ଶମନଭୂମି—ଯମପୁର ।

୩ । ବହନ –ଶୀଘ୍ର; କାନ୍ତ ସନ୍ନିଧାନ—ପତି ନିକଟକୁ ।

Digitized by srujan ka@gmail.com

କୋଳେ ଧରି ମୃତ କଳେବର
ମୁଖ ଚୁମ୍ବି ହୋଇ ସ୍ନେହଭର
ଉଚ୍ଚସ୍ୱରେ କାନ୍ଦ କରେ କର ଛନ୍ଦ
ଆହା ସ୍ୱାମି ବୋଲି ନେତ୍ରୁ ଧାର ସେ । ସୁନ୍ଦରୀ ।୪

ଗୁଣ ବାଉନନ୍ତି ଏକେ ଏକେ
ହସ୍ତ ଅଙ୍ଗୁଳ ଭରନ୍ତି ମୁଖେ
ନାସା ଶ୍ରବଣ ଅଙ୍ଗୁଷ୍ଠି ଚିହ୍ନ ଦେଖି
ବାଳୀ ମଧ୍ୟରେ ପଡ଼ନ୍ତି ଥୋକେ ସେ । ଅସୁଖୀ ।୫

ରାଣୀ ବୋଇଲା, ଶୁଣ ସଙ୍ଘାତ
କଷ୍ଟେ ନାଶିଲେ ମୋହର କାନ୍ତ
ଶରୀରେ କିଛି ଶସ୍ତ୍ର ଘାତ ନାହିଁ
କେମନ୍ତେ ମାଇଲେ ନନ୍ଦର ସୁତ ଗୋ । ସୁନ୍ଦରୀ ।୬

ଶୁଣି ବୋଇଲା ଆଉ ଚତୁରୀ
ପୂତନାକୁ ମାଇଲେ କି କରି
ସେହିମତ ଅବା ଯଶୋଦାବାଳକ
ପ୍ରାଣନାଥ ପ୍ରାଣ ନେଲେ ହରି ଗୋ । ସୁନ୍ଦରୀ ।୭

---

୪ । କଳେବର—ଶରୀର ।

୫ । ନାସା—ନାକ; ଶ୍ରବଣ—କାନ; ଅଙ୍ଗୁଷ୍ଠି—ଆଙ୍ଗୁଠି; ବାଳୀ—ନାରୀ ।

୬ । ସଙ୍ଘାତ—ସଙ୍ଗାତ; କାନ୍ତ—ସ୍ୱାମୀ; ଶସ୍ତ୍ର=ଶସ୍ତ ।

୭ । ଚତୁରୀ—ବୁଦ୍ଧିମତୀ ନାରୀ; ପ୍ରାଣନାଥ—ସ୍ୱାମୀ ।

Digitized by srujan ka@gmail.com

ଏତେ କଷ୍ଟ କରନ୍ତି ବେଦନ
ଭଙ୍ଗି ପକାଇଲେ ଚୂଡ଼ିମାନ
କେଶ ବାସ ସବୁ ଅଶୋଭ୍ୟ ଦିଶିଲା
ପ୍ରାଣ ବହୁନେ ପିଣ୍ଡ ଯେସନ ସେ । ସୁନ୍ଦରୀ ।୮

ଆହା ସ୍ୱାମୀ ବୋଲି କେହୁ ପଡ଼େ
ବାହୁ-ମୃଣାଳ ହୃଦରେ କୋଡ଼େ
ଆହେ ପ୍ରାଣେଶ୍ୱର ମଥ୍‌ରାଣେଶ୍ୱର
ବୋଲି ମୃତ ପିଣ୍ଡ କେହୁ ଭିଡ଼େ ସେ । ସୁନ୍ଦରୀ ।୯

ଧାତା କାହିଁକି ଏମନ୍ତ କଲା
କହିଁ ଦୋଷକୁ କ୍ରୋଧ ବହିଲା
ପୁବାକାଳେ ଆଣି ବିଧବା କରାଇ
କହିଁ ସୁଖନିଶି ଅରଜିଲା ସେ । ଦଇବ ।୧୦

ଦୁଖୀ ନ ଥିବେ ଆମ୍ଭ ସମାନେ
ଖୋଜ ଆସିଲେ ତିନ ଭୁବନେ
ଏ ଘୃଣ ଜୀବନ କାହିଁକି ରହିଛି
କାନ୍ତ ସଙ୍ଗେ ନ ଯାଇ ଶମନେ ହେ । ଦଇବ ।୧୧

---

୮ । କେଶ—ବାଳ; ବାସ—ବସନ, ଲୁଗା; ଅଶୋଭ୍ୟ—ଅସୁନ୍ଦର; ପିଣ୍ଡ – ଦେହ ।

୯ । ବାହୁ ମୃଣାଳ—ମୃଣାଳ ବା ପଦ୍ମନାଳ ସଦୃଶ ବାହୁ ।

୧୧ । ତିନ ଭୁବନ—ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ; ଶମନ—ଯମ ।

Digitized by srujan ka@gmail.com

ଯାକୁ ଦଣ୍ଡେ ନ ଦେଖିଲେ ମରୁ
ଆସିବାକୁ ବୃନ୍ଦ ଥାଉଁ ଦୂରୁ
ଏବେ ସେ ସକଳ ସୁଖ ଦୁର ଗଲା
ଯେ୍ହୁ ଛେଦିଲେ ନ ଲାଗେ ତରୁ ହେ । ଦଇବ ।୧୨

ଆହା କ୍ଷତ୍ରିୟକୁଳଈଶ୍ୱର
କର୍ଣ୍ଣ ! ଦୁଖ ନ ଶୁଣ ଆମ୍ଭର
ବ୍ରଜହୁଁ କଠିନ ହୃଦୟ ତୁମ୍ଭର
ମୁଦ୍ଧ ଉଚ୍ଛଳ ମଧୁର ଗିର ହେ । ହେ ନାଥ ।୧୩

ଯୁଦ୍ଧ ନ କରି ଜିଣିଲ ଦେଶ
ଡରି ଅମରେ ଚେଜିଲେ ବାସ
ରଣ ଛାଡ଼ି ରଣରଙ୍କାଏ ପଳାନ୍ତି
କର୍ଣ୍ଣେ ଶୁଣି ତୁମ୍ଭ ଧନୁ ଘୋଷ ହେ । ହେ ନାଥ ।୧୪

ତିନ ଭୁବନେ ପଡ଼ିଲା ଡରି
ନାମ ଶୁଣି ଦଣ୍ଡପାଣି ଡରି
ଅଇରି କୁଳକୁ କାଳ-ଦଇବତ
ପାଦ ବାଜ କମ୍ପେ ବସୁନ୍ଧରା ହେ । ହେ ନାଥ ।୧୫

---

୧୨ । ତରୁ—ଗଛ; ଗଛକୁ ଥରେ ହାଣି ଦେଲେ ସେ ଆଉ ଲୋଡ଼ ହୁଏନାହିଁ ।

୧୩ । କ୍ଷତ୍ରିୟକୁଳଈଶ୍ୱର—କ୍ଷତ୍ରିୟମାନଙ୍କରେ ଶ୍ରେଷ୍ଠ ; ଗିର—କଥା ।

୧୪ । ଅମରେ—ଦେବତାମାନେ; ବାସ—ଘର ଅର୍ଥାତ୍ ସ୍ୱର୍ଗପୁର; ରଣରଙ୍କା—ଯୁଦ୍ଧପ୍ରିୟ ବୀର; ଘୋଷ—ଧ୍ୱନି, ଶବ୍ଦ ।

୧୫ । ଦଣ୍ଡପାଣି—ଦଣ୍ଡ ପାଣିରେ (ହସ୍ତରେ) ଯାହାର ଅର୍ଥାତ୍ ଯମ; ଅଇରି କୁଳକୁ—ଶତ୍ରୁମାନଙ୍କ ପ୍ରତି; କାଳଦୈବତ—ଯମ ଦେବତା; ବସୁନ୍ଧରା—ପୃଥିବୀ ।

Digitized by srujan ka@gmail.com

ଏବେ ସେମାନ ଦୂରକୁ ଗଲ
ମୁଖ ନ କର ଶିଶୁ ମାଇଲା
ଏଡ଼େ ଅକୀର୍ତ୍ତି ବଡ଼ ଲାଜ ହୋଇଲା
ଜ୍ୟେଷ୍ଠ ରାଣୀ ଏମନ୍ତ କହିଲା ସେ । ସୁନ୍ଦରୀ ।୧୬

ଦୈତ୍ୟ ରାଣୀ କରଇ ବିଳାପ
ଶତ୍ରୁ ଲଭି ଅନ୍ତ ଘୋର ତାପ
କଂସ ମୃତ କରି ହୃଦରେ ନବେଶି
ବୋଲେ କ କଲୁ ଜଗତବାପ ସେ । ସୁନ୍ଦରୀ ।୧୭

ଆହା ମହାଷଣ୍ଢୀ ବୀରବର
ତୋତେ ଦେଖି ଡରେ ସୁନାସୀର
ମତ୍ତ ଅହି ହୋଇ ଅଗ୍ରଗ୍ୟ ବେଳକୁ
ଏବେ ହୋଇଲ ମାଟି ମାର୍ଜାର ହେ । ଶ୍ରୀ ଦେବ ।୧୮

ହିତ କହିଲେ ଖଙ୍ଗ ବୁଝିଲ
ପାତ୍ର ମନ୍ତ୍ରୀଙ୍କ ବୋଲ ନ କଲ
ତାଙ୍କ ସୁଖେ ସେ ଗୋପରେ ରହୁଥିଲେ
ଦୂତ ପେଷି କପଟା ଅଣାଇଲ ହେ । ଶ୍ରୀ ଦେବ ।୧୯

---

୧୬ । ଅକୀର୍ତ୍ତି—ଅପକୀର୍ତ୍ତି, ନିନ୍ଦା ।
୧୭ । ହୃଦରେ ନବେଶି—ଛାତିରେ ରଖି; ଜଗତବାପ – ଲୋକ ପିତା, ବ୍ରହ୍ମା ।
୧୮ । ସୁନାସୀର – ଇନ୍ଦ୍ର; ଅହି – ସର୍ପ; ମାଟିମାର୍ଜାର— ମାଟି ବିରାଡ଼ି—ସାପ ।
୧୯ । ହିତ—ଭଲକଥା; ଖଙ୍ଗ—ଖରାପ, ମନ୍ଦ; ବୋଲ—ଉପଦେଶ ।

Digitized by srujan ka@gmail.com

ଆଗେ ପେଷିଲ ଯେତେ ଅସୁର
ତାଙ୍କୁ ମାଇଲେ ବେନ ସୋଦର
ତାହା ଜାଣୁ ଜାଣୁ ଏହା କାହିଁ କଲ
ଜାଣିଥିଲ କି ସମାନ ବାଳ ହେ । ଘ୍ରେ ନାଥ ।୧୦

ଅହି ଅତି କ୍ଷୁଦ୍ର ହୋଇଥାଇ
ବଳ ଭିତରୁ ବାହାର ନୋହି
ତା ସମ୍ମୁଖେ ଯେବେ ମଣ୍ଡୁକା ପଡ଼ଇ
ଫେଣ ଟେକି ଗର୍ଜି କାମୁଡ଼ଇ ହେ । ଘ୍ରେ ଦେବ ।୧୧

ସେହି ରୂପେ ସେ ନନ୍ଦର ବଳା
କାଳ ଉରଗ ପରାୟେ ହେଲା
ସଦନୁ ବାହାରି ମାମୁଙ୍କୁ ସଂହାରି
କାଳେ କାଳେ କୀର୍ତ୍ତି ରୁହାଇଲା ହେ । ଘ୍ରେ ଦେବ ।୧୨

କାହା ସଙ୍ଗରେ ପଶା ଖେଳିବୁଁ
କାହା ଅଙ୍ଗେ ଚନ୍ଦନ ବୋଳିବୁଁ
କାହା ଆସିବାକୁ ଦ୍ୱାରବନ୍ଧ ଧରି
ଆମ୍ଭେ ପ୍ରଣପ୍ରଣ ରହିଁଥିବୁଁ ହେ । ଘ୍ରେ ଦେବ ।୧୩

---

୧୦ । ସୋଦର—ଭାଇ; ସମାନ ବାଳ—ସାମାନ୍ୟ ବାଳ ।

୧୧ । ଅହି—ସର୍ପ ; ବଳ—ଗାତ ; ସମ୍ମୁଖେ—ଆଗରେ ; ମଣ୍ଡୁକା—ବେଙ୍ଗୁଲି ।

୧୨ । ନନ୍ଦର ବଳା—ନନ୍ଦର ପୁଅ; କାଳ ଉରଗ—ସାପଛୁଆ; ସଦନୁ—ଘରୁ; ସଂହାରି—ମାରି; ରୁହାଇଲା— ରଖାଇଲା ।

Digitized by srujan ka@gmail.com

ତାହାପାଇଁ କରିବୁ ରନ୍ଧନ
ନାନା ବ୍ୟଞ୍ଜନ ସହିତେ ଅନ୍ନ
ତାହାକୁ ତୃପତେ କରି ଭୁଞ୍ଜାଇବୁଁ
ତାହା ପଛେ କରିବୁଁ ଭୋଜନ ହେ ! ହେ ଦେବ।୨୪

ତାହା କରେ ପାନ ଗୁଣ୍ଡି ଦେବୁଁ
ତାହାପାଇଁ ବସ୍ତ୍ର କୁଞ୍ଚୁଥିବୁ
ତାହାକୁ ଅନାଇ ଉଭା ହୋଇଥିବୁଁ
ତାହାକୁ ପଙ୍ଖା ଆମ୍ଭେ କରିବୁଁ ହେ । ହେ ଦେବ ।୨୫

ତାହାପାଇଁ ଶଯ୍ୟା ଶେଯାଇବୁଁ
ତାହା ଅଙ୍କେ ନଶଙ୍କେ ବସିବୁଁ
ତାହା ସଙ୍ଗେ ନାନା କଉତୁକ କରି
ହସିବସି ଆନନ୍ଦେ ବଞ୍ଚିବୁଁ ହେ । ହେ ଦେବ ।୨୬

ପୁଷ୍ପେ ମଣ୍ଡିବୁଁ ତାହାର ଶିର
ତାହା କଣ୍ଠରେ ଖଞ୍ଜିବୁଁ ହାର
ସେମାନ ଏବେ ଆଜି ଶୂନ୍ୟ ହୋଇଲା
ସାର ହୋଇ ହୋଇଲୁଁ ଅସାର ହେ । ହେ ଦେବ ।୨୭

---

୨୪ । ବ୍ୟଞ୍ଜନ—ତରକାରି ; ତୃପତେ—ସନ୍ତୋଷେ ;
ଭୁଞ୍ଜାଇବୁ—ଖୁଆଇବୁ ।
୨୫ । ଉଭା—ଠିଆ ।
୨୬ । ଅଙ୍କେ—କୋଳରେ; ହସିବସି—ସୁଖ ।

Digitized by srujan ka@gmail.com

ସରୁ ବସନ କେ ପିନ୍ଧାଇବ
ନାନା ଅଳଙ୍କାର ଖଞ୍ଜାଇବ
କାହାକୁ ଅପୂର୍ବ ପଦାର୍ଥ ମାଗିଲେ
ମନ ଜାଣି କେହୁ ଆଣିଦେବ ହେ । ଶ୍ରୀ ଦେବ ୨୮

ଦୁଃଖୀ ହୋଇ ବସି ଥାଉଥିବୁଁ
ରଙ୍ଗ ବସନ ଭୂଷି ନୋହିବୁଁ
ନାନା ଅଳଙ୍କାର ବିହୁନେ ନିଦାଘ-
କାଳ ବୃକ୍ଷ ପରାଏ ହୋଇବୁଁ ହେ । ଶ୍ରୀ ଦେବ ।୨୯

ତୁମ୍ଭ ହୋଇ ରହିଲ କାହିଁକି
ଆମ୍ଭ ଆରତ ଶୁଣ ନାହିଁ କି ?
ନିଷ୍ଠୁର ହୃଦୟ କମାଇ ହେଉଛ
ସଙ୍ଗେ ଆମ୍ଭଙ୍କୁ ନେବ ନାହିଁକି ହେ । ଶ୍ରୀ ଦେବ ।୩୦

ତୁମ୍ଭ ଲାବଣ୍ୟ ଚନ୍ଦ୍ରମାମୁଖ
ଦେଖି ପାଉଥାଉଁ ହେତେ ସୁଖ
ସେ ସୁଖ ଆସି ଏବେ ଦୂର ହୋଇଲା
ଆମ୍ଭେ ଭୁଞ୍ଜିବୁଁ ଅନେକ ଦୁଃଖ ହେ । ଶ୍ରୀ ଦେବ ।୩୧

---

୨୯ । ରଙ୍ଗ...ନୋହିବୁଁ—ରଙ୍ଗବସ୍ତ୍ର ପିନ୍ଧିବା ବିଧବା ପକ୍ଷରେ ନିଷିଦ୍ଧ । ଭୂଷି ନୋହିବୁ—ଦେହକୁ ଅଳଙ୍କୃତ କରିବୁ ନାହିଁ; ନିଦାଘ—ଗ୍ରୀଷ୍ମ ।
୩୦ । ଆରତ— ଦୁଃଖ; ନିଷ୍ଠୁର—ନିର୍ଦ୍ଦୟ ।
୩୧ । ଲାବଣ୍ୟଚନ୍ଦ୍ରମା ମୁଖ—ଲାବଣ୍ୟମୟ ଓ ଚନ୍ଦ୍ରମାସଦୃଶ ସୁନ୍ଦର ମୁଖ ।

Digitized by srujan ka@gmail.com

ଶୋଣ୍ଡ ନନ୍ଦନେ ମଥୁରାପୁର
କାହ୍ନିଁ ଗଲେ ଛୋଡ଼ି ଯେତେ ଘର
ବନ୍ଧୁ ସହୋଦର ଗଜ ରଜକାଦ୍ୟ
ଘେନି ଚଳିଲ ଶମନପୁର ହେ । ଶ୍ରୀ ନାଥ । ୩୨

ଏତେ କହିଲ କନିଷ୍ଠ ରାଣୀ
ପୁଣି କାନ୍ଦନ୍ତି ସକଳ ରାଣୀ
ଧାଈ ମୃଦୁଫୁଲ୍ଲୀ ସଙ୍ଗତେ ଯେତେକ
ପଦେ ପଦେ କରି ଗୁଣ ଭଣି ସେ । କାମିନୀ ।୩୩

ଦାସୀମାନଙ୍କ ବଚନ ଶୁଣି
ଦୟାସାଗର ମୁରଲୀପାଣି
କାନ୍ଦିଲ ପରାଏ ହୋଇ ମାଈଁଙ୍କର
ମଧ୍ୟେ ହୋଇଲେ ବରଜମଣି ସେ । ଗୋବିନ୍ଦ ।୩୪

ବେନି କରେ ପୋଛନ୍ତି ନୟନ
ଚୁମ୍ବି ମାଈଁମାନଙ୍କ ବଦନ
ଦଇବ କି କଲା ବାରେ ନ ସହିଲା
କେଉଁ ଦୋଷକୁ କଲା ଏସନ ସେ । ବିଧାତା ।୩୫

---

୩୨ । ଶମନପୁର—ଯମପୁର ।
୩୩ । କନିଷ୍ଠରାଣୀ—ସାନରାଣୀ; ମୃଦୁଫୁଲ୍ଲୀ—ଦାସୀ; ଭଣି—କହି ।
୩୫ । ବଦନ—ମୁହଁ ।

Digitized by srujan ka@gmail.com

ତୁମ୍ଭମାନଙ୍କର କସ ଗଲା
ବୀରବର ମାମୁଁ ମୋର ମଲା
କାହିଁ ପଶିବ କେଣିକ ପଳାଇବ
ମୋତେ ଦଗ ଅନ୍ଧାର ଦିଶିଲା ହେ । ଦଇବ ।୩୬

କାଳ ଯାକ ଥିଲୁଁ ପର ଘରେ
ଗାଈ ଚରାଇ ନାନା କଷ୍ଟରେ
ସୁଖ ହୋଇ ଅନ୍ନ ଜଳ ନ ମିଳଇ
ଯାହା ଥିଲା ମୋହ ଅଦୃଷ୍ଟରେ ହେ । ଦଇବ ।୩୭

ମନେ ବିଚାରୁଥାଇ ମୋହୋର
ବଡ଼ ହେଲେ ଯିବ ମାମୁଁଘର
ସୁଖ ପାଇ ସବୁ ଦୁଃଖ ପାସୋରନ୍ତି
ଏବେ ଅଭାଗ୍ୟ କଲା ଅନ୍ତର ହେ । ଦଇବ ।୩୮

ବଡ଼ ଆଶାକରି ଆସିଥିଲି
ଆଶା ସମୁଦ୍ରେ ଭସାଇ ଦେଲି
ଏହି କଥା ହେଲା ମାଈଁମାନଙ୍କର
ବିଧବାରୂପ ଦେଖିଲି ହେ । ଦଇବ ।୩୯

---

୩୬ । ବୀରବର—ଶ୍ରେଷ୍ଠବୀର ।
୩୭ । ଅଦୃଷ୍ଟରେ—କପାଳରେ ।

Digitized by srujan ka@gmail.com

ମାମୁ ଗୁଣ ଅଛଇ ଯେତେକ
କହୁ ବସିଲେ ହେବ ଅନେକ
ତାତ ମାତଙ୍କୁ ଶାଙ୍କୋଳ ଦିଆଇଲା
ପୁଣ ମାଇଲା ଷଡ଼ ବାଳକ ହେ । ଦଇବ ।୪୦

ତାତ ନସତେ ଶ୍ବେଗଇ ନେଲା
ନନ୍ଦଘରେ ମୋତେ ଲୁଚ୍ଛଇଲା
ସେକଥା ଜାଣି ମାମୁଁ ମୋର ପୂତନା
ପେଷି ଥରେ ମୋତେ ସଙ୍ଖୋଳଲା ହେ । ଦଇବ ।୪୧

ପୁଣି ଶକଟା ତୃଣାବର୍ତ୍ତ ଗଲେ
ବକା ବ୍ୟୋମା ଅଘା ବତ୍ସା ଭୂଲେ
ମାତୁଳ ବୋଲେ ଥରେ ଥରେ ସଙ୍ଖୋଳି
ତାଙ୍କ ଉପକାର ସେତୁ କଲେ ହେ । ଦଇବ ।୪୨

ସେତୁ ଗୁଣ କେ ସୁଝି ପାରିବ
ଏହା ପରା ମାମୁ କେ ପାଇବ
ଆଜ ଯେତେ ଗୁଣ ଅଛୁ ତା କହୁଲେ
ତାହା କେ ଅବା କର୍ଣ୍ଣେ ଶୁଣିବ ହେ । ଦଇବ ।୪୩

---

୪୦ । ଶାଙ୍କୋଳ—ଶୃଙ୍ଖଳ, ବେଢ଼ି; ଷଡ଼—ଛଅ ।
୪୧ । ତାତ—ବାପା, ବସୁଦେବ; ସଙ୍ଖୋଳଲା—କୁଶଳ ସମାଚ୍ଛର ବୁଝିଲା ।
୪୨ । ଭୂଲେ—ସଙ୍ଗରେ; ମାତୁଳ—ମାମୁ ।

Digitized by srujan ka@gmail.com

ବଡ଼ ହେଲ ଯନ୍ତୁଁ ନନ୍ଦଘରେ
ମାମୁଁ ସ୍ନେହ କଲ୍ମ ମୋହଠାରେ
ଅକ୍ରୂରକୁ ପେଷି ଡକାଇ ଆଣିଲା
ସୁଖେ ରଖିବ ବୋଲି ବାସରେ ହେ । ଦଇବ ।୮୪

ଆଣି ଧନୁର ଗୋଟିଏ କଲା
ଗୋପେ ଥିଲା ଯେ ବହୁଣୀବଳା
କେଡ଼େ ଖାରପଣ ହେଲାଣି ଜାଣିମା
ବୋଲି ହସ୍ତୀ ଦ୍ୱାରେ ଜଗାଇଲ୍ମ ହେ । ଦଇବ ।୮୫

ଧାଇଁ ଧାଇଁ ଗଜ ପଡ଼ ମଲ୍ମ
ମୋହ ନାମରେ ଶବଦ ହେଲ୍ମ
ସେକଥା ଜାଣି ଭୋଜକୁଳ ନୃପତି
ମାଲଙ୍କର ସଙ୍ଗେ ଯୁଝାଇଲ୍ମ ହେ । ଦଇବ ।୮୬

ମାଲେ ମଲେ ତାଙ୍କ ଅଭାଗ୍ୟରେ
ରଜା ପ୍ରସନ୍ନ ହେଲ୍ମ ମୋହରେ
ଆନନ୍ଦ ହୋଇ ବାଜଣା ବଜାଇଲ୍ମ
ହସି ବସିଣ ମଞ୍ଚା ଉପରେ ହେ । ଦଇବ ।୮୭

---

୪୪ । ବାସରେ—ଘରେ ।
୪୫ । ବହୁଣୀବଳା—ଭଉଣୀର ପୁଅ, ଭଣ୍ଜା ।
୪୬ । ପ୍ରସନ୍ନ—ସନ୍ତୁଷ୍ଟ ।

Digitized by srujan ka@gmail.com

ମୂର୍ତ୍ତି ବସ୍ତ୍ରର କଲଇଁ ମନେ
ପୁର ଅଛନ୍ତି ସ୍ୱଜନମାନେ
ତଳେ ଥାଇ ଯେବେ ଦର୍ଶନ କରିବ
ମାମୁ ଅସୂଖ ଧରିବେ ମନେ ଯେ । ନୃପତି ।୪୮

ଈଶା ବଢିବ ଏମନ୍ତ କଲେ
ଇନ୍ଦ୍ର ଡରଇ ଯାକୁ ଦେଖିଲେ
ତାହାର ଭଣଜା ତଳେ ଜନ୍ମ ହୋଇ
ଅଛି, ଏମନ୍ତ ବୋଲିବେ କାଳେ ହେ । ଦଇବ ।୪୯

ଏହା ଜାଣି ଉପରକୁ ଗଲା
ରାଜା ପାଶେ ପ୍ରବେଶ ହୋଇଲା
ସ୍ନେହ କରି ମାମୁଁ ଧରିବା ବେଳକୁ
ଶିଶୁ ସିନା, ଡରି ଘୁଞ୍ଚିଗଲା ହେ । ଦଇବ ।୫୦

ଧାଇଁ କୋଳ କରନ୍ତେ ବହନ
ଦୁହେଁ ପଡ଼ିଲୁ ମଞ୍ଚା ତଳେଣ
ସୁକୁମାର ସିନା ଦୁର୍ମିଳା ନନ୍ଦନ
ଝଞ୍ଜୁ ପଡ଼ନ୍ତେ ଗଲା ଜୀବନ ହେ । ଦଇବ ।୫୧

---

୫୧ । ବହନ—ଚଞ୍ଚଳ, ଶୀଘ୍ର; ଦୁର୍ମିଳାନନ୍ଦନ – ଦୁର୍ମୈଳାର ପୁଅ କଂସ ।

Digitized by srujan ka@gmail.com

ମୋର ଅଭାଗ୍ୟକୁ ଏହା ହେଲା
ତୁମ୍ଭମାନଙ୍କର କଷ୍ଟ ଗଲା
ନେକେତେ ସମ୍ପତ୍ତି ବଉଭୋଗ କରନ୍ତୁ
ଛାହା ମନ୍ଦ ବନ୍ଧୁ ନ ସହିଲା ଗୋ । ସୁମୁଖୀ ।୫୨

କାହା ଖାଇବା ଅନ୍ନ ଫିଙ୍ଗିଲା
ଶିବଲିଙ୍ଗ କ ଅବା ଭାଙ୍ଗିଲା
ଏଣୁକର ସିନା ଆଶା ନାଶ ଗଲା
ପାମ୍ବଛେଳକ୍ତ ଦଶା ପାଇଲା ହେ । ଦଇବ ।୫୩

କୃଷ୍ଣ କାନ୍ଦିବା ଦେଖି ସକଳେ
ବୁଡ଼ିଗଲେ ମହା ଦୁଃଖଜଳେ
ରାଣୀମାନେ ଭୂମି ହୋଇଣ ରହିଲେ
ମୃତ୍ୟୁ ପିଣ୍ଡ ଗ୍ରୁଡ଼ ଛଡ଼ବାଲେ ସେ । କାମିନୀ ।୫୪

କୃଷ୍ଣ ଉପରେ ଥୋକେ ନବର୍ତ୍ତି
ଥୋକେ କର୍ମ ଆଦର ତ୍ରୁଟି
ଥୋକେ ଶ୍ୟାମ ନବ ଲାବଣ୍ୟ ମୂରତି
ନେତେ ଦେଖିଣ ହୋଇଲେ ଶାନ୍ତ ସେ । କାମିନୀ ।୫୫

୫୩ । ପାମ୍ବ ଛେଳକ୍ତ—ଯାହାର ପାମ୍ବ ନାହିଁ । (ଷୋଡ଼ଶ ବାଉ ଛେଳିକି, ମାଈ ଛେଳକ୍ତ) ।
୫୫ ନବର୍ତ୍ତି—ନବୃଦ୍ଧ ହୋଇ ।

Digitized by srujan ka@gmail.com

ଗୃହଭିତରେ ପଶିଲେ ଯାଇ
କାନ୍ତ ସ୍ୱରୂପ ମନରେ ଥୋଇ
ନନ୍ଦର ନନ୍ଦନ କଂସ କଳେବର
ଅଗ୍ନିମୁଖେ ଦହନ କରାଇ ସେ । ଗୋବିନ୍ଦ ।୫୬

ଉଗ୍ରସେନଙ୍କୁ ନୃପତି କଲେ
ମାତା ପିତା ବନ୍ଧନ ଫେଡ଼ିଲେ
ନନ୍ଦ ଯଶୋଦାଙ୍କୁ ମେଲାଣି କରଣ
ସୁଖେ ମଧୁ କଟକେ ରହିଲେ ସେ । ଗୋବିନ୍ଦ ।୫୭

ନାନା କଉତୁକ ଲୀଳାମାନ
କରି ବିହରନ୍ତି କୃଷ୍ଣ ରାମ
କେତେ ଦିନେ ପୁଣ କୁବୁଜା ପୁରକୁ
ନନ୍ଦନନ୍ଦନ କଲେ ଗମନ ସେ । ଗୋବିନ୍ଦ ।୫୮

ରାଜ୍ୟ ହୋଇଲା ଯହୁଁ ତାଙ୍କର
ଉଗ୍ରସେନଙ୍କୁ କଲେ ଈଶ୍ୱର
ରାସକାଳେ କଂସ-ନାରୀମାନେ ଡରେ
ଗଲେ ଜରାସନ୍ଧ ରାଜା-ପୁର ସେ । କାମିନୀ ।୫୯

---

୫୬ । କାନ୍ତ ସ୍ୱରୂପ—ସ୍ୱାମୀର ରୂପ ।
୫୭ । ମଧୁ କଟକ—ମଧୁପୁର, ମଥୁରା ।
୫୮ । କୁବୁଜା—ମଥୁରାର କୁରୂପା ରମଣୀ ବିଶେଷ । ଶ୍ରୀକୃଷ୍ଣଙ୍କ ଦୟାରୁ ସେ ସୁନ୍ଦରୀ ନାରୀରେ ପରିଣତ ହୋଇଥିଲା ।
୫୯ । ଈଶ୍ୱର—ରାଜା; ଜରାସନ୍ଧ—ରାଣୀମାନଙ୍କର ପିତା ।

Digitized by srujan ka@gmail.com